

# ଦୁଇଟି ଆଖି

ଶ୍ରୀ ନିତ୍ୟାନନ୍ଦ ମହାନ୍ତି

ପ୍ରକାଶକ
ରାଧାମୋହନ ପୁସ୍ତକାଳୟ
ବାଲୁବଜାର, କଟକ ୨

ପ୍ରଥମ ପ୍ରକାଶ
୧୯୫୦
ଏକଟଙ୍କା ଚାରିଅଣା

ମୁଦ୍ରାକର
ଲକ୍ଷ୍ମୀନାରାୟଣ ପ୍ରେସ
କଟକ

କୃତୀ କଥାକାର କମଳାକାନ୍ତଙ୍କ

କରକମଳରେ—

—ଲେଖକ—

## କୃତଜ୍ଞତା

ମୋର "ଦୁଇଟି ଆଖି"କୁ ଜଗତର ଆଖି ଆଗକୁ ଆଣିବାରେ ଲକ୍ଷ୍ମୀନାରାୟଣ ପ୍ରେସ ଏବଂ ରାଧାମୋହନ ପୁସ୍ତକାଳୟ ମୁଖ୍ୟତଃ ଦାୟୀ । ସେମାନଙ୍କର ସାନୁଗ୍ରହ ମୁଦ୍ରଣ ଏବଂ ପ୍ରକାଶନ ନିମନ୍ତେ ମୁଁ କୃତଜ୍ଞତାପାଶରେ ଆବଦ୍ଧ ।

—ଲେଖକ

ନଂ ୩୪୯
ତା ...........

## ମୁକ୍ତି ପ୍ରତୀକ୍ଷାରେ

ଲେଖକଙ୍କର—

୧ । ମାୟା-ମରୀଚିକା

୨ । ଚଞ୍ଚଳ ବାଳି

୩ । ଦ୍ୱିଭୁଜ

## —ପ୍ରଥମ—

ଜଗତପୁରରେ ମଟର ଆଣି ଛାଡ଼ିଲାବେଳକୁ ଆସାନ୍‌ସୋଲ୍ ଗାଡ଼ି ଆସିବାକୁ ଆହୁରି ଅଛି ପକ୍କା ଦେଢ଼ଘଣ୍ଟା । ମହାନଦୀ ବଢ଼ି ଦୁ'କୂଳ ଖାଉଛି, ଏପଟ ଆନକଟକୁ ମାଡ଼ିମକଚି ଚାଲିଛି ମହାନଦୀର ପ୍ରଖର ସୁଅ । ତେଣୁ ନଈବାଟେ ପାରିହୋଇ କଟକ ଆସିବା ବିଡ଼ମ୍ବନା । ଆସାନ୍‌ସୋଲ୍‌କୁହିଁ ଅପେକ୍ଷା କରିବାକୁ ପଡ଼ିବ, ଅନ୍ୟ କିଛି ଉପାୟ ନାହିଁ କିନ୍ତୁ ଏ ଦୀର୍ଘ ଦେଢ଼ଘଣ୍ଟାକାଳ କଟିବ କେମିତି ? ଅସହ୍ୟ ଅପେକ୍ଷା !

ମଟରରେ ଆସିବା ସମୟରେ ଯେଉଁ ଦୁ'ଜଣଙ୍କ ସାଙ୍ଗେ ଆଳାପ-ପରିଚୟ ହୋଇଥିଲା, ସେମାନେ ବାଟରୁ ବିଦାୟ ନେଇ ସାରିଥିଲେ । ନିର୍ଜ୍ଜନ ଜାଗାରେ ନିଃସଙ୍ଗ ଜୀବନ ଭାରି ଖରାପ ଲାଗିଲା ।

ଗୋଟାଏ ହୋଟେଲର ନଡ଼ନଡ଼ିଆ ବେଞ୍ଚ ଉପରେ ବସି କ'ଣ କରିବି ଭାବୁଛି, ଷୋଳ-ସତର ବର୍ଷର ଟୋକାଟିଏ ମୋ

ପାଖରେ ଆସି ଠିଆ ଠିଆ ହେଲା । ତା' ଆଡ଼କୁ ଚାହିଁଲାରୁ ପଚାରିଲା, "ଆପଣଙ୍କ ପକେଟରେ ସମାଜ୍ଟ ବୋଧହୁଏ ?"

କହିଲି, "ହଁ ।"

"ଟିକଏ ଦେଇ ପାରିବେ କ ?"

"ହଁ, ହଁ, ଦେଇପାରିବି ନ କାହିଁକି ? ଆପଣ ଏକ-ବାରେ ନେଇ ପଢ଼ନ୍ତୁ—ମୁଁ ଖବର କାଗଜଟା ପଢ଼ି ସାରିଛି ।"

"ନା, ନା, ମୋ'ର ଏକବାରେ କ'ଣ ହବ ? ମୁଁ ଟିକଏ ଦେଖି ଦେଇଦେବି । ଆପଣଙ୍କର ବୋଧହୁଏ ଆସାନ୍‌ସୋଲ୍‌କୁ ଅପେକ୍ଷା—"

"ହଁ, ଗାଡ଼ି କେତେବେଳେ ଆସୁଛି ?"

"ଏଇ ସାତଟା—"

ଚମକି ପଡ଼ିଲି । ତା'ହେଲେ ପୂରା ଦୁଇଘଣ୍ଟା ! ପଚାରିଲି, "ଏଇ ସାତଟା କଣ କହିଲେ ? ଠିକ୍ ଟାଇମ୍‌ଟା କହିପାରିବେନି ବୋଧହୁଏ ?"

ସମାଜରୁ ଆଗ୍ରହ ଆଖିଟା କାଢ଼ି ସେ କହିଲା, "ହଁ, ପ୍ରାୟ ସାତଟା—"

ଆଶ୍ଚର୍ଯ୍ୟ ହେଲି ପିଲଟିର କଥାଭଙ୍ଗୀରେ । ଠିକ୍ ସମୟ କହିବାକୁ ଅକ୍ଷମ, ଅଥଚ ସେଇ 'ସାତଟା' ଛାଡ଼ିବାକୁ ଏକବାର ନାରାଜ ।

ବ୍ୟସ୍ତହୋଇ ମୁଁ ଉଠି ଠିଆହେଲି ।

ସେ କହିଲା, "ତା'ହେଲେ ଆପଣ ପ୍ଲାଟ୍‌ଫର୍ମ୍ ଉପରକୁ ଆସନ୍ତୁ । ଏଠି ଅପରିଷ୍କାର ଜାଗାଟାରେ ବସି କାହିଁକି କଷ୍ଟ ପାଇବେ ? ପ୍ଲାଟ୍‌ଫର୍ମ୍ ଉପରେ ଖୋଲା ଜାଗା, ଖୋଲା ହାଉଆ । ଜଳଖିଆ କରିବେ ଯଦି ସେ'ଠାକୁ ସାରିଦେଇ ଆସନ୍ତୁ ।"

ଘରୁ ଅବେଳାରେ ଭାତ ଗଣ୍ଡାଏ ଖାଇ ଆସିଥିଲି, ପେଟଟା କେମିତି ଚକଟି ମକଟି ହଉଥାଏ । ଖାଇବାରେ ଟିକିଏ ହେଲେ ଆଗ୍ରହ ନଥାଏ । ପୁଣି ଜଗତପୁର ଭଳିଆ ଜାଗାରେ ପଇସା ଦେଇ ବିଷ ଖାଇବାକୁ ମୁଁ ଆଦୌ ଚେଷ୍ଟା କଲିନାହିଁ । କହିଲି, "ଚାଲନ୍ତୁ—ମୋର କିଛି ଖାଇବାର ନାହିଁ ।"

ସାଙ୍ଗରେ ମୋର ଗୋଟିଏ ଖାଲି କିରାସିନି ଟିଣ, ଛୋଟ ପୁଡ଼ିଆଟିଏ ଏବଂ ଛତାଖଣ୍ଡେ । ସବୁ ଧରି ବାହାରିଲି ।

"ଏ କ'ଣ ଆପଣ କଲେ ? କୁଲିଆ କେତେ କଷ୍ଟ କରିବାକୁ ଯାଉଛନ୍ତି କାହିଁକି ?"

ଆଶ୍ଚର୍ଯ୍ୟ ହୋଇ କହିଲି, "ଏ ଜିନିଷଗୁଡ଼ା ଯେ ମୋର—"

"ତା ବୁଝିଲି ଯେ, କିନ୍ତୁ ମୁଁ ତ ସେଥିରୁ ଅନ୍ତତଃ ଗୋଟିଏ ଜିନିଷ ଧରି ନିର୍ବିଘ୍ନରେ ଆପଣଙ୍କ ସାଙ୍ଗେ ଯାଇ-ପାରନ୍ତି । ଧରନ୍ତୁ, ଏଇ ପୁଡ଼ିଆଟା—ଏଇଟାକୁ ତ ମୁଁ ବେଶ୍ ନେଇପାରିବି ।"

ମୁଁ କୌଣସି କଥା କହିବା ଆଗରୁ ସେ ପୁଡ଼ିଆଟି ଧରି ମୋ ଆଗେ ଆଗେ ଚାଲିଲା ।

କହିଲି, "ଆପଣ ମୋ ପାଇଁ ବଡ଼ କଷ୍ଟ ଭୋଗିଲେ କୋ ! ସମାଜ ପଡ଼ାର ଦାମଟାକୁ ସାଙ୍ଗେ ସାଙ୍ଗେ ନିକାଶ୍ କରିଦେଲେ ।"

ସେ ହସି ହସି କହିଲା, "ସେ ଦୃଷ୍ଟିରୁ ଆପଣଙ୍କ ଉପରେ ଓଲଟି ପାଉଣା ହୋଇଯିବ ଆଜ୍ଞା ।"

ଟିକିଏ ଲଜ୍ଜିତ ହେଲି । ପୁଣି ହସିଉଠି କହିଲି, "ହଉ ଚାଲନ୍ତୁ । ଆପଣଙ୍କୁ ଅସଂଖ୍ୟ ଧନ୍ୟବାଦ ।"

ବର୍ଷା ଏକବାରେ ଛାଡ଼ିଯାଇ ଆକାଶ ନିର୍ମଳ ହୋଇ-ଯାଇଥାଏ । ବାରୁଣୀ କୋଳରେ କ୍ଳାନ୍ତ ସୂର୍ଯ୍ୟଦେବତା ଢଳି ପଡ଼ିଲେଣି । ଡାଆଣିଆ ଖରାଟା ଜଗତପୁର ପ୍ଲାଟ୍‌ଫର୍ମ୍‌ରେ ବିଛେଇ ହୋଇ ପଡ଼ିଛି । ଜନଷଫନ ରଖି ଦୁଇଜଣଯାକ ଗୋଟିଏ ବେଞ୍ଚରେ ବସିଲୁ । ମହାନଦୀର ସୁଲୁସୁଲିଆ ପବନ ଦେହମୁଣ୍ଡରେ ଖେଳି ବୁଲୁଥାଏ ।

କଥାଭାଷାରୁ ବୁଝିଲି ଯେ ସେ ଜଣେ ସ୍ଥାନୀୟ ମଝିରି ବ୍ୟବସାୟୀଙ୍କ ପୁଅ । ସମାଜ ପଢ଼ାରେ ବିଶେଷ ଆଗ୍ରହ ଦେଖି ମୁଁ ଉଠି କହିଲି, "ମୁଁ ଏଇଠି ଟିକିଏ ଚାଲ୍‌ବୁଲ୍ କରୁଛି, ଆପଣ ଏକୁଟିଆ ସମାଜ ପଢ଼ୁଥାନ୍ତୁ ।"

ଅଳ୍ପ ହସି ସେ ସମ୍ମତି ଜଣାଇଲେ ।

ନିର୍ଧାରିତ ଖବର ବୁଝିଲି ଯେ ଆସାନ୍‌ସୋଲର ସମୟ ସାଢ଼େଛ'ଟା । ପନ୍ଦର ମିନିଟ୍ ପରେ ବେଞ୍ଚରେ ଆସି ବସିଲି । ପଚାରିଲି, "ସମାଜ ପଢ଼ା ସରିଲା ?"

ସେ ହସହସ ହୋଇ ମୋ ମୁହଁକୁ ଚାହିଁଲେ । ପଚାରିଲି, "ଆପଣଙ୍କର ଆଉ ଯିବାକୁ କେତେ ଡେରି ?"

"ଅଧ ଘଣ୍ଟା ।"

"ତା'ହେଲେ ଆପଣଙ୍କର ଜଗତପୁର ଛାଡ଼ିବା ନିକଟ ହୋଇଗଲା । ଟିକଟ୍ କଲେଣି ?"

ଟିକଟ୍ ନ କରିଥିବାର ଜାଣି ସେ ଉଠି ଠିଆହେଲେ । ସମାଜଟା ବେଞ୍ଚ ଉପରେ ରଖିଦେଇ ସେ କହିଲେ, "ଆଜି-କାଲି ଗାଡ଼ିରେ ଭାରି ଭିଡ଼ । ଟିକଟ୍‌ଟା ଆଗରୁ ପାଖରେ ରଖି ପ୍ରସ୍ତୁତ ହୋଇ ରହିଥିବା ଦରକାର"—କହି କହି ସେ ବୁକିଙ୍ଗ୍ ଅଫିସ୍ ଆଡ଼କୁ ଚାଲିଲେ ।

ପଛରୁ ଡାକ କହିଲି, "ପଇସା ଛାଡ଼ିଗଲେ ଯେ—"

ଫେରିପଡ଼ି ସେ କହିଲା, "ପଇସା ତ ଠିକ୍ ମୋ ପକେଟ୍‌ରେ ଅଛି, ଛାଡ଼ିଲି କେଉଁଠି ?"

ଲୋକଟାର ଆତ୍ମୀୟତାରେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ଅଧ ଘଣ୍ଟାକ ଭିତରେ ମଣିଷ କେମିତି ଜଣେ ସଂପୂର୍ଣ୍ଣ ଅପରିଚିତକୁ ଏତେ ଆପଣାର କରିପାରେ ? ନା ଏ କଣ ବିଶୁଦ୍ଧ ଭଦ୍ରତା ? ଯା' ଭିତରେ କ'ଣ କିଛି ମମତା ନାହିଁ ? ନିଜ ଭିତରକୁ ଚାହିଁଲି; ମୋ'ଠି ଏମିତି କି ଅଧିକ ଉପାଦାନ ଅଛି, ଯେଉଁଥିରେ କି ଜଣେ ଆଗନ୍ତୁକ ମୋତେ ଏତେ ହଠାତ୍ ଆପଣାର କରିପାରେ ?

ପାଖରେ ଆସି ବସିଲାରୁ କହିଲି, "ଆପଣଙ୍କର ଆତ୍ମୀୟତାରେ ମୁଁ ବିଶେଷ କୃତଜ୍ଞ କିନ୍ତୁ ଆପଣଙ୍କର ଆତ୍ମୀୟତାର ପାତ୍ର ମୁଁ ଯେ କାହିଁକି ଓ କେମିତି ହୋଇ-ପାରିଲି—ଏଇକଥା ଭାବି ମୋତେ ଭାରି ଆଶ୍ଚର୍ଯ୍ୟ ଲାଗୁଛି ।

ହସି ହସି ସେ କହିଲା, "ନା ଆଜ୍ଞା, ଏଟା ଆଉ ଆତ୍ମୀୟତା କଣ ? ମୋ ଭଳି ଲୋକ ଆପଣଙ୍କଠାରେ ଆତ୍ମୀୟତା ଦେଖାଇବା ଗୋଟାଏ ବିରାଟ ଆସ୍ପର୍ଦ୍ଧା । ଏଟା ତ ଗୋଟାଏ ସାଧାରଣ ଭଦ୍ରତା । ମଣିଷ ମଣିଷ ଭିତରେ ଏଭଳି ଗୋଟାଏ ଯୋଗସୂତ୍ର ରହିଛି ଯେ ସେ ସବୁବେଳେ ଅନ୍ୟ ସାଥିରେ ମିଶିବାକୁ ଚାହେଁ, ଅନ୍ୟର ସୁଖ ଦୁଃଖରେ ବାଣ୍ଟି ନେବାକୁ ବସେ । ଅଜଣା ଅଚିହ୍ନା କଥାକୁ ସେ ବେଶୀ ସମୟ ସହ୍ୟ-କରିପାରେ ନାହିଁ ।"

ମନେ ମନେ ଭାବିଲି, ପିଲାଟିର ତ ବୁଦ୍ଧି ବେଶ୍ । କହିଲି, "କିନ୍ତୁ ମୁଁ ଭାରି ଲଜ୍ଜିତ ଯେ ଆପଣଙ୍କର ନାମଟା ଏପର୍ଯ୍ୟନ୍ତ ଜାଣିପାରିଲି ନାହିଁ ।"

"ନା, ନା, ସେଥିରେ ଲଜ୍ଜା କଣ ? ମୋ ନାଁ ଚନ୍ଦ୍ରକାନ୍ତ ।"

ନାଁଟି ଶୁଣି ଖୁବ୍ ଆନନ୍ଦ ଲାଗିଲା । କହିଲି, "ଆପଣଙ୍କର ବାପ ମା ନାଁଟି ଖୁବ୍ ବାଛି ବାଛି ଦେଇଛନ୍ତି । ଆପଣଙ୍କ ଚେହେରାକୁ ନାଁଟି ଖୁବ୍ ଖାପ୍ ଖାଇଛି ।"

ଦୂର ଦିଗ୍‌ବଳୟ ଧୂମାୟିତ ହୋଇ ଉଠିଲା । ଆସାନ୍‌ସୋଲ ଯାତ୍ରୀମାନେ ଯେଝା କାମ ଛାଡ଼ି ତତ୍ପର ହୋଇଉଠିଲେ । ସେଇ ଆସାନ୍‌ସୋଲ ଗାଡ଼ି ଆଡ଼େ ସମସ୍ତଙ୍କର ଆଖି ।

ଚନ୍ଦ୍ରକାନ୍ତ ଚଞ୍ଚଳ ହୋଇ ଉଠିଲା । କହିଲା, "ଆପଣ ଆଗେ ଆଗେ ଉଠିଯିବେ, ମୁଁ ପରେ ଜିନିଷଗୁଡ଼ାକ ଆପଣଙ୍କୁ ବଢ଼ାଇ ଦେବି—ଆଜିକାଲି ଗାଡ଼ିରେ ଭାରି ଭିଡ଼ ।"

ଗୁହୁଁ ଗୁହୁଁ ସମଗ୍ର ପ୍ଲାଟ୍‌ଫର୍ମ୍‌ଟା କମ୍ପାଇ ଆସାନ୍‌ସୋଲ୍ ଗାଡ଼ି ଜଗତପୁର ଷ୍ଟେସନ୍‌ରେ ଆସି ଠିଆହେଲା ।

ଦେଖିଲି ଚନ୍ଦ୍ରକାନ୍ତ ଯାହା କହୁଥିଲା ସତ । ଲୋକମାନେ ଗାଡ଼ି ଭିତରେ ସ୍ଥାନ ନ ପାଇ ରେଲ୍‌ଡବା କଡ଼ ରେଲିଙ୍ଗ୍‌କୁ ଧରି ଝୁଲି ଝୁଲି ଆସିଛନ୍ତି । ଭୟଙ୍କର ଭିଡ଼ । ଡବା ଦୁଆରମୁହଁ ଏତେ ଯାମ୍ ଯେ ତା' ଭିତରେ ବାଟକରି ଭିତରକୁ ଯିବା ଗୋଟାଏ ଦୁଃସାହସ । ଭିତରକୁ ଗଲେ ବି ଟିକିଏ ଠିଆହବାପାଇଁ ଜାଗାର ଅଭାବ—ବସିବା ତ ଦୂରର କଥା ।

ଚନ୍ଦ୍ରକାନ୍ତ କାଖରେ ଛତାଟା ଯାକ ମୋ ଜିନଷ ଦି'ଟାକୁ ଦି ହାତରେ ଧରି ଦୌଡ଼ିଲା ।

ପାଖକୁ ଯାଇ କହିଲି, "ଚନ୍ଦ୍ରକାନ୍ତ ବାବୁ, ଆପଣ ମୋ ପାଇଁ ଖୁବ୍ କଷ୍ଟ ଭୋଗିଲେ ସତ କିନ୍ତୁ ମୁଁ ତାଳଚେର୍ ଗାଡ଼ିରେ ଯିବି ।"

ଚନ୍ଦ୍ରକାନ୍ତ ଗମ୍ଭୀର ହୋଇ କହିଲା, "ଯେଉଁମାନେ ଆଜି ଝୁଲିକରି ଆସିଛନ୍ତି, ସେମାନଙ୍କ ଅପେକ୍ଷା ଆପଣଙ୍କର ଯିବାଆ ଆତୁର ଜରୁରୀ, ଏଇ ଆସନ୍ତୁ, ଏଇ ଡବାକୁ ଉଠନ୍ତୁ ।"

"ଏଁ, ଏଟା ଯେ ଫିମେଲ୍ !"

"ତା' ବୁଝିଛି, କିନ୍ତୁ ଦୁଆରମୁହଁରେ ଏ ଯୋଉଗୁଡ଼ାକ ଠିଆ ହୋଇଛନ୍ତି, ସେ କୋଉ ଫିମେଲ୍ ? ଆତୁରି ତ ଭିତରକୁ ଏମିତି କେତେ ଥିବେ । ଆପଣ ଡେରି କରନ୍ତୁ ନାହିଁ, ଉଠନ୍ତୁ ଶୀଘ୍ର ।"

ସମସ୍ତ ଯୋର୍ ଖଟେଇ ଭିତରକୁ ଆସିଲି । ମୋ ହାତକୁ ଜିନଷ ବଢ଼େଇଦେଇ ଚନ୍ଦ୍ରକାନ୍ତ ବି ମୋ ପଛେ ପଛେ ଆସି ଠିଆହେଲା ।

"ଏ କ'ଣ ଆପଣ ଆସିଲେ ଯେ !"

"ହଁ ମୁଁ ପରା ଆପଣଙ୍କ ସଙ୍ଗେ ଯିବି ।"

"ମିଛ—"

"ହଉ, ତା' ହେଲେ ସେଇଆ ।"

ଟ୍ରେନ୍ ଛାଡ଼ିବାର ଶେଷଘଣ୍ଟା ବାଜିଉଠିଲା । ଚନ୍ଦ୍ରକାନ୍ତ କାନ ପାଖରେ ଚୁପ୍‌ଚୁପ୍ କରି କହିଲା, "କଟକ ଷ୍ଟେସନ୍‌ରେ ଯେପରି ଓହ୍ଲାଇବେ ନିଶ୍ଚୟ; ଭିଡ଼କୁ ଡରି ବାରଙ୍ଗ ପର୍ଯ୍ୟନ୍ତ ଯିବାକୁ ଚେଷ୍ଟା କରିବେ ନାହିଁ ।"

ମୁଁ ତା' କଥାରେ ହୋ ହୋ ହୋଇ ହସି ଉଠିଲି । ଗାଡ଼ିର ସମସ୍ତ ମହିଳା ଯାତ୍ରୀଗୁଡ଼ିକ ଆମ ଦିହିଁଙ୍କ ଆଡ଼କୁ ଅନେଇ ରହିଲେ ।

ଆମ ଦି'ଜଣଙ୍କ ଆଚରଣରେ ମୁଁ ବଡ଼ ଲଜ୍ଜିତ ହେଲି । ଚନ୍ଦ୍ରକାନ୍ତକୁ ଆଲିଙ୍ଗନ କରି କହିଲି, "ଜମା ଭୁଲି ଯାଇବ ନାହିଁ ଚନ୍ଦ୍ରକାନ୍ତବାବୁ !"

ସେ ନମସ୍କାର କରି ବିଦାୟ ନେଲା । ଚିଠି ଖଣ୍ଡେ ଦେବାକୁ ବାରମ୍ବାର ତାଗିଦା କରିଗଲା ମଧ୍ୟ ।

ଗାଡ଼ି ଛାଡ଼ିଲା । ଜଣେ ବୁଢ଼ୀଙ୍କ ପାଖରେ ଗୋଟିଏ ଲୁହାଖମ୍ବକୁ ଧରି ମୁଁ ଠିଆ ହୋଇ ରହିଲି । ସହଯାତ୍ରୀ-ମାନଙ୍କ ଉପରେ ଆଖି ବୁଲେଇ ନେଇ ସାରିଲା ପରେ ଦେଖିଲି —ଗୋଟାଏ ଜାଗାରେ ମୋର ସମସ୍ତ ଦୃଷ୍ଟି କେନ୍ଦ୍ରୀଭୂତ ।

ନେଳିଆ ଆକାଶରେ ପୁନେଇଁ ଜହ୍ନ ଭଳି ଖଣ୍ଡେ ନେଳିଆ ଶାଢ଼ୀର ଆବରଣ ଭିତରେ ଗୋଟିଏ ଲାବଣ୍ୟଭରା ମୁହଁ—ତା'ରି ଭିତରେ ଯୋଡ଼ିଏ କଳାକଳା ଡୋଳା ଭାସମାନ—ସମୁଦ୍ର ଭିତରେ ଖଣ୍ଡିଏ ଡଙ୍ଗା ଭଳି ।

ଚୂରୁ-ଚଞ୍ଚଳ ଆଖି ସାଙ୍ଗକୁ ତାଙ୍କର ଖଣ୍ଡାଧାର ନାକ, ଡାଳିମ୍ବ ଦାନ୍ତ, ଚମ୍ପାକଢ଼ ଆଙ୍ଗୁଠି ଏବଂ ଗହଳିଆ ଗଭା—ସମସ୍ତ ଗୋଟିଏ ଗୋଟିଏ ସୁଷମାର କେନ୍ଦ୍ର । ଆଖିର ସୌନ୍ଦର୍ଯ୍ୟକୁ ଏଗୁଡ଼ିକ କରିଛନ୍ତି ଦୁଇଗୁଣ ।

ସେ କିଏ ? ମୁଁ ତ ଚିହ୍ନେନା ! ଚନ୍ଦ୍ରକାନ୍ତ ସାଥିରେ ଗପ କରୁଥିବାବେଳେ ସେଇ ଚାହାଣିଟା ମୋ ଆଖି ଆଗରେ ଉଙ୍କି ମାରୁଥିଲା ।

ସେଇ ଢେଲା ଚାହାଣିଭରା ଆଖି ସାଥିରେ ମୋ ଆଖି ଗୋଟାଏ ଜ୍ୟାମିତିକ ବିନ୍ଦୁ ପରି ମିଳିଗଲା । ମୁଁ ଚାହେଁ, ସେ ଚାହାନ୍ତି । ସେ ଚାହାନ୍ତି, ମୁଁ ଚାହେଁ । ସେ ଚାହାଣିର ପରୀକ୍ଷା କରିବାପାଇଁ ମୁଁ ଇଆଡେ଼ ସିଆଡେ଼ ଚାହିଁ ଦେଖେ—ସେ ମୋତେ ଚାହିଁଛନ୍ତି ଗୋଟାଏ ଆଗ୍ରହପ୍ରାପ୍ତ ଆଖିରେ ।

ଆଉ ସେ ? ସେ ବି ମୋର ଭଲ ପରୀକ୍ଷା କରନ୍ତି ।

ମହାନଦୀ ପୋଲ ଉପରେ ଗାଡ଼ି ଆସି ପଡ଼ିଲା । କିଏ ଆନିକଟକୁ, କିଏ ବତିକୁ ଚାହିଁବାରେ ବ୍ୟସ୍ତ । କିନ୍ତୁ ସେ—

ମୋର ଅଙ୍ଗ ପ୍ରତ୍ୟଙ୍ଗର ପ୍ରତ୍ୟେକ ସଂଚାଳନକୁ ମନୋଯୋଗ ସହକାରେ ନିରେଖିବାରେ ବ୍ୟସ୍ତ । ନଈବତିରେ ତାଙ୍କର ଆଗ୍ରହ ନାହିଁ କିମ୍ବା ଆନିକଟ ଉପରେ ମହାନଦୀର ଗର୍ଜନ ଦେଖିବାରେ ତାଙ୍କର ଉତ୍ସାହ ନାହିଁ ; ଆଉ ମୁଁ—

ମୁଁ ବି ତାଙ୍କର ସେଇ ଚାହାଣି ଭିତରେ ନିଜକୁ [illegible] ହଜାଇ । କାମଦେବର ଧନୁପରି ଭ୍ରୂଲତା ତାଙ୍କର [illegible] ସୁନ୍ଦର ! ତା'ରି ଭିତରେ କଳା ଭଅଁର ଡୋଳା [illegible] ଢଳଢଳ—କେଡ଼େ ଚଞ୍ଚଳ,-କେଡ଼େ ପ୍ରାଣମତାଣିଆ !

ଦେହସାରା ଗୋଟାଏ ବିଜୁଳି-ସୁଅ ଖେଳିଗଲା । ଆତ୍ମହରା ହୋଇ ସେଇ ଆଖିଆଡ଼େ ଚାହିଁ ରହିଲି । ମୁଁ ସ୍ଥିରଦୃଷ୍ଟିରେ ଚାହିଁଛି ଦେଖି ସେ ବେଳେବେଳେ ମୋ ଆଡ଼େ ଚାହିଁଦେଇ ଅନ୍ୟଆଡ଼େ ଚାହିଁ ରହନ୍ତି—କେତେବେଳେ ବା ପିଲାମାନଙ୍କୁ ସାବଧାନ କରି କୋଳକୁ ଟାଣି ଆଣନ୍ତି । କିନ୍ତୁ ଯେତେବେଳେ ଚାହାନ୍ତି—ଦେଖନ୍ତି ଯେ ମୋ'ରି ବ୍ୟାକୁଳ ଚାହାଣିଟା ଅପଲକ ନୟନରେ ତାଙ୍କରି ଆଖିକୁ କରିଛି ଅପେକ୍ଷା । ମୋତେ ସେଥିରେ

କ୍ଲାନ୍ତି ନାହିଁ, ଅବସାଦ ନାହିଁ, ଦେଶ-କାଳ-ପାତ୍ରର ଲକ୍ଷ୍ୟ ନାହିଁ ।

ମୁଁ ଯେଉଁଠି ଠିଆ ହୋଇଥିଲି, ସେଇଠୁ ତିନିଜଣଙ୍କୁ ଛାଡ଼ି ସେ ବସିଥାନ୍ତି । ସେଇ ଭୀଷଣ ଭିଡ଼ ଭିତରେ, ସେଇ ଗୋଟାଏ ଅବସ୍ଥାରେ ମୁଁ ହୋଇଥାଏ ଠିଆ—ସେଇ ଭସା-ଆଖିର ନିଶା କରିଥାଏ ମୋତେ ପାଗଳ । ସେ ଆଖିର ସୌନ୍ଦର୍ଯ୍ୟର ପଟାନ୍ତର ନାହିଁ—ସେ ରୂପଶ୍ରୀର ତୁଳନା ନାହିଁ ।

ସାଙ୍ଗରେ ତାଙ୍କର ଦୁଇଟି ପିଲା ଆଉ ଗୋଟିଏ ଝିଅ । ଝିଅଟି ସାନ ଝିଅ ନୁହେ । ପିଲା ଦୁଇଟି ନିଶ୍ଚୟ ତାଙ୍କର—ବୟସ ଚାରିବର୍ଷ ଭିତରେ କିନ୍ତୁ ଝିଅଟି ତାଙ୍କର ବୋଧହୁଏ କିଛି ସମ୍ପର୍କ ହେବ ।

ବଡ଼ ପିଲାଟି ଦୌଡ଼ିଗଲା ଝିଅ ପାଖକୁ—ମହାନଦୀ ଦେଖିବ ବୋଲି । ବେଞ୍ଚ ଉପରକୁ ଉଠିବାକୁ ମଧ୍ୟ ସାଙ୍ଗେ ସାଙ୍ଗେ ଚେଷ୍ଟା କଲା । ସେ ତାକୁ ଧରି ପାଖକୁ ଟାଣି ଆଣିଲେ ।

ମୁଁ ନିର୍ନିମେଷଦୃଷ୍ଟିରେ ତାଙ୍କରି ଆଡ଼େ ଚାହିଁଥାଏ । ସେ ଥରୁଟିଏ ଚାହିଁ ଆଖି ଫେରାଇ ନେଲେ—ଆଖିର ଭାଷା ତାଙ୍କର ଅକୁହା କଥାରେ ରହିଥିଲା ପୂରି ।

# ଦ୍ୱିତୀୟ

ମହାନଦୀ ପୋଲ ସରି ଆସିଲା । କଟକ ଯାତ୍ରୀ ସମସ୍ତେ ଚଞ୍ଚଳ ହୋଇ ଉଠିଲେ । ସେ ବି ଉଠିଲେ ଚଞ୍ଚଳ ହୋଇ । ମୋ ଆଡ଼େ ପୁଣି ଚାହିଁଲେ—ମୋର ସେହି କ୍ଲାନ୍ତିହୀନ ଦୃଷ୍ଟି ସେ ଆଖି ଫେରାଇ ନେଲେ ।

ଏଇପରି ଆଖିର ମିଳନ ଓ ହୃଦୟର ଆକର୍ଷଣ ଭିତରେ କଟକ ଷ୍ଟେସନ ହେଲା । ମୁଁ ସେଇପରି ସ୍ଥିର, ଅଚଞ୍ଚଳ ।

ମୋର ବାଟଦେଇ ତାଙ୍କୁ ଯିବାକୁ ହେବ । ମୁଁ ଝରକା ପାଖରେ ବସିଥିଲି, କ'ଣ ତାଙ୍କୁ କହିଲି । ବୁଝିଲି, ତାଙ୍କର କେହି ଆସିଛନ୍ତି ।

କୁଲି ଆସି ତାଙ୍କ ଜିନଷ ନେଇଗଲା । ତାଙ୍କର ପିଲା ଓ ବଡ଼ ଝିଅଟି ଆଗେ ବାହାରିଗଲେ । ତା'ପରେ ସେ ଗଜଗତିରେ ଲୀଳାୟିତ କରି ବାହାରିଲେ—ପ୍ରତି ପଦକ୍ଷେପରେ ସେଥିରୁ ଉଠୁଥାଏ ଫୁଟି

ମୋର ଦୁଇଟା ଦୀର୍ଘ ନିଶ୍ୱାସ ତାଙ୍କ କପାଳରେ ବାଜି ଚୂର୍ଣ୍ଣକେଶ ତାଙ୍କର ଥରି ଉଠିଲା । ସେ ମୋ ଆଡ଼େ ସ୍ଥିର ଦୃଷ୍ଟିରେ ଚାହିଁଲେ—ଆଖିରେ ପଲକ ନାହିଁ । କ'ଣ କହିବେ କହିବେ ବୋଲି ଓଠଟା ତାଙ୍କର ଯେମିତି କମ୍ପି ଉଠିଲା । ଆଖି ଫେରାଇ ସେ ଅଗ୍ରସର ହେଲେ ।

ମୁଁ ତାଙ୍କର ପଛେ ପଛେ ଚାଲିଲି । ପ୍ଲାଟ୍‌ଫାର୍ମ୍‌ରେ ତାଙ୍କ ପାଖରେ ଜଣେ ପୁରୁଷ—ବୋଧହୁଏ ତାଙ୍କ ସ୍ୱାମୀ ।

ପଚାରିଲେ, "କିଛି ଅସୁବିଧା ହୋଇ ନାହିଁ ତ ?"

ସେ କହିଲେ, "ନା ।"

ଝିଅଟି ଭଦ୍ରଲୋକଙ୍କର ଭଉଣୀ ଭଳି ମନେ ହେଲା ।

ତାଙ୍କର ଯୋଡ଼ାଏ ରିକ୍‌ସା ଗୋଟିକରେ ସେ ଓ ପିଲାମାନେ, ଅନ୍ୟଟିରେ ତାଙ୍କର ସ୍ୱାମୀ, ନଣନ୍ଦ ଓ ଜିନିଷ ।

ଟାଉନ ବାସ୍‌ର ଭିତରେ ଯିବାକୁ ମୋର ଇଚ୍ଛା ହେଲା-ନାହିଁ । ମୁଁ ଖଣ୍ଡେ ରିକ୍‌ସା ଧରିଲି । ରିକ୍‌ସାରେ ବସି ସେ ଫେରିପଡ଼ି ଚାହିଁଲେ, ମୁଁ ରିକ୍‌ସାରେ ବସିବାର ଉଦ୍‌ଯୋଗ କରୁଛି ।

ତାଙ୍କର ରିକ୍‌ସା ଓ ମୋ ରିକ୍‌ସା ଆଗପଛ ହୋଇ ଚାଲିଲା ।

ବେଳେବେଳେ ମୋ ରିକ୍‌ସା ଘର୍ ଘର୍ ହୋଇ ତାଙ୍କ ରିକ୍‌ସା ପାଖେ ହାବୁଡ଼ି ଯାଏ—ମୋଟେ ଆଠ ଦଶ ହାତ ବ୍ୟବଧାନ । ତାଙ୍କର କଳା କଳା ଡୋଳା ଦୁଇଟି ଚଞ୍ଚଳ ହୋଇ ଉଠେ । ତାଙ୍କୁ ଆଖି ପୂରେଇ ଦେଖେଁ ।

କଟକ ତାରକସି କାମର କାନବାଲା ଦୁଇଟି ଝଲ୍‌ମଲ୍ କରୁଥାଏ ତାଙ୍କ ଗଣ୍ଡଦେଶକୁ । ମୁଣ୍ଡରୁ ଶାଢ଼ୀଟା ଖସିପଡ଼ି ତାଙ୍କର ଗହଳିଆ ଚିକ୍‌କଣ-କଳା କେଶର ମହିମା ପ୍ରକାଶ କରେ । ସେ ମୁଣ୍ଡ ଉପରକୁ ଲୁଗାଟାକୁ ଟାଣି ଆଣନ୍ତି—ହାତରେ ସୁନା କାଚ ଚକ୍ ଚକ୍ ହୋଇଉଠେ ।

ରାଣୀହାଟ ପୋଲ ନିକଟ ହେଲା । ରିକ୍ସାବାଲା କହିଲା, "ବାବୁ ଟିକିଏ ଭିତରକୁ ବସନ୍ତୁ ।" ଉଠାଣି ହେଲା ଜାଣି ଭିତରକୁ ବସିଲି ।

ଏଇ ରାଣୀହାଟ ପୋଲ ! କଲେଜ୍‌ରେ ପଢ଼ିଲାବେଳେ ଏହା ଉପରେ କେତେ ଦୌଡ଼ା ଦୌଡ଼ି ନ ହୋଇଛି ! କଲେଜ୍‌ରୁ ଫେରିଲାବେଳେ ଦୁଇ ତିନି ଜଣ ମିଶି ଏକାଠି ସାଇକେଲ୍ ଛୁଡ଼ିଦେଉ ଜୋର୍‌ରେ—ସାଇକେଲ୍ ମନକୁ ମନ ଗଡ଼ି ଚାଲିଥାଏ; ବିଜୁଳି କାରଖାନା ପର୍ଯ୍ୟନ୍ତ ଆମେ ଏମିତି ମଉଜ କରି ଆସୁ ।

ତାଙ୍କ ରିକ୍ସାଟା ମୋ'ର ଆଗରେ ଜୋର୍‌ରେ ଗଡ଼ି ଚାଲିଥାଏ, ପିଲାମାନେ ରିକ୍ସାର ଗତି ଦେଖି ଆନନ୍ଦରେ କୋଳାହଳ କରୁଥାନ୍ତି—ସବୁ ଶୁଭୁଥାଏ । ତାଙ୍କର ସ୍ୱାମୀ ସେତେବେଳକୁ ଅଦୃଶ୍ୟ ହୋଇଗଲେଣି ।

ମୋ ରିକ୍ସାଟା ଗଡ଼ିବାକୁ ଆରମ୍ଭ କଲାବେଳେ ମୋତେ ଭୟ ଲାଗିଲା । କହିଲି, "ଏ ରିକ୍ସାବାଲା ଘଣ୍ଟି ଦେ !"

ମୋ କଥା ମୋ'ର ପାଟିରେ ଅଛି, ହାଁ-ହାଁ କହୁଁ କହୁଁ ମୋ ରିକ୍ସାଟା ଘର୍ ଘର୍ ହୋଇ ତାଙ୍କ ରିକ୍ସାରେ ଧଡ଼ାଙ୍ଗ୍ କରି ବାଜିଲା ।

ଗୁରୁତର କାଣ୍ଡ ! ତାଙ୍କ ରିକ୍ସାବାଲାଟି ଆଣ୍ଠେଇ ପଡ଼ିଲା । ତାଙ୍କର ସାନ ପିଲାଟି ଧକ୍କା ଫଳରେ ଛିଟିଆଡ଼ି ହୋଇ ତଳକୁ ଖସି ପଡ଼ିଲା ।

କଟକ ସହର ! ଜୋର୍‌ରେ କାହା ସାଙ୍ଗରେ ଦି'ପଦ କଥାବାର୍ତ୍ତା ହେଲେ ଲୋକ ଗହଳି ହୋଇଯାଏ । ଇଏତ ତ ତା' ଅପେକ୍ଷା ଆହୁରି ବଡ଼ ଜିନିଷ ।

ମୋ ରିକ୍ସାବାଲାକୁ ଗାଳିଦେଇ ତାଙ୍କ ରିକ୍ସା ପାଖକୁ ଆସିଲି । ପିଲାଟି ତଳେ ପଡ଼ି ଡକା ଛାଡ଼ୁଛି—ତାକୁ ସାଉଁଟି କାଖ କଲି ।

ଲୋକଗହଳି ଭିତରୁ ନାନାରକମ ମନ୍ତବ୍ୟ ଶୁଣାଯାଉଥାଏ । କେହି କହୁଥାଏ, "ଦେଖ ଏ ରିକ୍ସାବାଲାଟା ଏଡ଼େ ବଦ୍‌ମାସ୍, ଜନାନା ରିକ୍ସାରେ ଧକ୍କା ଲଗାଉଛି !" କେହି କହୁଥାଏ, "ଗୁଲି ଦିନକୁ କେତେ ପଡ଼େ ରେ ?" ଆଉ କିଏ କେହି କହୁଥାଏ—"ସେ ପାଜିକୁ ପୁଲିସ୍ ଜିମା କର ।"

ଦେଖିଲି, ଲାଜ ଓ ବିପଦରେ ସେ ଝାଉଁଳି ପଡ଼ିଲେଣି । ତ୍ରସ୍ତା-ହରିଣୀ ପରି ନିଜ ଶିଶୁକୁ ଥରେ ଓ ମୋତେ ଥରେ ଚାହିଁ ଲୋକଗହଳି ଭିତରେ ତାଙ୍କର ଦୃଷ୍ଟିରେଖା ଯାଉଛି ମିଶି । ବେଳେବେଳେ କ'ଣ ଖୋଜିଲା ପରି ଏଣେତେଣେ ବ୍ୟାକୁଳ ହୋଇ ଚାହୁଁଛନ୍ତି ।

ସଂଘର୍ଷ ଘଟିଥିବା ଉଭୟ ପକ୍ଷଙ୍କ ଭିତରେ ବାକ୍‌ଯୁଦ୍ଧର କୌଣସି ସୂଚନା ନଦେଖି ଏବଂ ମୋ ରିକ୍ସାବାଲାର ପ୍ରସ୍ତାବିତ ଶାସ୍ତି ସପକ୍ଷରେ କୌଣସି ସମର୍ଥନ ନ ପାଇ ଜନତା ଆସ୍ତେ-ଆସ୍ତେ ମଉଳିଗଲା । ପିଲାଟିର କାନ୍ଦଣା ବନ୍ଦ ହୋଇ ନ ଥାଏ । ତାକୁ ନାନାପ୍ରକାର ଭୁଲାଭୁଲି କରି ତା'ର କାନ୍ଦ ବନ୍ଦ କଲି ।

ରିକ୍ସା ଉପରେ ଥିବା ପିଲାଟି ମଧ୍ୟ ଭାଇ ସମ୍ଭବତ ସମବେଦନା ପ୍ରକାଶକରି କ୍ରନ୍ଦନ ଆରମ୍ଭ କରି ଦେଇଥାଏ । ତାକୁ ବି ବୁଝେଇ ସୁଝେଇ ଶାନ୍ତ କଲି ।

ତା'ପରେ ଦୁଇ ରିକ୍ସାବାଲାଙ୍କର କଳି ମେଣ୍ଟାଇବାକୁ ଚାଲି, ତାଙ୍କ ରିକ୍ସାବାଲା କହିଲା, "ବାବୁ ଆପଣ କ'ଣ କହୁଚ ? ସେ ଶଳା ଗୋଲଆଠା—ମୁଁ ତାକୁ ଛାଡ଼ିବି ନାହିଁ । ଦେଇ ମୋର ହାତଗୋଡ଼ ଦେଖିଲ କ'ଣ କରିଛି ଶଳା ! ତାକୁ ମୁଁ ଧରି ମଙ୍ଗଳାବାଗ ଥାନାରେ ଦେବି । ଆପଣ ଦୋସରି ଗାଡ଼ି କର ।"

ତାକୁ ବୁଝାସୁଝା କରି ଶାନ୍ତ କଲି । ପଚାରିଲି, "କିରେ ତୋ' ବାବୁ କାହାନ୍ତି ?"

"ଆଗବାଲା ତ ବାବୁଙ୍କ ଗାଡ଼ି ଦଉଡ଼େଇ ନେଉଥିଲା, ମୁଁ ସେଇ ଗାଡ଼ିକୁ ଅନେସା କରି ଚାଳୁଥିଲି । ଏ ଶଳା ମୋତେ ଏଠି ଖୁନ୍ କରି ଅଟକେଇ ଦେଲା, ମୁଁ ତ ଆଉ ତାଙ୍କ ଗାଡ଼ି ଦେଖିନି ।"

ତାଙ୍କ ଆଡ଼କୁ ଚାହିଁଲି । ଦେଖିଲି, ତାଙ୍କର ପୀୟୂଷ-ପୂରିତ ଚାହାଁଣୀ ହୋଇ ଉଠିଛି ବ୍ୟାକୁଳ ! ମନେ କଲି, ବୋଧ-ହୁଏ ପିଲାଟି ପାଇଁ ଏତେ ବ୍ୟାକୁଳତା !

ପିଲାଟିକୁ ତାଙ୍କ ଆଡ଼କୁ ବଢ଼େଇଲି । ସେ ଆଗ୍ରହରେ ହାତ ବଢ଼େଇ ପୁଣି କେଜାଣି କାହିଁକି ହାତ ଫେରାଇ ନେଲେ ।

ତାଙ୍କର ସଙ୍କୋଚ ବୁଝିପାରି ପିଲାଟିକୁ ମୁଁ ପୁଣି ବଢ଼ାଇ କହିଲି—ନଅନ୍ତୁ, ଧରନ୍ତୁ ।"

ଏଥରକ ଆଉ ହାତ ଫେରାଇବାର ଉପାୟ ନ ଥିଲା । ତାଙ୍କର ହାତ ବଢ଼ାଇବାକୁ ଅପେକ୍ଷା ନ କରି ମୁଁ ପିଲାଟିକୁ ତାଙ୍କର ଅତି ପାଖରେ ପହଞ୍ଚାଇ ସାରିଥିଲି ।

ସେ ମୋ ଆଖିକୁ କ୍ଷଣକାଳ ରହିଲେ ଚାହିଁ । ଚାହାଣିରୁ ତାଙ୍କର ବ୍ୟାକୁଳତା କମି ଆସିଲାଣି । ତା'ପରେ ପିଲାଟିକୁ ନବାପାଇଁ ହାତ ବଢ଼ାଇଲେ ।

ତାଙ୍କ ହାତଟା ମୋ ହାତରେ ବାଜି ତାଙ୍କର କାଚ ଝଣ୍-କରି ଶବ୍ଦ କରି ଉଠିଲା । ତାଙ୍କ ହାତର ପରଶଲାଗି ମୋ ଦେହରେ ବିଜୁଳି ଖେଳିଗଲା । ପିଲାଟିକୁ ଛାଡ଼ି ପାରିଲି ନାହିଁ । ତାଙ୍କ ହାତର ପରଶ ପୁଣି ଆଶା କରି ବସିଲି ।

ସେ ମୋଆଡ଼କୁ କଟେଇ ଚାହିଁଲେ । ତାଙ୍କର ମାତୃତ୍ୱ ଜାଗି ଉଠିଥିଲା ବୋଲି ମୋର ଏ ହଠ କ୍ରୋଧସ୍ପୃହା ତାଙ୍କ ପକ୍ଷେ ଅସହ୍ୟ । କିନ୍ତୁ ସେଇ କଟା-ଚାହାଣି ଯେ ମୋର ଚରମ ସମ୍ପଦ—ହୃଦୟରେ ଏକାନ୍ତ ଧ୍ୟେୟ ।

ସେ ପୁଣି ଥରେ ହାତ ବଢ଼ାଇଲେ । ଭିତରର ଉଗ୍ରତା ମୋତେ ବାନ୍ଧିଲା, ତାଙ୍କ ପିଲାକୁ ଦେଇଦେଲି, ପୁଣି ସେଇ ମାଡ ଝମ୍ । ବାହାରକୁ ଦେଖାଇ କହିଲି, "ଲବକୁଶ ପରି ବେଶ୍ ଭାଇ ଦୋ'ଟି !

ରିକ୍ସାବାଲାକୁ ପଚାରିଲି, "ଆରେ ତୋ ବାବୁ କୁଆଡ଼େ ଗଲେ ? ମା'ଙ୍କୁ ଛାଡ଼ିଲୁ—"

ମୋର ଶେଷ କଥା ଦି'ପଦ ଶୁଣି ସେ ଶିହରି ଉଠିଲେ ମୁଣ୍ଡଉପରକୁ ଲୁଗା ଟିକାଏ ଟାଣିନେଇ ସେ କମ୍ପସ୍ୱରରେ କହିଲେ, "ଏଇ ଆଗେଆଗେଇ ଯାଉଥିଲେ ଘରଭଙ୍ଗୀ ଦି'ଟା ସାକ—କୁଆଡ଼େ ଆଜି ଗଲେ ?"

ବ୍ୟସ୍ତହୋଇ କହିଲି, ମହା ମୁସ୍କିଲ୍ କଥା ! ପିଲାପିଲାଙ୍କୁ ଏତେ ଚହଳରେ ଛାଡ଼ିଦେଇ ବାବୁ କେମିତି ନିଶ୍ଚିନ୍ତ ଅଛନ୍ତି ?"

ତାଙ୍କ ଆଡ଼କୁ ଚାହିଁଲି । ଦେଖିଲି, ତାଙ୍କର ଝାଉଁଳା-ପଦ୍ମମୁହଁଟି ସତେଜ ହୋଇ ଆସୁଛି । ଦୃଷ୍ଟି ତାଙ୍କର ଗୋଟାଏ ଦୂର ବସ୍ତୁ ଲକ୍ଷ୍ୟ କରିବାରେ ଆବଦ୍ଧ ।

ମୁଁ ବି ଦୂରକୁ ଚାହିଁଲି । ସେ ମୋ ଚାହିଁବାର ଦେଖି ତାଙ୍କର ବଡ଼ ପୁଅକୁ ଡାକି କହିଲେ, "ଏ ପାର୍ଥ, ଦେଖିଲୁ ଅପା ଆସୁଛି ?"

ରିକ୍ସାବାଲା ଚାହିଁ ଦେଖିଲା । କହିଲା, " ହଁ ମା, ବାବୁ ତ ଆସୁଛନ୍ତି—"

ମୁଁ ଟିକିଏ ଦୂରେଇ ଠିଆହେଲି । ବାବୁ ଆସି ପହଞ୍ଚିଲେ । ଚଷମା ଭିତରୁ ତାଙ୍କ ଆଖିର ଉଦ୍‌ବିଗ୍ନତା ଫୁଟି ଦେଖାଯାଉଥାଏ ।

ନମସ୍କାର କରି କହିଲି, "ଏଠି ଗୋଟାଏ ଦୁର୍ଘଟଣା ଘଟିଗଲା ଆଜ୍ଞା—"

ସେ ବିହ୍ୱଳ ହୋଇ ତାଙ୍କ ସ୍ତ୍ରୀ ଓ ପିଲାଙ୍କ ଆଡ଼କୁ ଚାହିଁ ପକାଇଲେ । ଚକିତ ହୋଇ ପଚାରିଲେ, "କ'ଣ ?"

ସମସ୍ତ ଘଟଣା ବର୍ଣ୍ଣନା କଲି ।

ସେ ମୋ ରିକ୍ସାବାଲା ଉପରେ ଗୋଟାଏ କ୍ରୋଧାନ୍ୱିତ ଦୃଷ୍ଟି ନିକ୍ଷେପକରି କହିଲେ, "ରିକ୍ସାବାଲାଗୁଡ଼ାକ ସବୁବେଳେ ପାଜି । ଏ ବଦ୍‌ମାସ୍ ପାଇଁ କ'ଣ ବ୍ୟବସ୍ଥା କରିଛନ୍ତି ?"

କହିଲି, "ଗରିବ ଲୋକ, ଛାଡ଼ନ୍ତୁ—"

"ନା, ନା, ଏମାନଙ୍କୁ ଦୟାମାୟା ନାହିଁ । ଏମାନଙ୍କୁ କୋରଡ଼ା ଦରକାର—ସମୟରେ ଏମାନେ ମଣିଷର ଜୀବନ ନେଇଯିବେ ଯେ !"

ତାଙ୍କ ରିକ୍ସାବାଲା ବାବୁଙ୍କ ସାମନାକୁ ଆସି କହିଲା— "ହେଇ ଦେଖନ୍ତୁ ଆଜ୍ଞା, ଶଳା ମତେ ଆଜ ଖୁନ୍ କରନ୍ତା ।"

ଆଖି କପାଳକୁ ଟେକି ବାବୁ କହିଲେ, "ଆରେ ଏତେ ସାଂଘାତିକ ! ସେ ତାଙ୍କ ସ୍ତ୍ରୀ ଓ ପିଲାଙ୍କ ଆଡ଼କୁ ଆଗେଇ ଯାଇ ପଚାରିଲେ—"ତମର ସବୁ କ'ଣ ହୋଇଛି ?"

ସେ ଲାଜଲାଜ ହୋଇ ଆଡ଼େଇ ଗଲେ । ଆଖିଟା ତାଙ୍କର ମୋ ଆଡ଼କୁ ଆସିଲାବେଳକୁ ଦେଖିଲି ଯେ, ମୋ ଆଖିଟା ବି ତାଙ୍କର ଆଖିର ସନ୍ଧାନ କରୁଛି । ସେ ଆଖି ତଳକୁ ଫେରାଇ ନେଲେ ।

କହିଲି, "ସାନପିଲାଟିର ଦେହହାତ ଆଞ୍ଚୁଡ଼ି ହୋଇଯିବାର ମୁଁ ଜାଣେ ।"

କଣ୍ଢେଇଟି ତାଙ୍କ ପାଖକୁ ଆସି ହାତ ଧରିପକେଇ ପଚାରିଲା, "ନୂଆବୋଉ, ତମର କ'ଣ ହୋଇଛି ?"

ବାରମ୍ବାର ପଚାରିଲାରୁ ସେ ଶେଷରେ କହିଲେ, "ନା, ମୋର କିଛି ହୋଇନ ଯା—କେତେ ଗୋଟା ଫାଟେଇ ହଉଥା—"

ବାବୁ ରହସ୍ୟ କରି କହିଲେ—"ଆମ୍ଭେ ଶିଶୁ, ତୁ ଜାଣି-ନୋଉଁ କି ? ସେ ମାଇପି ଜାତିଟି ! ପ୍ରାଣ କଣ୍ଠାଗତ ହେଲେ ବି ଦେହ କ'ଣ କହିବେ ନାହିଁ ।"

ଶିଶୁ ହସିଲା । ମୁଁ ବି ହସିଲି ।

ସେ ମୋ ଆଡ଼କୁ ଚାହିଁ ମୁଣ୍ଡ ଉପରକୁ ଆହୁରି ଲୁଗା ଟାଣିନେଲେ । ଲଜ୍ଜା ହେଲା ଜାଣି ଦୁଃଖିତ ହେଲି ।

# ତୃତୀୟ

ଏଇପରି ଗୋଟାଏ ଦୁର୍ଘଟଣାର ପକ୍ଷଭୁକ୍ତ ଥିବାବେଳେ କଲେଜ୍ ସାଥି ପ୍ରଦୀପ ଆସି ପହଞ୍ଚିଲା ।

ସେ ହସିହସି ମୋର କରମର୍ଦ୍ଦନ କଲା । ପଚାରିଲା, "କିରେ ଆଜକାଲି କ'ଣ ହେଉଛି ?"

କହିଲି, "କ'ଣ ଆଉ ହେବ ? ସରକାରୀ ମେସିନ୍ ଭିତରେ ପଶିଛି !"

"ଓ ଚାକିରୀ କରୁଛୁ, ନା ?" ଏକାନ୍ତରେ ପଚାରିଲା, "ଏଠି ଏମାନଙ୍କ ସାଥିରେ କ'ଣ ? କ'ଣ ହୁଅନ୍ତି ଏମାନେ ?"

"କିଛି ନାହିଁ—"

"ତେବେ—"

"ଗାଡ଼ି ଧକ୍‌କା ଲାଗିବାରୁ ସେମାନଙ୍କ ସାଥିରେ କଥା-ବାର୍ତ୍ତା—"

"ଗାଡ଼ି ଧକ୍‌କା ! କାହାର କାହା ସଙ୍ଗେ ?"

ପ୍ରଦୀପ୍ତ ପ୍ରଶ୍ନଟା ମୋ ଉପରେ ଅଜାଡ଼ି ପକାଇ ମୋର ମୁହଁକୁ ଚାହିଁ ରହିଲା ।

ସମସ୍ତ ବୃତ୍ତାନ୍ତ କହିଲି ।

ପ୍ରଦୀପ ମୋ କାନ୍ଧରେ ହାତ ପକାଇ କହିଲା, "ଆରେ ତୁ'ତ ପକ୍କା ଅଛୁ, ଆଜ ଏତେ ଭଲଲୋକ ଦେଖାଇ ହଉଥିଲୁ କ'ଣ ?"

"ନାଇଁରେ ଭାଇ, ଏଥିରେ ମୋର ହାତ କ'ଣ ? ଏ ତ ଗୋଟାଏ ଦୁର୍ଘଟଣା—"

ପ୍ରଦୀପ ହସି ହସି କହିଲା, "କିନ୍ତୁ ଅନେକ ସମୟରେ ଦୁର୍ଘଟଣା ଭିତରେ ସୁଘଟଣା ହୁଏ, ଭଙ୍ଗା ଭିତରେ ଗଢ଼ା ଆରମ୍ଭ ହୁଏ ।"

ବାବୁଟି ଦୂରରୁ ଡାକି କହିଲେ, "ବାବୁ, ଆମେ ଯାଉଛୁ, ଆପଣଙ୍କୁ ବହୁତ ଧନ୍ୟବାଦ, ଆପଣଙ୍କ କଥାହିଁ କଲି ।"

କହିଲି, "ହଉ ଆସନ୍ତୁ, ନମସ୍କାର ।"

ପ୍ରତିନମସ୍କାର କରି ବାବୁଟି ରିକ୍ସାରେ ବସିଲେ, ଗୋଟିଏ ରିକ୍ସାରେ ତାଙ୍କର ପିଲାପିଲି ସମସ୍ତେ, ଅନ୍ୟଟିରେ ସେ ନିଜେ । ଏଥର ବି ପିଲାପିଲିଙ୍କୁ ଆଗରେ ଧରି ସେ ବାବୁ ପଛେ ପଛେ ଗଲେ ।

ପ୍ରଦୀପ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "କ'ଣ କରେ ଘଟଣା ?"

କହିଲି, "ଆହତ ରିକ୍ସାବାଲାଟିକୁ ମୁଁ ପୂରା ଭଡ଼ା ଦେଇଥିଲି । ତାକୁ ବିଦା କରିଦେଇ ଅନ୍ୟ ଗୋଟିଏ ରିକ୍ସା କରିବାକୁ ସେ ବାବୁଙ୍କୁ ମୁଁ କହିଥିଲି ଯେ, ସେଇଆ କଲେ ବୋଲି ସେ କହୁଛନ୍ତି ।"

ପ୍ରଦୀପ ପଚାରିଲା, "ଆଉ ସବୁ ତୋ'ର ଖବର କ'ଣ ? ଏକୁଟିଆ ନା ଯୋଡ଼ ଯୋଡ଼ ?"

"ହଁ ସେମିତି—" ଉଦାସଭାବେ କହିଲି ।

"ଆମଦାନି—?"

"ଶୂନ୍—"

ପ୍ରଦୀପ ହସି ହସି କହିଲା, "ଘରେ ବସି ଖାଇ ନଈବାଲି ସାରୁଛୁ କି ?"

"ନାଇଁରେ ଭାଇ, ଉପାସରେ ତ ମୋର ଦିନ ଯାଉଛି, ନଈବାଲି ସରିବା ତ ଦୂରର କଥା ।"

"ଉପାସରେ—? ମାନେ—"

"ତା'ମାନେ ସ୍ତ୍ରୀ ଥାଇସୁଦ୍ଧା ମୁଁ ବ୍ରହ୍ମଚାରୀ—"

"ପୁଣି ତା' ମାନେ ?"

ନକଲି ବିରକ୍ତି ପ୍ରକାଶ କରି କହିଲି, "ତମେସବୁ କଲେଜ ପିଲାଏ ଭାରି ମାନେ ବାହାର କର ରେ ! ତମମାନଙ୍କୁ ବୁଝେଇବା ମୁସ୍କିଲ୍ ।"

"ଆ-ହା, କଥାଟା କଣ କହ ! ତମେ ସବୁ କବିମାନେ ଆ ମଣିଷ କଥାକୁ ଭାରି ମାପିଚୁପି କହ—"

ହସି ହସି କହିଲି, "ଭାରି ତ ମୋ ସାଙ୍ଗରେ ଠକ୍‌କର ଦଉଛୁରେ ! କଥାଟା ବୁଝିପାରୁନୁ ମୋର ? ବାହା ହବାର ଗୋଟିଏ ମାସ ଆମେ ଚଳିଥିଲୁ ଯୁଗଳ ରୂପରେ—ତା'ପରେ ସେ ସିଆଡ଼େ, ମୁଁ ଇଆଡ଼େ—ଆରବ୍ୟ କାହାଣୀର 'ସିସେସ୍-ଫାଙ୍କ୍'—"

"କାହିଁକି ?" ବିସ୍ମୟାନ୍ୱିତ ହୋଇ ପ୍ରଦୀପ ପଚାରିଲା ।

"କାହିଁକି ଆଉ କ'ଣ ? ସେସବୁ ଗୋଟାଏ ଇତିହାସ ଭାଇ ।"

"ତେବେ ସଂକ୍ଷେପରେ ?"

"ବାପଘରୁ ଗୁଡ଼ାଏ ଯୌତୁକ ଧରି ଆସିଥିଲେ—କେହି ଜାଣନ୍ତି ନାହିଁ ଆମଘରେ । ଆସ୍ତେ ଆସ୍ତେ ସେସବୁ ପ୍ରକାଶ ପାଇଲା—ସେଇଆକୁ ନେଇ ତ ଯାଇଛୁ—"

ପ୍ରଦୀପ ମୋ ମୁହଁକୁ ବଲ୍‌ବଲ୍ କରି ଚାହିଁଲା ।

କହିଲି, "ବୁଝିପାରିଲୁ ନାହିଁ ବୋଧହୁଏ ? ଯୌତୁକ ମାନେ—ନାନା ରକମ ଛୋଟ୍ ଛୋଟ ରୋଗର ପୁଡ଼ିଆ ।"

ପ୍ରଦୀପ ହୋ ହୋ ହୋଇ ହସିଉଠିଲା—କହିଲା, "ଆହୁରି ଟିକିଏ ବିଶ୍ଳେଷଣ କଲେ ?"

ଆହୁରି ଟିକିଏ ବିଶ୍ଳେଷଣ କଲେ ଦେଖିବାକୁ ପାଇବ ଲିଭର୍ କଂପ୍ଲେନ୍, ଚେଷ୍ଟ କଂପ୍ଲେନ୍, ଇଣ୍ଟେଷ୍ଟାଇନ୍ କଂପ୍ଲେନ୍—ମୋଟ ଉପରେ ଗୋଟିଏ କଂପ୍ଲେନ୍‌ମୟ ଶରୀର, ଗୋଟାଏ ଡାକ୍ତରର ଯାବଜ୍ଜୀବନ ଆହାର—"

ପ୍ରଦୀପ ହସି ହସି ଲୋଟିଗଲା । ଉତ୍ସୁକ ହୋଇ ପଚାରିଲା,

"ତା'ପରେ—?"

"ତା'ପରେ—ଆମ ଘରେ ସମସ୍ତଙ୍କର ସ୍ତୂପାକାର ବିରକ୍ତି—ଶାଶୁଙ୍କର ଘନ ଘନ ଅନୁରୋଧ—ମୋ' ଝିଅକୁ ମୋ ପାଖକୁ ଛାଡ଼ିଦିଅ । ମୁଁ ଭଲକରି ଛାଡ଼ିବି—"

"ତା'ପରେ—?"

"ତା'ପରେ ମୋର ବିରାଡ଼ି-ବୈଷ୍ଣବ ଜୀବନ—ଯୌବନର ନିଶା, ଆଖି ଚାହେଁ ଆଉ ଯୋଡ଼ାଏ ଆଖି—"

"ତା'ପରେ ?"

"ତା'ପରେ ଭଉଣୀର ସାଙ୍ଘାତିକ ଅବସ୍ଥା—ତାଏ ଖବର—ଚାକଣା ଗାଁରୁ ଆସେ ଧାଇଁ—ଟ୍ରେନ୍‌ରେ ଦୁଇଟି ଆଖି—"

"ତା'ପରେ ?"

ତା'ପରେ ଆଖିରେ ଆଖି ଯାଏ ମିଳି—ଚାହାଣିରେ ଫୁଟି-ଉଠେ ନିବେଦନ—ମନଟା ହୋଇଉଠେ ଛଟ୍‌ପଟ୍—ପିଞ୍ଜରୁ ପ୍ରାଣଟା ଯାଇଁ ଲିଖିରହେ ସେଇଠି—"

"ତା'ପରେ—"

"ତା'ପରେ ରିକ୍‌ସାର ସଙ୍ଘର୍ଷ—ଶରୀରର ସମସ୍ତ ଟିସ-ପ୍ରନ୍ଥିଗୁଡ଼ିକ ହୋଇଉଠେ ଚୂର,କରିବାକୁ ପ୍ରାଣପାତ ସେବା ।"

ପ୍ରଦୀପ ପୁଣି ଜୋର୍‌ରେ ହସି କହିଲା—"ଆରେ ଏତେବେଳେକେ ଚୋର ପଡ଼ିଲା ଧରା !" ଛାତିଟାକୁ ଫୁଲେଇ ସେ କହିବାକୁ ଲାଗିଲା, "ଦେଖିଲୁ, ଆମେ କଲେଜ୍ ପିଲା କେଡ଼େ ବୁଦ୍ଧିଆ ? ମାଗଣା କ'ଣ ଫିଲୋଜଫିରେ ଅନର୍ସ ପାଇଛୁଁ ? ଖାଲି ସେତିକ ନୁହେଁ, ଓକିଲାତି ପଢ଼ୁଛୁଟି ? ତୋ'ର ମୁହେଁ ମୁହେଁ ଜେରା ଜମାନ୍‌ବନ୍ଦ କରି ଛାଡ଼ିଦେଲି । ହଉ ହଉ, ତୁ ଯା' । ସଙ୍ଘର୍ଷ ପରେ ଶାନ୍ତି ନିତାନ୍ତ ଆବଶ୍ୟକ । ତୋତେ ବହୁତ ସମୟ ଅଟକାଇ ଦେଲି । ତୋ' ଯାତ୍ରାରେ ତୁ ଜୟଯୁକ୍ତ ହ', ମୋର ଏତିକ କାମନା । କେତେବେଳେ ମୋ ଆଡ଼େ ଟିକିଏ ଆସିବୁରେ ! ମୁଁ ଏଇ ଚାଉଳିଆଗଞ୍ଜ ପୋଷ୍ଟ ଅଫିସ୍ ପାଖ ମେସ୍‌ରେ ଅଛି ।"

ମୁଁ ଯାଇ ରିକ୍‌ସାରେ ବସିଲି । ପ୍ରଦୀପ ମୋତେ ଖଣ୍ଡେ ସିଗାରେଟ ଧରେଇ ଦେଇ ଚପଲ୍ ଘୋସାରି ଘୋସାରି ଚାଲିଗଲା ।

## ଚତୁର୍ଥ

"ପୁଣି ଧକ୍‌କା ଫକ୍‌କା ଲଗାଇବୁ ନାହିଁ ତ ?"

"ନାଇଁ ବାବୁ, ଆଜି ଗୋଟାଏ କ'ଣ ଯୋଗ ଥିଲା। ବାହାରିଲା ବେଳରୁ ମୁଁ ପରା ଜାଣିଛି। ହାତରୁ ଜଣ୍ଟଣଟା ଖସି ପଡ଼ିଲା ଯେ ମାଲିକ ଯେତେ ଗାଳିଦେଲା—"

"ଆରେ ଯୋଗ କଥା କ'ଣ ପୁଲିସ୍ ବୁଝିବ ? ସେ ଠିକ୍ ନେଇ ମାମୁଁ ଘରେ ରଖିଦବ।"

"ନାଇଁ ହଜୁର, ହଜୁର୍ ବାପମା—"

"ହଉ ଯା, ତତେ ଛାଡ଼ିଦେଇ, ମୁଁ ଦୋସରା ରିକ୍‌ସା କରି ଯିବି। ତୋ' ରିକ୍‌ସାରେ ଯିବାକୁ ମତେ ଭୟ ଲାଗୁଛି।"

"ହଜୁର ଏତେବେଳଯାକେ ବନ୍ଧ ହେଲି, କେତେ ସବାରି ଛାଡ଼ିଲି—"

"ଆରେ ତୁ ତ ଆଜି ଯୋଉ କାଣ୍ଡ କଲୁ, ସେଥିରେ ତୋର ଏକବାରେ ରିକ୍‌ସା ଛୁଡ଼ିବାର କଥା । ସେ ବାବୁ ସେମିତି ଦୟାଳୁ ବୋଲି ମୋ କଥାରେ ରାଜି ହୋଇଗଲେ, ନୋହିଲେ—"

"ହଁ ଆଜ୍ଞା, ସେକଥା କ'ଣ ମୁଁ ଅମାନତ୍ କରୁଚି—ହଜୁର ବାପ ମା ।"

"ହଉ, ହଉ ତୁ ଯା—"

"ନାଇଁ ଆଜ୍ଞା, ଯିବି କୁଆଡ଼େ ? ବସନ୍ତୁ, ଛୁଡ଼ଦେବି—"

"ଆରେ ଆଚ୍ଛା କଥା ! ସେ ବାବୁ ଯଦି ଦେଖନ୍ତି, ମୋତେ କ'ଣ କହିବେ---କ'ଣ ମନେ କରିବେ ?"

"ହଜୁର ସେ ବାବୁ କୁଆଡ଼େ ଗଲେଣି, ମୋତେ କଅଁ ଦେଖିବେ ?"

"କୁଆଡ଼େ ଗଲେ ?"

"ଏଇ ବାଁ ହାତି ଗଲେ ତ—"

"ହଉ ଚଲ୍ ।"

ରିକ୍‌ସା ଚଳିଲା । ସାମ୍‌ନାଟା ମୋତେ ବଡ଼ ଫାଙ୍କା ଜଣା-ଯାଉଥାଏ । କଟକରେ ଏତେ ଗାଡ଼ି, ଘୋଡ଼ା, ଲୋକଗହଳି ମୋ ଦୃଷ୍ଟିପଥର ଶୂନ୍ୟତାକୁ ଭେଦ କରିପାରୁ ନଥାଏ । ଆଖିଟା ଖୋଲି ରଖିବାକୁ ମୋତେ ବଡ଼ କଷ୍ଟ ଲାଗୁଥାଏ । ଆଖି ବୁଜିଲେ ନିବିଡ଼ ଅନ୍ଧକାର—ଆରବ୍ୟ କାହାଣୀର ଗଭୀର ଗହ୍ୱରର ଅନ୍ଧକାର ! ତା'ରି ଭିତରେ ଘନକୃଷ୍ଣ ତୋଳା ଦିଓଟି ! କେଡ଼େ ସ୍ନିଗ୍ଧ, କେଡ଼େ ଶାନ୍ତ ! ଜୀବନର ସବୁ ଗ୍ଲାନି, ସବୁ କ୍ଳାନ୍ତି କୁଆଡ଼େ ଯାଏ ଉଭେଇ—ମୁଁ ଆତ୍ମହରା ହୋଇ ପଲକ-ବନ୍ଧନ ଆଖିକୁ ଦେଇଥାଏ ମେଲେଇ !

ଦୋଳମୁଣ୍ଡେଇ ଛକ ଉପରେ ରିକ୍ସାବାଲା ପଚାରିଲା—"ବାବୁ କୁଆଡ଼େ ? ଡାଇନାହାତି ନା ବାଁ ହାତି ?"

ଏଇ କଥାଟା ଥରଥର କରି ତିନି ଥର ପଚାରିଲା ସେ ରିକ୍ସାବାଲାଟା । ପ୍ରଶ୍ନଗୁଡ଼ା ତା'ର ମୋ କାନରେ ପଶୁଥାଏ କିନ୍ତୁ ଉତ୍ତର ଦେବାକୁ ତୁଣ୍ଡ ଫିଟୁ ନ ଥାଏ । ମନଟା ମୋର ସେଇ ଆଖିର ସୌନ୍ଦର୍ଯ୍ୟରେ ଯାଇଥାଏ ଭୁଲି, ସେଇ ଆଖିର ଆକର୍ଷଣରେ ହୋଇଥାଏ ବାନ୍ଧି । ମନେମନେ ଭାବୁଥାଏ, କେଡ଼େ ଭୁଲ୍‌ଟାଏ ମୁଁ କଲି ! ଯାହାପାଇଁ ଏତେ ଆକୁଳତା, ଏତେ ଉଦ୍‌ବିଗ୍ନତା—ତା'ର ତ ପରିଚୟ ମୁଁ ଟିକିଏ ପାଇ ପାରିଲି ନାହିଁ । ବାଟଟାଇ ଭଳି ଆଖିରେ ଆଖି ମିଳାଇ ସେ ଅଦୃଶ୍ୟ ହୋଇଗଲେ, ଆଉ ମୁଁ ଖାଲି ତାଙ୍କର ଚାହାଁଣି—ତାଙ୍କର ରୂପ-ମାଧୁରୀକୁ ସ୍ମୃତି କରି ରଖି ହନ୍ତସନ୍ତ ହେଲି । ମନେ ମନେ ବଡ଼ ରାଗ ହେଲା ପ୍ରଦୀପ ଉପରେ । ତା'ରି ଯୋଗୁଁ ସିନା ମୁଁ ସେ ବାବୁଙ୍କ ସାଙ୍ଗରେ ଟିକିଏ କଥାବାର୍ତ୍ତା ହୋଇ ପାରିଲି ନାହିଁ । କଥା ପ୍ରସଙ୍ଗରେ ତାଙ୍କର ଠିକଣାଟା ସହଜରେ ପଚାରି ହୋଇ ପାରିଥାନ୍ତା । ମୋର ଏଇ ପଚ୍ଛବୁଦ୍ଧି କାଳକ ଗଲାନାହିଁ ! କଟକ ସହରରେ ସ୍ଥାନର କୌଣସି ଭିତ୍ତି ନ ରଖି ସନ୍ଧାନ କରିବା କେବଳ ମୋ ଭଳି ବାତୁଳ ପକ୍ଷେ ସମ୍ଭବପର ହୋଇପାରେ । ହଠାତ୍ ମୋ ରିକ୍ସାବାଲା କଥା ମନେ ପଡ଼ିଲା । ପଚାରିଲି, "ଆରେ ସେ ବାବୁ କୋଉ ବଜାରକୁ ଗଲେ ଜାଣୁ ?"

ରିକ୍ସାବାଲା ମୋଠୁଁ ବାଟର କୌଣସି ସଙ୍କେତ ନ ପାଇ ରିକ୍ସା ଟଣା ବନ୍ଦକରି ମୋ ମୁହଁକୁ ଜଳଜଳ କରି ଚାହିଁଥିଲା, ହଠାତ୍ ସେ ଏ ପ୍ରଶ୍ନଟା ଶୁଣି ଚମକି ପଡ଼ିଲା ।

ଟିକିଏ ଲଜ୍ଜିତ ହୋଇ ତା' ଉତ୍ତରକୁ ଅପେକ୍ଷା ନ କରି ମୁଁ କହିଲି, "ଚଲ୍ ଡାହାଣ ହାତ।"

ରିକ୍‌ସାଟାକୁ ଠାଣୁଠାଣୁ ସେ କହିଲ, "ତେଲଙ୍ଗା ବଜାରକୁ ସେ ବାବୁ ଭଡ଼ା ଛୁଣ୍ଡୋଉଥିବାର ମୁଁ ଶୁଣିଥିଲି।"

ତେଲଙ୍ଗା ବଜାର ନାଁ ଶୁଣି ସେଇ ବଜାରର ଗନ୍ଧକନ୍ଧ, ବାଟଘାଟ କଥା ଭାବୁଛି, ଆଗରେ ଶୁଣାଗଲା ରିକ୍‌ସାର ଶବ୍ଦ। ଖଣ୍ଡେଦୂର ଯାଇ ଦେଖିଲି ସେଇ ବାବୁଙ୍କର ରିକ୍‌ସା ଦୁଇଟି ଆଗପଛ ହୋଇ ଚାଲିଛି। ସେ ଅହଲ୍ୟା ପଛରେ, ଆଉ ତାଙ୍କର ସ୍ୱାମୀ ଚାଲିଗଲେଣି ପୁଣି ଆଗକୁ।

ଲୁପ୍ତ ଆନନ୍ଦ ଓ ପରିତୃପ୍ତି ପୁଣି ଫେରିଆସିଲା। ଭଗବାନଙ୍କୁ ମନେ ମନେ ଧନ୍ୟବାଦ ଦେଲି।

ମୋ ରିକ୍‌ସାର ଶବ୍ଦ ଶୁଣି ସେ ପଛକୁ ଚାହିଁଲେ। ମୋର ଆକୁଳ ଆଖି ଦିଟା ତାଙ୍କର ଆଖି ସାଥିରେ ମିଳିଗଲା। କି ତୃପ୍ତି! ସ୍ୱର୍ଗର ଚାନ୍ଦକୁ ହାତରେ ପାଇଲା ଭଳି ଜଣାଗଲା। ଦୁନିଆରେ ଏଡ଼େ ସୁନ୍ଦର ଆଖି, ମୋହନୀ ଦୃଷ୍ଟି—ଭଗବାନଙ୍କର ବୋଧ-ହୁଏ ଏଇ ପ୍ରଥମ ସୃଷ୍ଟି ଏବଂ ଏଇ ଶେଷ! କବିର ଉପମାର ଏ ଅଜ୍ଞାତ—ତା'ର ଉପମା ସେଇ ନିଜେ!

ଯାଙ୍କ ବସା କେଉଁଠି? ମୁଁ ତ ଯୁଆଡ଼େ ଯାଉଛି ଏମାନେ ବି ସେଇଆଡ଼େ ଚାଲିଛନ୍ତି—

ତେଲଙ୍ଗା ବଜାର ନିକଟ ହେଲା। ଆମ ବସା ବି ନିକଟତର ହୋଇଆସିଲା। ସେମାନଙ୍କ କଥାବାର୍ତ୍ତାରୁ ଜଣାଯାଉଥାଏ, ତାଙ୍କ ବସା ବି ନିକଟ ହେଲା।

ତେଲଙ୍ଗାବଜାର ଛକ ପାଖରୁ ପ୍ରାୟ କୋଡ଼ିଏ ହାତ ଦୂରରେ ସେମାନଙ୍କର ରିକ୍‌ସା ବନ୍ଦହେଲା।

ଏଁ ! ତା' ହେଲେ କ'ଣ ଏମାନେ ଆମର ପଡ଼ଶା ? ସେମାନଙ୍କର ଜିନଷପତ୍ର ରିକ୍‌ସାରୁ ବାହାରିଲା—ମୋର ଆଉ କୌଣସି ସନ୍ଦେହ ରହିଲା ନାହିଁ ।

ଛକ ପାଖରୁ ପ୍ରାୟ ଦଶହାତ ଦୂରରେ ଆମ ବସା । ମୋ ରିକ୍‌ସା ବନ୍ଦ ହେଲା ।

ତାଙ୍କର ଦୁଆରମୁହଁ ପାଖେ ଠିଆହୋଇ ସେ ବିସ୍ମିତ-ଭାବରେ ମୋ ଆଡ଼େ ଚାହିଁଲେ—ମୁହଁଟା ତାଙ୍କର ବିଜୁଳି ଆଲୁଅରେ ଦାଉଦାଉ ହେଉଥାଏ । ମୁଁ ବି ଆଖି ପିଛୁଡ଼ା ନ ପକାଇ ତାଙ୍କର ଆଖିର ସୁଧାଗୋଳା ଚାହାଣିକୁ କରୁଥାଏ ଉପଭୋଗ—ମନରେ ମୋର ଅପାର ତୃପ୍ତି, ଅସୀମ ଉଲ୍ଲାସ ! ଭଗବାନଙ୍କୁ ଡାକି କହିଲି—"ହେ ଭଗବାନ୍, ଅନ୍ତର୍ଯାମୀର ନାମ ସାର୍ଥକ କରିଛ । କିଏ କହେ ତୁମକୁ ଦାରୁଣ, ନିଷ୍ଠୁର ଆଉ ପାଷାଣ ? ଏ ପ୍ରାଣ ଯାହାର ଆଶୁ ବିଚ୍ଛେଦରେ ହୋଇ-ଉଠୁଥିଲା ବ୍ୟାକୁଳ, ତାକୁଇ ତୁମେ ଆଣି ସମ୍ମୁଖରେ ପରିବେଷଣ କରିଛ—ଦୟାମୟ ବୋଲି ପରିଚୟ ଦେଇଛ ।

ତାଙ୍କର ସ୍ୱାମୀ ଜିନଷପତ୍ର ରଖାରଖି କରିବାରେ ବ୍ୟସ୍ତ ଥିଲେ; ମୋତେ ଦେଖି ପାରିନାହାନ୍ତି । ସେ ଘର ଭିତରକୁ ଗଲେ ; ମୁଁ ବି ଗଲି ।

## ପଞ୍ଚମ

ଭଉଣୀର ସାଙ୍ଘାତିକ ଅବସ୍ଥା—ମେଲେରିଆ ଭୋଗି ଭୋଗି ଦେହରେ ହାଡ଼ ଖଣ୍ଡ ଛଡ଼ା ଆଉ କିଛିନାହିଁ। ଦୂରରୁ ଚାହିଁଲେ ବିଛଣା ମଣିଷ କିଛି ଅଲଗା ବାରି ହେବ ନାହିଁ।

ପାଖକୁ ଗଲି। କୋଠରିଆ ଆଖି ଦିଟାରେ ମଂଜୁ ମତେ ଖଣେକାଳ ଚାହିଁଲା—ଅଭିମାନରେ ମୁହଁଟା ତା'ର ଫୁଲିଉଠିଛି । ଦେହରେ ହାତ ମାଇଲି। ସଦାସର୍ବଦା ଜର ପୂରିରହିଛି—ରକ୍ତ ଅଭାବରୁ ଦେହ ଶେତା ପଡ଼ିଗଲାଣି।

କ୍ଷୀଣକଣ୍ଠରେ ସେ କହିଲା, "ଖାନନଗରକୁ କାନ୍ଧେଇ ନବାପାଇଁ ଆସିଲ ବୋଧହୁଏ—କଟକରେ ଲୋକର ଅଭାବ ପଡ଼ି ନ ଥାନ୍ତା ଯେ!"

ଯନ୍ତ୍ରଣା ଓ ଅଭିମାନରେ ପାଉଁଶିଆ ଆଖି ତା'ର ଛଳଛଳ ହୋଇ ଆସିଲା। ରୁମାଲ୍‌ରେ ମୁଁ ବି ଆଖି ପୋଛିଲି। ପାଖରେ ବସି ତା' ଦେହ ଆଉଁସିଦେଇ ସାନ୍ତ୍ୱନା ଦେଲି।

ସରକାରୀ ଚାକରୀ—ମା'ର ମଲାଗଲା ଡାକ ପଡ଼ିଲେ ବି ଦରଖାସ୍ତ ଦେଇ ମଂଜୁର୍ ନେଇ ଗର୍ଭଧାରିଣୀର ଜୀବନ-ନାଟକର ଶେଷ ଅଙ୍କଟି ଦେଖିବାକୁ ହୁଏ । ଭାଗ୍ୟରେ ଥିଲେ ଦର୍ଶନ ହୁଏ, ନୋହିଲେ ଯବନିକା ପଡ଼ିଯାଏ—ଏଇ ହେଲା ଅବସ୍ଥା । ଏପରି ଅବସ୍ଥାରେ ମଂଜୁର ଦୁଇମାସ ବେରାମକାଳ ଭିତରେ ଥରେ ହେଲେ ଆସି ଦେଖି ନ ଯିବା ମୋର ଦୋଷ ଯେତିକି ନୁହେଁ, ମୋ ଚାକରୀର ଦୋଷ ସେତିକି । ତା'ପରେ ଚିର ଅଭାବଗ୍ରସ୍ତ ସରକାରୀ ଚାକରୀଆ ! ଖାଲି ହାତରେ ରୋଗିଣୀ ଭଉଣୀ ପାଖକୁ ଆସି ଶୁଖିଲା ସମବେଦନା ଜଣାଇବା ଭଦ୍ରତା ହେଲେ ବି କର୍ତ୍ତବ୍ୟ ନୁହଁ—ଏଇଥିଯୋଗୁ ମୁଁ ନିରୁପାୟ ହୋଇ ରହିଥିଲି ।

କିନ୍ତୁ ମଂଜୁତ ସେ କଥା ବୁଝିଲା ନାହିଁ । ସେ ତ ମୋ ଦୋଷକୁ କ୍ଷମାଚକ୍ଷୁରେ ଦେଖିପାରିଲା ନାହିଁ । ଭଉଣୀର ଅଧିକାର ସେ ମୋ ଉପରେ ପ୍ରୟୋଗ କରିବସିଲା । ତା'ର ନିସ୍ତେଜ ଆଖିରୁ ଯେଉଁ ଲୁହ ନିଗିଡ଼ି ପଡ଼ିଲା ସେଇ ମୋ ଦୋଷର ଗୁରୁତର ଶାସ୍ତି । ହଉ, ଶାସ୍ତି ଯେତେ ଗୁରୁତର ହେଉପଛକେ ମୁଣ୍ଡପାତି ସହିନେବି । ଆତ୍ମପକ୍ଷ ସମର୍ଥନ ଏତେବେଳେ ଗୋଟାଏ ବିରାଟ ନିର୍ବୋଧତା । ଶାସ୍ତି ବିନିମୟରେ ମୁଁ ଯଦି ତାକୁ ମୃତ୍ୟୁ-ଦ୍ୱାରରୁ ଫେରାଇ ଆଣିପାରେ, ତା'ହେଲେ ସେଇ ହୋଇଉଠିବ ମୋର ପୁରସ୍କାର ।

ବୋଉ ଡାକିଲା, "କିରେ ସେଠି କାହିଁକି ବସିଛୁ ? ଦିନ-ଯାକ ଖିଆ ନାହିଁ ପିଆ ନାହିଁ—ମୁହଁ ହାତ ଧୁଅ ଯା, କ'ଣ ଟିକିଏ ଖା' ।"

ଜାମାପଟା ଓହ୍ଲାଇସାରି ବାରିଆଡ଼କୁ ନୋଟା ନେଇ ଗଲି । ଶୁଣିଲି, 'ଏ ପାର୍ଥ, ଇଅଡ଼େ ଆ । ଓଃ, ମତେ ଏମାନେ ବସେଇ ଉଠେଇ ଦେଲେନ—'

ଏଁ, ଯେ ତ ତାଙ୍କର ସ୍ୱର । ତାଙ୍କର ପୁଅ ନାଁ ତ ପାର୍ଥ ! ସେ କ'ଣ ଏତେ ପାଖରେ !

ଡାକ୍ତରଙ୍କ ଘରଟା ଆମ ଘରଠାରୁ ଦଶ ପନ୍ଦର ହାତ ଛଡ଼ା ଜଣାଯାଉଥିଲେସୁଦ୍ଧା ବାରିଆଡ଼କୁ ତାଙ୍କ ଘରର ଅନ୍ତ ନାହିଁରେ ଆମ୍ଭମାନଙ୍କର ଚଳାଚଳ । ତାଙ୍କ ଘର ଓ ଆମ ଘର ମଝିରେ ଗୋଟାଏ ଅଧାବୁଜା ଅଧାମେଲା ନୁଆଁଣିଆ ସିଜୁବାଡ଼ । ମୋର କେନ୍ଦ୍ରାପଡ଼ାରେ ରହିବା ଭିତରେ ଆମ ବସାଟା ଉଠିଆସିଥିଲା ତେଲଙ୍ଗା ବଜାରକୁ—ମୋର ସେଠିକି ଯିବା ପ୍ରଥମ ।

ଖାଇ ବସିଲି । ପାଖରେ ବସି ବୋଉ ମଞ୍ଜୁର ରୋଗ କଥାସବୁ କହି ଗଲା । ତା' ସାଙ୍ଗେ ସାଙ୍ଗେ କବିରାଜ, ହୋମିଓପ୍ୟାଥି, ହାକମି, ହକୁମ ଓ ଡାକ୍ତର ପ୍ରଭୃତି ଯେତେ ଚିକିତ୍ସା ହୋଇଛି, ସେସବୁ ବି ବର୍ଣ୍ଣନା କରିଗଲା । ମୁଁ କାହାଣୀ ଭଳି ସେସବୁ ଶୁଣିଲି । ଛାତି ଭିତରୁ ଗୋଟାଏ ଦୀର୍ଘନିଶ୍ୱାସ ବାହାରିଗଲା ।

ବୋଉ କହିଲା ପୁଣି, "ତାକୁ କ'ଣ କିଏ ଆଶା କରିଛି ? ମୁଁ ତାକୁ ଧବଳେଶ୍ୱରଙ୍କୁ ପାଣି ଛଡ଼େଇ ଦେଇଛି, ସେ ଯାହା କରିବେ । ମଣିଷର ଗୁଣ କ'ଣ ?"

ଅନ୍ୟ କଥା ପଡ଼ିଲା । ବୋଉ ଘରର ହାନିଲାଭ ପଚାରିଲା । ମୁଁ ବି ବାପା, ଭାଇ ଓ ତା' କଥା ପଚାରି ବସିଲି । କଥା ପ୍ରସଙ୍ଗରେ ପଚାରିଲି, "ସେ ପାଖରେ କିଏ ସବୁ ଅଛନ୍ତି କି ?"

"କୋଉ ପାଖରେ ? ଏଇ ଆମ ବାଉ ପାଖକୁ ନା ?"

ମୁଁ ମୁଣ୍ଡ ହଲାଇଲାରୁ ସେ କହିଲା, "ସେ ପରା ରୋହିଣୀ ବାବୁ ।"

"ରୋହିଣୀ ବାବୁ ତ ହଁ, ତାଙ୍କର ବ୍ୟବସାୟ କ'ଣ ? ଘର କେଉଁଠି ? କିଏ ସବୁ ତାଙ୍କର ଅଛନ୍ତି ?"

"ତାଙ୍କର ଡାକଘର ଗୃହକର୍ତ୍ତା—ଘର ମଧୁପୁରଗଡ଼ ।"

" ଆଉ ସାଙ୍ଗରେ କିଏ ?"

"ସାଙ୍ଗରେ ତାଙ୍କର ସ୍ତ୍ରୀ, ଦିଟି ପୁଅ, ଆଉ ଗୋଟିଏ ଭଉଣୀ ।"

ମୁଁ ତ ଯାହା ଅନୁମାନ କରୁଥିଲି ଠିକ୍ ସେଇଆ । କେବଳ ବାବୁଙ୍କ ନାଁଟା ଯିନା ଜାଣି ନ ଥିଲି—

କହିଲି, "ବାଟରେ ଆଜି ଗୋଟାଏ ଦୁର୍ଘଟଣା ଘଟିଗଲା ।"

ବୋଉ ଆଁ କରି ମୋ ମୁହଁକୁ ଚାହିଁ ରହିଲା । ସମସ୍ତ ଘଟଣା ବର୍ଣ୍ଣନା କଲି ।

ବୋଉ କହିଲା, "ମତେ ପରା ସେଇଥିପାଇଁ ରେକ୍‌ସାରେ ଯିବାକୁ ଡର ମାଡ଼େ ରେ ! ତୁ ଏଣିକି ରେକ୍‌ସାରେ ଯିବା ଆସିବା କରିବୁ ନାଇଁ । ମଣିଷ ଟାଣିବ ଗାଡ଼ି, ସେଥିରେ ପୁଣି ବସିବ ମଣିଷ ! ରେକ୍‌ସାବାଲା ସବୁ ତ ଆମରି ପରି ମଣିଷ । ପାଏ ବାଟ ଚାଲିଗଲେ ଆମ ଗୋଡ଼ ଥକିଯାଉଛି ଆଉ ସେମାନେ ତ ଦିନରାତି ଘୋଡ଼ାଭଳି ଦଉଡ଼ୁଛନ୍ତି—କେତେ କଷ୍ଟ ସହିବେ ?"

ମୁଁ କହିଲି, "ଯିଏ ନ ସହି ପାରିବ ସିଏ ସେ କାମକୁ ଆବୋରିବ କାହିଁକି ?"

ବୋଉ ମୋ କଥାରେ ଗୁରୁତ୍ୱ ନ ଦେଇ କହିଲା, "ଇସ୍ସେ ଗୋଟାଏ କଥା ତୋର—ସେଠି ତ ପୁଣି ଚାଲିବେ ? ପିଲାଛୁଆଙ୍କୁ ତ ଆଧାର ଦେବେ ? କିଛି କାମ ନ ପାଇଲାରୁ ସେଇଥିରେ ଯାଇଁ ପଶୁଛନ୍ତି ।"

"ସେମାନେ ଏଠି କେତେଦିନ ହେଲା ରହିଲେଣି ?" ମୁଁ ପଚାରିଲି ।

ବୋଉ ପଚାରିଲା, "କିଏ, ରୋହିଣୀ ବାବୁ ?"

"ହଁ"

ସେମାନେ ଏଠି ଚାରି ପାଞ୍ଚ ମାସ ହବ ରହିଲେଣି । ଯାହାହଉ, ତୁ ଆମର ଅଚିହ୍ନାଭିତରେ ବି ଏତିକି କାମ କରିଆସିଛୁ ?"

ମୁଁ ହସିଲି ।

ବୋଉ କହିଲା, "ରୋହିଣୀ ବାବୁର ସ୍ତ୍ରୀ ଭଲ ଲୋକଟିଏ, ଆଉ ରୋହିଣୀ ବାବୁ, ବାପ୍‌ରେ—"

ଆଶ୍ଚର୍ଯ୍ୟ ହୋଇ ପଚାରିଲି, "କ'ଣ ?"

"କ'ଣ ? ଆରେ ସେ ପରା ମଦୁଆଟା ! ଦିନେ ଦିନେ ମଦ ଖାଇ ରାତି ଏଗାରଟା-ବାରଟାବେଳେ ଆସିବ ଯେ, ଯୋଉ ପାଟିଗୋଳ ! ଆମ ଖଞ୍ଜା ଖାଲି ଉଠୁଥିବ ପଡ଼ୁଥିବ—"

"କ'ଣ କରେ ?"

"ନିର୍ଦ୍ଦୋଷୀ ବିଚାରୀକୁ କୁଟିପକେଇବ ଯେ, ସେ ମଲିମଲି ଡାକ ଛାଡ଼ୁଥିବ । ସେ ଯେତିକି କାନ୍ଦୁଥିବ ସେ ସେତିକି ମାରୁଥିବ । ମାଡ଼ ଖାଇଲେ ଭଲ କିଏ ନ କାନ୍ଦି ରହିପାରିବ ? ଆଉ ସେ ଝିଅ—ଖାଲି ଖାଇ ଖାଇ ବୋଲି ଡାକ ଛାଡ଼ୁଥିବ, ଗୋଡ଼ ତଳେ ହାତ ତଳେ ପଡ଼ୁଥିବ, କେତେ କହିବା ନମନ୍ତ

ହଉଥିବ—ଏ ଗୃହସ୍ଥାଳ କ'ଣ ଶୁଣେ ? ସ୍ୱାର କ'ଣ କାଣ୍ଡଜ୍ଞାନ ଥାଏ ? ଶିଶୁ ବେଶି ପାଟିଗୋଳ କଲେ ଗର୍ଜିଉଠି କହିବ— "ଚୂପ୍ କର୍ !" ଆଉ ଦନେ ଦନେ ଅବ—ପିଲ୍‌ଗୁଡ଼ାକୁ ମାରିବ । ଅଜ୍ଞାନ ପିଲ୍, କେଉଁଠି କେତେବେଳେ କ'ଣ କରି ପକେଇଲେ, ସେଥିପାଇଁ ଏତିକ ମାଡ଼—ମୁଁ ପରା କାନ ବୁଜି ଦେଇଥାଏ ରେ ! ପିଲ୍‌ଦଟା ଗ୍ୱାହାଧରି କାନ୍ଦୁଥିବେ ଯେ ମଣିଷର ସ୍ଥୁତ କ'ଣ ସହେ ? ମା ପଛ ଆସି କହିବ—"ପିଲଗୁଡ଼ାକୁ କାହିଁକି ଏମିତି କନ୍ଦେଉଛ ? ହତଭାଗାଗୁଡ଼ାକ କାହିଁକି ମୋ ପେଟରୁ ଜନମ ହେଲେ କେଜାଣି—ସାଇପଡ଼ିଶାରେ କ'ଣ ମନେ କରୁଥିବେ..." ରୋହିଣୀ ବାବୁ କହିବ—କ'ଣ ମନେ କରୁଥିବେ ? ମନେ କରୁଥିବେ ତୋ' ମୁଣ୍ଡ ଆଉ ଗଣ୍ଡି ! ତେବେ ଏତିକି ରୋହିଣୀ ବାବୁର ଭଲ ଗୁଣ—ଭଉଣୀ ଦହରେ ଦନେ-ହେଲେ ଟିପ ଛୁଇଁବାର ଶୁଣାଯାଏ ନା, ଯାହା ରାଗିମାଗି ତୁଣ୍ଡରେ କହେ ।"

ସମସ୍ତ ଘଟଣା ଶୁଣି ତାଙ୍କ ପ୍ରତି ସମବେଦନାରେ ମନଟା ମୋର ପୂରି ଉଠିଲା । ସଜ ପଦ୍ମ-ପାଖୁଡ଼ା ପରି ଯାହାର ଆଖି, ଅମୃତମୟ ଯାହାଙ୍କର ଚାହାଣି—ସେଇ ବରାଙ୍ଗୀ-ତନ୍ୱୀ ଉପରେ ରୋହିଣୀ ବାବୁ ଏତେ ଅତ୍ୟାଚାର କେମିତି କରିପାରେ ? ତାଙ୍କର ଆଖିର ନିଶା, ଦେହର ମୋହ ରୋହିଣୀ ବାବୁଙ୍କୁ କ'ଣ ପ୍ରଭାବିତ କରେ ନା ? ତାଙ୍କର ଚଳଚଳ ଆଖି, ତରଳ ଚାହାଣି—ଏହାର ଅକଳନ୍ତ ମୂଲ୍ୟ ରୋହିଣୀ ବାବୁଙ୍କ ପକ୍ଷରେ କ'ଣ କିଛି ନୁହେଁ ? ତାଙ୍କ ପ୍ରତି ମନଟା ମୋର ସହାନୁଭୂତିରେ ନଇଁପଡ଼ିଲା ଯେତିକି ରୋହିଣୀ ବାବୁଙ୍କ ପ୍ରତି ଘୃଣାରେ ଶକ୍ତ ହୋଇଉଠିଲା ସେତିକି ।

କହିଲି, "ଏଠା ଏବେ କୋଉ ଭଲ ଗୁଣ ? ଯିଏ ନିଜର ସ୍ତ୍ରୀ-ପିଲାଙ୍କଠେଇଁ ଏତେ ନିଷ୍ଠୁର ସେ ଯେ ଭଉଣୀ ବିହାରେ ଦିନେ ହାତ ନ ଦବ—ଏ କଥା କିଏ ବିଶ୍ୱାସ କରିବ ? "

"ହଁ, ତା' କ'ଣ ମିଛ କରେ ପୁଅ ? ନିଶାବେଳେ ତା'ର କ'ଣ ସୋର୍ ଥାଏ ?"

ମଞ୍ଜୁ ଆରଘରେ ବ୍ୟସ୍ତ ହେଲା । ବୋଉ ଉଠି ଚାଲିଗଲା ।

## ଷଷ୍ଠ

ତହିଁ ଆରଦିନ ସକାଳୁ—ମୁଁ ଦାଣ୍ଡପିଣ୍ଡାରେ ଟହଲୁଛି, ରୋହିଣୀ ବାବୁ ତାଙ୍କ ଘରଆଡ଼ୁ ଆସିଲେ । ହସି ହସି ନମସ୍କାର କରି କହିଲେ, "ଆରେ ଆପଣ ଏତେ ପାଖରେ, ଟିକିଏ ଚିହ୍ନା ଦେଲେନାହିଁ ? ମୁଁ କ'ଣ ଜାଣିଥିଲି ? କାଲି ରାତିରେ ଆମେ ଆସି ପହଞ୍ଚିବା ପରେ ଘରୁ ଆପଣଙ୍କର ପରିଚୟ ପାଇଲି ।"

କହିଲି, "ଆପଣ ତ ଆଗେ ଆଗେ ଚାଲି ଆସିଲେ, ପରିଚୟ ଦେବା ପାଇଁ ଅବସର ଥିଲା କୋଉଠି ?"

ହଁ ଆପଣଙ୍କର ଡେରି ହବାର ଦେଖି ମୁଁ ପିଲାମାନଙ୍କୁ ନେଇ ଆଗେ ଆଗେ ଚାଲି ଆସିଲି । ଆପଣଙ୍କର ଭଉଣୀ କେମିତି ?"

"ବିଶେଷ କିଛି ପରିବର୍ତ୍ତନ ନାହିଁ, ଅବସ୍ଥା ଯେମିତି ଥିଲା ପ୍ରାୟ ସେମିତି !"

ମୋ ବିଷୟରେ କେତେକ ସାଧାରଣ କଥା ପଚାରି ରୋହିଣୀ ବାବୁ ଚାଲିଗଲେ ।

ଭାବିଲି, ରୋହିଣୀ ବାବୁ ମୋର ପରିଚୟ ଘରୁ ପାଇଲେ କେମିତି ? ସେ ଯେ ରୋହିଣୀ ବାବୁଙ୍କ ଆଗରେ ମୋର

ପରିଚୟ ଦେଇଛନ୍ତି—ଏ କଥା ମୁଁ ଠିକ୍ ଅନୁମାନ କରିନେଲି । ଆମ ଦୁଆରମୁହଁରେ ମୋ ରିକ୍ସାଟା ବନ୍ଦ ହେଲାବେଳେ ସେ ତ ଦେଖିଥିଲେ ! ଆଉ ମୁଁ ଯେ ଏ ଘରେ କିଏ, ତାହା ବୋଧହୁଏ ଆଗରୁ ଶୁଣିଥିବା ଖବର ଉପରେ ନିର୍ଭର କରି ସେ ତାଙ୍କ ସ୍ୱାମୀଙ୍କ ଆଗରେ ମୋର ପରିଚୟ ଦେଇ-ଛନ୍ତି । ମୋ ବିଷୟରେ ତାଙ୍କର ଏ ଅନୁସନ୍ଧିତ୍ସା ଦେଖି ଗୋଟାଏ ଗଭୀର ଆବେଗରେ ପ୍ରାଣଟା ମୋର ପୂରି ଉଠିଲା ।

ବାଁରେଇ ହୋଇ ତାଙ୍କ ଦୁଆରମୁହଁ ପର୍ଯ୍ୟନ୍ତ ଗଲି । ତାଙ୍କ ମେଲରେ ପାର୍ଥ ଖେଳୁଥାଏ, ଆଉ ଗୋଟିଏ ପିଲା ସାଙ୍ଗରେ । ରାସ୍ତାରେ ଠିଆହୋଇ ଡାକିଲି, "କିରେ ପାର୍ଥ, ତୁଆ ଭାଇ ତୋର କେମିତି ଅଛି ?"

ପାର୍ଥ ମୋ କଥାରେ କାନ ନ ଦେଇ ଭିତରକୁ ଦଉଡ଼ିଗଲା । କହିଲା, "ବୋଉ, ସେ ବାବୁ ଆସିଛନ୍ତି—"

ସେ ପଚାରିଲେ, "କେଉଁ ବାବୁ ?"

"କାଲି ସିଦ୍ଧିକୁ ଯିଏ କାଖେଇଥିଲେ ସେଇ—"

ସେ ବୋଧହୁଏ ମୋର ପରିଚୟ ପାଇପାରିଲେ ନାହିଁ । ପୁଅକୁ ସାଙ୍ଗରେ ଧରି ଆସିଲେ—ପର୍ଦ୍ଦା ଟେକି ବାହାରକୁ ଚାହିଁଲେ ।

ତାଙ୍କର ଆଖିକୁ ମୁଁ କରିଥିଲି ଅପେକ୍ଷା ! ଆଖିରେ ଆଖି ଗଲା ମିଳି । ସେ ଲୁଚି କରି ପର୍ଦ୍ଦା ଆଢ଼ୁଆଳରେ ରହିଲେ ।

ତାଙ୍କର ଲାଜ ଓ ଆଡ଼ଆଡ଼ ଭାବ ମୋତେ ଭାରି ବାଧିଲା । ପରିଚୟର ଏ ନିଷ୍ଠୁର ପରିଣାମ ଭୋଗ କରିବା ଅପେକ୍ଷା ଅପରିଚିତ ରହିବା ବରଂ ଭଲ ଥିଲା । କାଲି ଦୀର୍ଘ ପ୍ରାୟ ଦୁଇଜଣ

ଘଣ୍ଟା କାଳ ଯେ କି ନିଃସଙ୍କୋଚ ଗୃହାଣିରେ ମୋତେ କରୁଥିଲେ ପାଗଳ, ଆଜ ସେ ଦେଖିଲେ ଦୂରେଇ ରହୁଛନ୍ତି ! ଠିଆ ହୋଇ ଭାବୁଥିଲି, ଫେରିଆସିବି ବୋଲି—ସେ ପାର୍ଥକୁ ବାହାରକୁ ପଠାଇ କହିଲେ, "ସେ ବାବୁଙ୍କୁ କହ, ବସନ୍ତୁ ! ବାପା ଏଇଠିକି କୋଉଠିକି ଯାଇଛନ୍ତି—ଏଇକ୍ଷଣି ଆସିବେ ।"

ପାର୍ଥ ବାହାରକୁ ଆସି ବୋକାଙ୍କ ଭଳି ମୋ ମୁହଁକୁ ଗୃହିଁ ରହିଲା । ବୋଉର କଥା ସେ ମୋତେ ନିଶ୍ଚୟ ଶୁଣା-ଯାଇଥିବ, ଏ କଥା ସେ ତାର ପିଲାବୁଦ୍ଧିରେ ସ୍ଥିର କରି ନେଇଥିଲା ।

"ମୁଁ ପାର୍ଥକୁ ଲକ୍ଷ୍ୟକରି କହିଲି, "ତମ ବାପାଙ୍କ ସାଙ୍ଗରେ ମୋର ସକାଳୁ ଦେଖାହୋଇଛି ତ—"

ପାର୍ଥ ପର୍ଦ୍ଦାଆଡ଼େ ଗୃହିଁଲା ନିରୁପାୟ ହୋଇ ।

ସେ ପାର୍ଥକୁ ଡାକି କହିଲେ, "ହଉ, ତାଙ୍କୁ କହ, ସେ ବସନ୍ତୁ ! ପାନ ନେଇ ଦେ ।"

ଚେୟାର୍‌ଟାରେ ବସିପଡ଼ି କହିଲି, "ପାନ ମୋର ଦରକାର ନାହିଁ—ମୁଁ ତ ପାନଫାନ ଖାଏନା !"

ସେ ଆଉ ମୋ କଥା ଶୁଣିଲେ ନାହିଁ । ପାର୍ଥକୁ ମୋ ପାଖକୁ ପଠାଇଦେଇ ଭିତରକୁ ଗୃଲିଗଲେ । ପାର୍ଥ ସାଙ୍ଗରେ ମୁଁ ବସି ଏଣୁତେଣୁ ଗପ କଲି ।

କିଛି ସମୟ ପରେ—ସେ ଆସି ପର୍ଦ୍ଦା ପାଖରେ ପାର୍ଥକୁ ଡାକି ପାନ ଥାଳିଆଟି ବଢ଼େଇଦେଲେ । ପାର୍ଥ ପାନ ଥାଳିଆଟି ଆଣି ମୋ ଆଗରେ ଥୋଇଲା ।

# ଦୁଇଟି ଆଖି

ଆଳଆରେ ଗୋଟାଏ କରରେ ଚୂରଖଣ୍ଡ ପ ପାର୍ଥ ?
ଗୋଟିଏ କରରେ ମସଲ୍ ମସଲ ଓ ଭଙ୍ଗା ଗୁଆରୁ ପୁଳି

ଅତି ଆଗ୍ରହରେ ତାଙ୍କର ହାତ-ଭଙ୍ଗା ପାନ ପି —ସାଧା ପାନ । କହିଲି, "ମୁଁ ତ ପାନଫାନ ଖାଏନା ଲି, କେବେ ଖାଏ କଡ଼ା—ନ ହେଲେ ଖାଏ ନା !"

ମୁଣ୍ଡ ଟେକ ଚାହିଁଲାବେଳକୁ ସେ ହସିହସି ମୁହଁଟା ପ ଭିତରକୁ ଲୁଚାଇ ନେଉଛନ୍ତି । ଦେଖିଲି, ସେ ମୋ କଥାକୁ ସ ମଣିଲେ ନାହିଁ ।

କହିଲି, "ହଉ, ଯେତେବେଳେ ପାନ ଏତେ ପରିଶ୍ରମରେ ମୋ ପାଖକୁ ଆସିଛି, ସାଧା ହଉପଛେ ଖାଉଛି ।"

ସେ ତରତର ହୋଇ କହିଲେ, "ନାହିଁରେ ପାର୍ଥ, କହ ମୁଁ ଗୁଣ୍ଡି ଆଣୁଛି—"

ସେ ପାର୍ଥ ହାତରେ ଗୋଟିଏ ଆଳଆରେ ଗୁଣ୍ଡି ପଠାଇଦେଲେ ।

ମୁଁ ଅଳ୍ପ ହସି କହିଲି, "କିନ୍ତୁ ମୋର ଗୋଟା ଅସୁବିଧା ଏଇ ହୁଏ ଯେ ପାନଖିଲ ଫିଙ୍ଗିଦେଲେ ପୁଣି ମୋତେ ଆସେନା ।"

ସେ ପର୍ଦ୍ଦା ଟେକି ମୋ ମୁହଁକୁ ଚାହିଁ ହସିଲେ । ପ୍ରକୃତରେ ମୋର ପାନଖିଆ ବନ୍ଦ ହବାର ଦେଖି ସେ ପୁଣି ପର୍ଦ୍ଦା ଟେକି ଜଙ୍ଗଲ ଗଡରେ ମେଲ୍ ଭିତରକୁ ପଶିଆସିଲେ ଏବଂ ଦୁଇଟି-ଯାକ ଆଳଆ ଘେନ ବାହାରିଗଲେ ।

ସଦ୍ୟସ୍ନାତ ମୁହଁଟି ତାଙ୍କର ସଜପଦ୍ମଭଳି ଦେଖା-ଯାଉଥାଏ—ଚଂପକବରଣ ଦେହଟି ତାଙ୍କର ମାଜିଲ ପରି

ଘଣ୍ଟା କାଳ ଥାଏ ଚକ୍‌କଣ ! ଗୁହୁଁ ଗୁହୁଁ ସେ ପର୍ଦ୍ଦା ଭିତରକୁ ପାଗଳ, ୍ । ଗୋଟାଏ ମଧୁର-ସୌରଭରେ ମୁଁ ଆତ୍ମହରା ହୋଇ ଗଲି—ନିର୍ବାକ୍ ହୋଇ ତାଙ୍କର ଯିବାବାଟକୁ ଗୁହିଁ ବାହାର୍ୁ ।

ବାପା ଆସି ଅଳ୍ପସମୟ ପରେ ସେ ଥାଳିଆ ଦୁଇଟି ପାର୍ଥ ହାତରେ ଧାଇ ଦେଲେ—ଖଣ୍ଡିକରେ ପାନ ଓ ଆରଟିରେ ଗୁଆଗୁଣ୍ଡି ମସଲାମସଲ । ଦ୍ୱିରୁକ୍ତି ନ କରି ପାନଖଣ୍ଡେ ଖାଇ ଉଠିଲି ।

ସେ ପାର୍ଥକୁ କହିଲେ, "ଆଉ ପାନ ନବାକୁ କହନ୍ତୁ ।"

ମୁଁ ଦ୍ୱିଧା ନ କରି ଆଉ ତିନି ଖଣ୍ଡ ପାନ ହାତରେ ଧରି ବାହାରିଲି । କହିଲି, "ଆରେ ପାର୍ଥ, ତମମାନଙ୍କର ବହୁତ କାମ, ମୁଁ ଆଉ ବସିବି କାହିଁକି ?"

ସେ ପ୍ରଥମେ ଟିକିଏ ଗୁମ୍ ଖାଇଗଲେ । ତା'ପରେ କହିଲେ, "କଥା ନ କହିଲ କିଏ ?" ଅନ୍ୟ କୌଣସି କଥା ନ କହି ସେ ଟିକିଏ ଚମ୍ପତ ଭଳି ଜଣାଗଲେ । ବୋଧହୁଏ ଗେହ୍ଣୀ ବାବୁଙ୍କର ଆସିବାବେଳ ତାଙ୍କ କାନ ପାଖରେ ସତର୍କ-ଘଣ୍ଟି ଭଳି ବାଜୁଥିଲା ।

ମୁଁ ଧୀରେ ଧୀରେ ଦୁଆରମୁହଁକୁ ଆସି କହିଲି, "ଯାଉଛି ।" ମୁଁ ଜାଣିଲି, ସେ ପର୍ଦ୍ଦା ଟେକି ମୋ ପଛେ ପଛେ ଆସିଲେ ।

ଖରାବେଳକୁ·····ସେ ତାଙ୍କର ଦୁଇ ପିଲାଙ୍କୁ ଧରି ଆମ ଘରକୁ ଆସିଲେ । ମୁଁ ଦାଣ୍ଡଘରେ ଗୋଟାଏ ଖଟିଆରେ ଶୋଇ ଖଣ୍ଡେ ବହି ଧରିଥାଏ, ସେ ଆସି ଦୁଆରମୁହଁରେ ଠିଆ-ହେଲେ ।

ପାର୍ଥ କହିଲା, "ବୋଉ, ସେ ବାବୁ ଶୋଇଚନ୍ତି।"

ମୁଁ ଉଠି ବସିଲି। କହିଲି, "ବୁଲିଆସିଲ କରେ ପାର୍ଥ? ହଉ ଯା'।"

ସେ ସେଇଁଠି ଠିଆହୋଇ ରହିଲେ।

ପାର୍ଥ ତାଙ୍କର ଲୁଗାକାନିକୁ ଧରି ଟାଣିଲା। କହିଲା, "ଆସୁନୁ ବୋଉ!"

ସେ ତଥାପି ଲାଜ ଲାଜ ହେଲେ।

କହିଲି, "ହଉ, ମୁଁ ତଳକୁ ମୁହଁ ପୋତୁଛି, ଚାଲଯା।"

ସେ ତଥାପି ସେ ଜାଗାରୁ ହୁଙ୍କିଲେ ନାହିଁ।

ଆଶ୍ଚର୍ଯ୍ୟ କଥା। ଭଦ୍ରମହିଳା ଦାଣ୍ଡରେ ପିଲାଦି'ଟାଙ୍କୁ ଧରି ଠିଆ—ଭିତରେ ପୁଣି ମୋ ଭଳି ଜଣେ ପୁରୁଷ! ଯିଏ ଦେଖୁଥିବ, କ'ଣ ଭାବୁଥିବ?

କହିଲି, "ଆରେ ଚାଲିଯା, ଏତେ ଲାଜ କ'ଣ? ଏ ତ କୋଡ଼ିଏ ବର୍ଷ ତଳର ଲାଜ, ଆଜିକାଲି ଏମିତି ଲାଜ ତ ଦେଖାଯାଏନା!"

ପାଟି ଶୁଣି ବୋଉ ଭିତରୁ ଡାକ ପକାଇଲା, "କ'ଣ କଚେର ସୂର୍ଯ୍ୟ, କାହା ସାଙ୍ଗେ କଥା କହୁଛୁ?"

ଶେଷରେ ତାଙ୍କୁ ଅନୁନୟ କରି କହିଲି, "ବୋଉ ଡାକଲାଣି ଚାଲିଯା। ତମକୁ ଏଇ ଅବସ୍ଥାରେ ଦେଖିଲେ ସେ କ'ଣ ମନେକରିବ ମତେ?"

ସେ କିଛି ଉତ୍ତର ଦେଲେନାହିଁ।

ବୋଉକୁ କହିଲି, "ଏଇ ରୋହିଣୀ ବାବୁଙ୍କ ପିଲାମାନେ ଆସିଛନ୍ତି ଯେ ଦୁଆରମୁହଁରେ ଠିଆହୋଇ ରହିଛନ୍ତି—ଘର ଭିତରକୁ ଯାଉ ନାହାନ୍ତି।"

ଏଥରକ ସେ ଆଖି ଟେକ ମୋତେ ଚାହିଁଲେ । ଲାବଣ୍ୟ-ଭରା ମୁହଁଟିରେ ହାସ୍ୟଛଟା ଖେଳାଇ ସେ କହିଲେ, "ଗଲା-ଆଇଲା ଲୋକଙ୍କୁ ବାଟ ଜଗି କଏ କୋଉଠି ବସିଥାଏ ?"

ଦବ ନଯାଇ କହିଲି, "କଏ କୋଉଠି ବସିଥାଏ ଜାଣେ ନା ! ତେବେ ତମର ବାଟ ଜଗି ମୁଁ ବସିଥିଲି । ଗୁଡ଼ ନ ଥାନ୍ତି, ଖାଲି ପିଲା ଅଛନ୍ତି ବୋଲି—"

"କାହିଁକି ? ଆଉରି ଗୋଟାଏ ଧକ୍କା ଲଗାଇବାର ଅଭିପ୍ରାୟ ନା କ'ଣ ?" ହସି ଚାପି ସେ ଘର ଭିତରକୁ ପଶିବାର ଉପକ୍ରମ କଲେ ।

ମୁଁ ଖଟ ଉପରୁ ଉଠିପଡ଼ି ତାଙ୍କ ପଛେପଛେ ଚାଲିଲି ।

ବୋଉ ସିଆଡ଼ୁ ଆସୁଥିଲା, ତାଙ୍କୁ ବାଟରେ ଭେଟି କହିଲା, "ଆଲୋ ନୀଳ ! ମୁଁ ଭାବିଲି, ଆଉ କଏ—ସୂର୍ଯ୍ୟ ଚିହ୍ନି ପାରୁନି । ଲାଜ କାହାକୁ ଏତେ କରୁଥିଲୁ ବା ? ସୂର୍ଯ୍ୟଙ୍କୁ ?

"ନାଇଁମ ମାଉସି, ଲାଜ କରିବି କାହାକୁ ? ମୋତେ କ'ଣ ଲାଜ କରିଆସେ ? ତମ ବାଡ଼ଘରେ ଖଟିଆଟା ପଡ଼ି ବାଟ ବନ୍ଦ ହୋଇଯାଇଛି ଯେ ଆସିବାକୁ ଅସୁବିଧା ।"

ମୁଁ ମୋ ଜାଗାକୁ ଫେରିଆସିଲି । ନୀଳ ନାଁଟା ଶୁଣି ମୋତେ କୌତୁହଳ ଲାଗିଲା । ବୋଧହୁଏ ତାଙ୍କର ଠିକ୍ ନାଁ ନୀଳିମା ଚମତ୍କାର ନାଁଟି ! ନା, ନା, ନୀଳମଣି ବି ହୋଇପାରେ । ଯାହାହେଉ ନୀଳ ଶବ୍ଦଯୁକ୍ତ ଗୋଟାଏ କିଛି । ଆକାଶର ଦେହ ତ ନୀଳ, ସାଗରର ରୂପ ତ ନୀଳ, ସଂସାରର ଶ୍ରେଷ୍ଠ ସମ୍ପଦ ନୀଳକାନ୍ତମଣି—ବେଶ୍ ଭାବପୂର୍ଣ୍ଣ ନାଁଟି !

ବୋଉ ଓ ତାଙ୍କର ଗପସପ ଲାଗିଲା । କାନଟା ମୋର ବରାବର ରହିଲା ସିଆଡ଼େ, ବହି ପୃଷ୍ଠାରୁ ମନଟା ଧାଇଁଯାଇ ଲାଗି ରହିଲା ତାଙ୍କର ଛନଛନ ଚାହାଣି ଭିତରେ ।

ବୋଉ କହିଲା, "ଆଲୋ ମାଳ, କାଲି କୁଆଡ଼େ ଏମିତି ଧକ୍କା ଲାଗିଲା ? ଶୁଣି ତ ଛାତି ଥରି ଉଠିଲା । ସିଦ୍ଧାର୍ଥର କ'ଣ ହୋଇଛି ଦେଖେଇଲୁ ?"

ସିଦ୍ଧାର୍ଥ, ବେଶ୍ ତ ! ପାର୍ଥ ସାଙ୍ଗକୁ ସିଦ୍ଧାର୍ଥ । ପୁଣି ରୋହିଣୀ, ମାଳମା, ଶ୍ରୀ—ନାମାମୃତର ସାଗର ବାସ୍ତବିକ୍ !

"ତୋର କିଛି ହୋଇନାହିଁ ତ ମା ?" ବୋଉ ପଚାରିଲା ।

"ନାହିଁ ମୋର କିଛି ହୋଇନି ।" ଥିରି ଥିରି ସେ ପୁଣି କହିଲେ, "ମୋର ତ ହାଲକା ଲାଗିଥିଲା ମାଉସି, ଭାଗ୍ୟକୁ ତମ ପୁଅ ଥିଲେବୋଲି—ନୋହିଲେ ମୁଁ ବେହୋସ୍ ହୋଇ-ଯାଇଥାନ୍ତି ! ଏକୁଟିଆ ମାଇପିଟା, ପିଲାଙ୍କ'ଟା ସାଙ୍ଗରେ, ପୁଣି ଭାଇଭଉଣୀ ପୁଣି ରେଲ୍ ଧରିଲା ଭଳି ଦଉଡ଼ୁଥାନ୍ତି ଆଗରେ, ଯେ ଚାହିଁବସିଁ ଦେଖାଯାଉ ନ ଥାଏ । ସେପରି ଅବସ୍ଥାରେ ମୁଁ ଯେ କ'ଣ ହୋଇଥାନ୍ତି, କିଛି ଭାବି ପାରୁନି ।"

ମୁଁ ଉତ୍କର୍ଣ୍ଣ ହୋଇ ତାଙ୍କର ଧୀର କଅଁଳ କଥାଗୁଡ଼ିକ ଶୁଣୁଥାଏ ।

ସେ ଟିକିଏ ବଡ଼ପାଟିରେ ପୁଣି ଆରମ୍ଭ କଲେ—

"ମଂଜୁ ଦେଈ କେମିତି ମାଉସି ?"

"ମଂଜୁ ଦେଈ କଥା କାହିଁକି କହୁଛୁ ଲୋ ଝିଅ ? ତା'ର ତ ଘଡ଼ିକେ ଘୋଡ଼ା ଛୁଟୁଛି—ନଈ ନାଆ, କୋଉ ବିଶ୍ୱାସ ?"

ମଟରରେ ଆସିବାର କଷ୍ଟ ମୋ ଦେହରୁ ସମ୍ପୂର୍ଣ୍ଣ ଯାଇ ନ ଥାଏ । ଖାଇପିଇ ସାରି ଟିକିଏ ଶାନ୍ତରେ ଶୋଇବି ବୋଲି ବହିଟାକୁ ଧରି ନିଦ୍ରା ଆକର୍ଷଣ କରିବାର ଚେଷ୍ଟା କରୁଥିଲି, ଏଇ ସମୟରେ ତାଙ୍କର ଆଗମନ । ମନଟା ଯାଇଁ ତାଙ୍କର କଥାବାର୍ତ୍ତା ଭିତରେ ରହିଥିଲେସୁଦ୍ଧା ଦେହର ଅବଶତା ଆଖିକୁ ମୋର ଘୋଡ଼ାଇ ପକାଇଲା ।

ଘୁମ ଭିତରେ ସେ କେତେବେଳେ ସେଇ ବାଟଦେଇ ଯାଇଛନ୍ତି ମୁଁ ଜାଣିପାରିନି । ନିଦ ଭାଙ୍ଗିଲାବେଳକୁ ଦେଖିଲି, ୫ଟା ବାଜିଛି । ଏତେ ସମୟ ଶୋଇ ରହିଛି ଦେଖି ବାପା ଭାଇ ପ୍ରଭୃତି କ'ଣ ଭାବିଥିବେ ? ନିଜ ଆଚରଣରେ ବଡ଼ ଖରାପ ଲାଗିଲା । ବିଛଣାରୁ ଉଠି ଦେଖେ ତ ବହିଟା ନାହିଁ । କୁଆଡ଼େ ଗଲା ? ବୋଉକୁ ପଚାରିଲି, ଯୁଆଡ଼େ ସିଆଡ଼େ ଖୋଜିଲି, ପାଇଲି ନାହିଁ । ରବିଠାକୁରଙ୍କ ଚୟନିକା, ମୋର ଖାସ ପ୍ରିୟବନ୍ଧୁ ! ମନେ ମନେ ଗୋଟାଏ ଜାଗାର ସନ୍ଧାନ ନେଇ ଆଶ୍ୱସ୍ତ ହେଲି ।

# ସପ୍ତମ

ବୋଉ କହିଲା, "ତୁ ଆଉର ମାସେ ଛୁଟି ନେ ! ବାପା ଭାଇଙ୍କ ଅବସ୍ଥା ତ ଦେଖୁଛୁ—କାହାରିକୁ ଦଣ୍ଡେ ଫୁର୍ସତ ନାହିଁ । ମୁଁ ମାଇପିଟା, ଏକୁଟିଆ କେତେଆଡ଼େ ଧନ୍ଦା ହେବି ? ମଂଜୁର କେତେବେଳେ କ'ଣ ହଉଚି, ତାର ତ କିଛି ଠିକଣା ନାହିଁ । ତା' ପରେ ଘୋଷେଇବାସି କାମ, ନିଜେ ନ କଲେ ତ ନହୁଏ; ପୁଣି ରୋଗୀଟିର ପଥ୍ୟ । କେତେବେଳେ କେଉଁ ରକମର କରିବାକୁ ପଡୁଚି—ଯାକୁସବୁ ମୁଁ ଏକୁଟିଆ ମଣିଷ କେମିତି ତୁଲେଇବି କହିଲୁ ? ସେଥିରେ ଫେର୍ ଡାକ୍ତର ପାଖକୁ ଯିବାକୁ ଯାକୁ କହ, ତାକୁ କହ—କେତେବେଳେ କିଏ ଉପର-ଠାଉରିଆଭାବେ କ'ଣ ବୁଟି କି ଔଷଧ ଆଣୁଚି, ମୋର ସେଥିରେ ମନ ମାନୁନି ।"

"ତୁ ତ ଯାହା କହୁଛୁ ସବୁ ସତ କିନ୍ତୁ ସରକାରୀ ଘରୁ ବିଶେଷତଃ ଆମ ଅଫିସରୁ ମାସେ ଛୁଟି ମିଳିବା କେତେଦୂର ସମ୍ଭବ ସେଇକଥା ମୁଁ ଭାବୁଛି ।"

ବୋଉ ଗର୍ଜି ଉଠି କହିଲା, "କଣ, କେତେଦୂର ସମ୍ଭବ ଛୁଟି ମିଳିବା ? କି ମିଳିବ ଆମର ସେ ଚାକିରିରୁ ? ତୁ ଆଜି ସେ ଚାକିରି ଛାଡ଼ିଲୁ ! ଜୀବନ ବଡ଼ ନା ଚାକିରି ବଡ଼ ?"

ବୋଉ କଥାରେ ପ୍ରତିବାଦ ନ କରି ଚୁପ୍ ରହିଲି ।

ଡାକବାଲା ଆସି ବାଣ୍ଡୁଆରମୁହଁରେ ହୁଡ଼ ପକେଇଲା—ଚିଠି ଚିଠି ! ମୁଁ ଚିଠିଟି ତା' ହାତରୁ ଟାଣିଲି । ଦେଖିଲି, ମୋର ନାଁରେ ଚିଠିଟା ! କିଏ ଦେଲା ହଠାତ୍ କିଛି ଭାବି ପାରିଲି ନାହିଁ । ଖୋଲି ଦେଖିଲି, ଚନ୍ଦ୍ରକାନ୍ତ ପାଖରୁ ଚିଠି ।

ମୋ ଚିଠି ପାଇ ଚନ୍ଦ୍ରକାନ୍ତ ଭାରି ଖୁସି ହୋଇଛି । ତାର ଦାଦା ଝିଅ ଭଉଣୀର ବିବାହ ସମ୍ବନ୍ଧରେ ବ୍ୟସ୍ତରହି ମୋ ପାଖକୁ ଚିଠି ଦେବାରେ ଡେରି ହୋଇଗଲା ବୋଲି କ୍ଷମା ଚାହିଛି, ମତେ ପୁଣି ନିମନ୍ତ୍ରଣ !

ବାହାଘରଟା କେଉଁଠି ମନେ ରହିଲା ନାହିଁ । ପୁଣି ଚିଠି ନେଉଟେଇ ଦେଖିଲି—ମଧୁପୁର-ଗଡ଼ରେ ସୁରେନ୍ଦ୍ର ପଟ୍ଟନାୟକଙ୍କ ପୁଅ ସହିତ । ଭାବିଲି, ତା'ହେଲେ କ'ଣ ଯୂଙ୍କର ଘର ପାଖରେ ? ଯୂଙ୍କର ନିଶ୍ଚୟ କିଛି ହୋଇଥିବେ !

“କେଉଁଠୁ ଆସିଚି କରେ ଚିଠି ?” ବୋଉ ପଚାରିଲା ।

କହିଲି “ମଧୁପୁର ଗଡ଼ରୁ ।”

“ଏଁ ! ମଧୁପୁର ଗଡ଼ ?”

ନିଜର ଭୁଲ୍ ବୁଝିପାରି କହିଲି, “ନା, ମଧୁପୁରଗଡ଼ ନୁହେଁ, ଚନ୍ଦ୍ରକାନ୍ତ ଚିଠି ଦେଇଛି ।”

“ଚନ୍ଦ୍ରକାନ୍ତ ? ସେ ପୁଣି କିଏ ?”

“ଓ, ତୁ ତାକୁ ଚିହ୍ନିନୁ ପରା ! ବେଶ୍ ଭଲ ପିଲାଟିଏ, ଘର ଜଗତପୁରରେ । ସେଦିନ ଜଗତପୁରରେ ଭେଟହୋଇ ଚିହ୍ନାପରିଚ ହୋଇଥିଲା । କେଡ଼େ ସୁନ୍ଦର ବ୍ୟବହାର ! ସେଇ ଦଣ୍ଡକ ଭିତରେ ସେ ମୋତେ ଏତେ ଆପଣାର କରିନେଲା, ତୁ ଶୁଣିଲେ ଆଶ୍ଚର୍ଯ୍ୟ ହେବୁ ।”

“ତା'ହେଲେ ମଧୁପୁର ଗଡ଼ କ'ଣ କହୁଥିଲୁ ?”

"ହଁ, ସେ ଚିଠି ଦେଇଛନ୍ତି ଯେ ତାର ଗୋଟିଏ ଖୁଡ଼ୁତା-ଝିଅ ଭଉଣୀର ବାହାଘର ମଧୁପୁରଗଡ଼ରେ ହେଉଛି—ମତେ ନିମନ୍ତ୍ରଣ କରିଛନ୍ତି ।"

ବୋଉ ଦୀର୍ଘ ନିଶ୍ୱାସଟାଏ ଛାଡ଼ି କହିଲା, "ହଁ, ଆମର ତ କେତେ ନିମନ୍ତ୍ରଣ ପେଟେଯାଉଚି, ଆମେ କାହାର ନିମନ୍ତ୍ରଣ ରକ୍ଷାକରିବାକୁ ଯାଉଛୁ ?"

କଥାଟା ମୁଁ କିଛି ବୁଝିପାରିଲି ନାହିଁ । ନିର୍ବୋଧ ଭଳି ବୋଉକୁ ଚାହିଁ ରହିଲି ।

"ଝିଅ ଜନମ କରି ଲୋକେ ଶିଅ ଶଅ ଧରି ବାରି‌ଲି ଗୁଣ୍ଡି ପିଣ୍ଡା ହେଉଛନ୍ତି କିନ୍ତୁ ମୋ ଦୁଆରକୁ ଲୋକେ ଯାଚହୋଇ ଦଉଡ଼ୁଛନ୍ତି, ବିଛଣାରେ ପଡ଼ିପଡ଼ି ଏଡ଼େ ସୁନ୍ଦର ଝିଅଟା ମୋର ନାରଖାର ହେଲା ।"

ବୋଉ ଆଉ କହିପାରିଲା ନାହିଁ । ତାର ମାତୃଭିତର ବେଦନା ମୁଁ ବୁଝିପାରିଲି ।

ବୁଝେଇ ଶୁଝେଇ କହିଲି, "ସେଥିପାଇଁ ବ୍ୟସ୍ତହେଲେ କ'ଣ ହବ ? ଯାହାକୁ ଯା' ଭୋଗିବାର ଥିବ ସେ ତା' ନିଶ୍ଚୟ ଭୋଗିବ । ଆମର ଭାଗ୍ୟ ସେମିତି, ଆମେ ଭୋଗୁଛୁ । ଏଥି-ପାଇଁ ଦୋଷ ଦେବା କାହାକୁ ? ତେବେ ମଂଜୁ ତ ଆସ୍ତେ ଆସ୍ତେ ଭଲ ହଉଛି, ଭଗବାନଙ୍କୁ ଡାକ, ସେ ଶୀଘ୍ର ଭଲ ହୋଇଯାଉ ।"

ବୋଉ ପୁଣି ଗୋଟାଏ ଦୀର୍ଘନିଶ୍ୱାସ ପକାଇ କହିଲା, "ଭଗବାନ କୋଉଠି ଶୁଣୁଛନ୍ତି ରେ ବାପ ? ମୋର ଭାଗ୍ୟକୁ ଭଗବାନ ପଥର ପାଲଟିଗଲେଣି ।"

ସମୟକୁ ଦେଖି କହିଲି, "ମୁଁ ଡାକ୍ତର ପାଖକୁ ଯାଉଛି ବୋଉ, ସମୟ ହୋଇଗଲାଣି ।"

ତାଙ୍କର ଘର ବାଟଦେଇ ଯିବାକୁ ପଡ଼େ । ବାଟଘରେ ସେ କ'ଣ କରୁଥିଲେ କେଜାଣି, ମୋତେ ଦେଖି କ'ଣ କହିଲ-ଭଳି ହେଲେ ।

ମୁଁ ବ ଠିଆହୋଇଗଲି ରାସ୍ତାରେ ।

ସେ ଆଡ଼ୁଆଳରେ ଥାଇ ପାର୍ଥକୁ କହିଲେ, "କହ ବାବୁଙ୍କୁ, ପଛକୁ ଆସିବେ ।"

ମୁଁ ହସିହସି କହିଲି, "ଆରେ ଖାଲି ଡାକ ନା ଆଉକଛି ?"

ସେ ବ ହସିଲେ । ପାର୍ଥକୁ କହିଲେ, "କହ, ଖାଲି ପାନ କ'ଣ ସବୁଦନେ ଦଆଯାଏ ?"

କହିଲି, "ହଉ, ହଉ, ମୁଁ ଏଇକ୍ଷିଣା ଡାକ୍ତର ପାଖକୁ ଯାଉଛି—ତରତର ।"

କହିଲି ସିନା ତରତର ଅଛି କନ୍ତୁ ଯେଉଁ ଚଞ୍ଚଳତା ନେଇ ଡାକ୍ତର ପାଖକୁ ବାହାରିଥିଲି, ତା କୁଆଡ଼େ ଗଲା ଉଭେଇ । ତାଙ୍କର ଦୁଆରମୁହଁରୁ ଗୋଡ଼ ମୋର ଆଉ ଫୁର୍ତ୍ତି ହୋଇପାରିଲା ନାହିଁ । "ପଛକୁ ଟିକଏ ଆସିବେ", ତା'ଙ୍କର ଏଇ କଥା କେଇପଦ ମନ ଭିତରେ ମୋର ଗୁରେଇ ଭୁରେଇ ହବାକୁ ଲାଗିଲା । କୌଣସି ମୀମାଂସା କର ସେ କଥାକୁ ମନ ଭିତରୁ ତଡ଼ିପାରିଲି ନାହିଁ ।

ହୁଏତ ସେ ମୋତେ ସୁଖ ପାଇଆସିଛନ୍ତି, ଗୋଟାଏ ମୁହୂର୍ତ୍ତର ଆଖିର ମିଳନରୁ । ତା'ପରେ ମୋର ଢଙ୍ଗଢାଙ୍ଗ, କଥାବାର୍ତ୍ତା ତାଙ୍କର ସୁଖ ପାଇବାଟାକୁ ଟିକଏ ବଢ଼େଇ-ପାରିଥାଏ । କନ୍ତୁ ମୁଁ କେଉଁ ବଳରେ ମନେ କରିବ ଯେ ତାଙ୍କର ସୁଖ ପାଇବା ଭିତରେ ରହିଛି ଆନ୍ତରିକତା ? ସୁଖ

ପାଇବା ତାଙ୍କର କ୍ଷଣିକ ମୋହ ନୁହେଁ—ଚିରନ୍ତନ ମାୟା ! ମାଉଧକୁ କୃତଜ୍ଞର ଏକନିଷ୍ଠ ସନ୍ତୁଷ୍ଟିନପୂନ ଅପେକ୍ଷା ! ! ! କିନ୍ତୁ ମୁଁ ଯେ ନିଜକୁ ତାଙ୍କ ଭିତରେ ହଜାଇ ଦେଇଛି—ମୋର ଉପାୟ କ'ଣ ? ସେ ମୋତେ ଫିଙ୍ଗିଦେଲେ ବି ମୁଁ ତା'ର ଭିତରେ ଗୌରବ ଅନୁଭବ କରିବି, ସେଇଆକୁ ମୁଣ୍ଡପାତି ସହିନେବି ! ତାଙ୍କର ଆଖି ମୋର ସ୍ମୃତି, ଭୁଲି ତ ପାରିବି ନାହିଁ ।

ଭାବୁ ଭାବୁ ବାଟ ସରିଗଲା । ଔଷଧ ନେଇ ଘରେ ପହଞ୍ଚିଲି ।

ବେଳାଗୁଡ଼ାକ କେମିତି ସରିଯିବ—ଏଇ ହେଲା ମୋର ଚିନ୍ତା । କାନ୍ଥରେ ଟଙ୍ଗାହୋଇଥିବା ଘଣ୍ଟାଟାକୁ ଭାରି ଚିଡ଼ ଲାଗୁଥାଏ—କେତେ ଆସ୍ତେ ଆସ୍ତେ ଚାଲୁଛି ଗଧ ଭଳି, ମଣିଷର ଭଲମନ୍ଦ ବୁଝୁନି । ମନ ହଉଥାଏ, ଘଣ୍ଟା କଣ୍ଟାଟାକୁ ଆଗେଇ ଦିଅନ୍ତି କିନ୍ତୁ ନିଜର ବାତୁଳତାରେ ଲଜ୍ଜିତ ହୋଇ ରହେ ।

# ଅଷ୍ଟମ

ସଞ୍ଜ ହେଲା ।

ଘୋଡା ମଚ୍‌ମଚ୍ କରି ରୋହଣୀ ବାବୁ ଆମରି ଘର-ବାଟଦେଇ ଘରୁ ଚାଲିଯିବାର ମୁଁ ଦେଖିଲି । ଭାବିଲି, ରାସ୍ତା ସଫା ହୋଇଗଲା । ତଥାପି ସନ୍ଦେହୀ-ମନ ସେତିକରେ ମାନିଲା ନାହିଁ । ବାଡ଼ିଆଡ଼କୁ ଆସିଲି, ଆଜି କାଲେ କିଏ ଥିବ ଜାଣିବି ବୋଲି ।

ଆଜି କାହାରି ପାଟି ଶୁଣାଯାଉ ନ ଥାଏ । ତାଙ୍କରି ସେଇ ବୀଣାଝଣା ସ୍ୱର ଓ ପାର୍ଥ ସିଦ୍ଧାର୍ଥଙ୍କର ପାଟିଗୋଳ । ତାଙ୍କୁ ଟିକିଏ ବ୍ୟସ୍ତ ଥିବାର ଅନୁମାନ କଲି । ପାର୍ଥକୁ ତାଗିଦ୍ କରି କହିବାର ଶୁଣିଲି, "ଇଆଡ଼କୁ କାହିଁକି ଆସୁଛୁ ରେ ? ଦାଣ୍ଡ-ଘରେ ପରା ଲଣ୍ଠଣ ଜଳୁଛି, ସେଇଠି ବସିବାକୁ ହଉନି । କାଲେ କିଏ ଭଦ୍ରଲୋକ ଆସିବ, ଯା', ସେଇଠି ପଢ଼ ଅପା ପାଖରେ !"

ତା'ହେଲେ ସେ କ'ଣ ମୋରି ପ୍ରତୀକ୍ଷାରେ ଅଛନ୍ତି ? ଆବେଗରେ ଆକୁଳ ହୋଇଉଠିଲି । ତାଙ୍କରି ଓଠହାଣି ମଧୁ ପାନ କରିବାକୁ ମୁଁ ତୃଷାର୍ତ୍ତ ହୋଇଉଠିଲି, ତଣ୍ଟି ମୋର ଶୁଖି ଶୁଖି ଗଲା !

କାଳ ବିଳମ୍ବ ନକରି ବାହାରି ପଡ଼ିଲି । କେତେ ଟିକିଏ ବାଟକୁ ଗୋଡ଼ ମୋର ଛନ୍ଦ ହୋଇଯାଉଥାଏ ।

ତାଙ୍କ ଦୁଆରମୁହଁରେ ପହଞ୍ଚିଲି । କବାଟଟା ଦର-ଆଉଜା ହୋଇଥାଏ, ଝରକାବାଟେ ଘର ଭିତରକୁ ମୋରି ଆଖି ପଡ଼ିଗଲା । ଦେଖିଲି, ଶିପ୍ରା ଗୋଟାଏ କି ବହି ଦେଖିବାରେ ବ୍ୟସ୍ତ ଏବଂ ପାର୍ଥ ତା' ପିଠିରେ ନାଉ ହବାରେ ବ୍ୟସ୍ତ ।

ଗଳା ଖଙ୍କାରି ଡାକିଲି—"ପାର୍ଥ !"

ଥରଥର ହୋଇ ଶିଖା ଉଠି ପଡଲେଇଲା । କବାଟ ମୁକୁଳା-କରି ଦେଖିଲି, ପାର୍ଥ ମୋରି ଆଡ଼େ ଗୁହାଁ ବସିଛି ।

କୌଣସି ଆଦର ଅଭ୍ୟର୍ଥନାକୁ ଅପେକ୍ଷା ନ ରଖି ଘର ଭିତରେ ପ୍ରବେଶ କଲି । ପାର୍ଥକୁ ଗେଲକରି ଏଣୁତେଣୁ କେତେ କଥା ପଚାରିଲି । ଅନୁମାନ କଲି, ସେ ଭିତରେ ତତ୍ପର ହୋଇଉଠିଲେ—ମୋ ପାଇଁ ଗୋଟାଏ କିଛି ଆହାରର ଆୟୋଜନ ବୋଧହୁଏ !

ପାର୍ଥ ସାଙ୍ଗରେ ଅନାବଶ୍ୟକ ଗପ ମୋର ଶେଷ ହୋଇ-ଆସିଲା । ତଥାପି ତାଙ୍କର ଦେଖାନାହିଁ ।

ତାଙ୍କୁ ଶୁଣେଇ ପାର୍ଥକୁ କହିଲି, "ଆରେ ପାର୍ଥ, ତମ ଘରେ ତ କାହାରି ଦେଖାନାହିଁ, ମୁଁ ଯାଉଛି ।"

କେତେବେଳୁ ସେ ଆସି ନୀରବରେ ଠିଆହୋଇ-ରହିଛନ୍ତି ଜାଣେ ନା, ମୋ କଥା ଶୁଣି ସେ ଚମକପଡ଼ିଲାଭଳି ହେଲେ ବୋଧହୁଏ । କାଚ ଝମ୍‌ଝମ୍ କରି ନିଜର ଉପସ୍ଥିତି ଜଣାଇଲେ ।

ଥରଥର ଗଳାରେ କହିଲେ, "କିଏ କୋଉଠି ନାହାଁନ୍ତି ରେ ପାର୍ଥ ? ସମସ୍ତେ ତ ଘରେ ଅଛନ୍ତି ।"

ରହସ୍ୟ କରି କହିଲି, "ସମସ୍ତେ କେତେବେଳେ ଆସି ଆମ ଗପକୁ କାନେଇଛନ୍ତି ତା' ମୁଁ ଜାଣିଲି କେମିତି ?"

"ଏଇଠି ମଣିଷ ଠିଆହୋଇଛନ୍ତି ଜଣା ପଡୁନି ? ପାର୍ଥ ସାଙ୍ଗେ ଗପିବାରେ ଏତେ ମନ···? ହଉ ଚାଲୁ, ବନ୍ଦ ହେଲା କାହିଁକି ?"

ଅଭିମାନ କରି କହିଲି, "ନାଇଁ, ମୁଁ ଆଜି କିଛି କହିବି ନାଇଁ । ଜଗନ୍ନାଥଙ୍କୁ ଲକ୍ଷ୍ମୀ କବାଟ କିଳି ଗାଳି ଦେଲାପରି

ପର୍ଦ୍ଦା ଆଡ଼ୁଆଳରେ ରହି କଥା କହିବା ଠିକ୍ ସେମିତି ହଉଛି । ଏଇ ସକାଶେ କ'ଣ ନିମନ୍ତ୍ରଣ ?"

ହସି ହସି କହିଲେ ବି ସେ ମୋର ବ୍ୟଥା ବୁଝିଲେ । ପର୍ଦ୍ଦା ଆଡ଼ୁଆଳରେ ରହି ସେ ମୋତେ ତନ୍ନତନ୍ନ କରି ଦେଖି ସାରିଥିଲେ ବୋଧହୁଏ । ତାଙ୍କର ସଙ୍କୋଚ ବି କମି ଆସିଥିଲା । ସେ ମୋ କଥାରେ ନିତାନ୍ତ ଉପାୟହୀନା ହୋଇ-ପଡ଼ିଲେ । ଅଗତ୍ୟା ସେ ମୋ ସାମନାକୁ ଆସିବାର ଉପକ୍ରମ କଲେ ।

ବଉଦ ଭିତରୁ ଚନ୍ଦ୍ର ବାହାରିଲାଭଳି ସେ ତାଙ୍କ ମୁହଁଟି ପର୍ଦ୍ଦା ବାହାରକୁ ଟିକିଏ କାଢ଼ିଲେ । ପୁଣି ଟିକିଏ ଅପସରି ଯାଇ କହିଲେ, 'ମୁଁ ତ ଏଇଠି ଅଛି, ଆଡ଼ୁଆଳରେ ରହିଲି କେଉଁଠି ?'

ଉଜ୍ଜ୍ୱଳ ଆଲୁଅରେ ତାଙ୍କ ମୁହଁଟି ଗୋଟିଏ ଚେକା ସୁନା-ଥାଳିଆଭଳି ଜଳୁଥାଏ । ଆଖିଟା ମୋର ଝାପ୍‌ସା ହୋଇଗଲା । ତଥାପି ମୁଁ ବିହ୍ୱଳ ହୋଇ ଚାହିଁଥାଏ ।

କହିଲି, "ନା, ନା, ଏ ଲାଜ ସଙ୍କୋଚ ମୋର ଅସହ୍ୟ ।"

ସେ ପୁଣି ଟିକିଏ ବାହାରି ଆସିବାକୁ ବାଧ୍ୟହେଲେ । କହିଲେ, 'ଆଚ୍ଛାକଥା, କିଏ ଲାଜ କରୁଛି ? ମୁଁ ତ ଏଇଠି ଅଛି ।'

ସେ ପର୍ଦ୍ଦାଭିତରୁ ପୂରା ବାହାରିପଡ଼େ ମୋ ସାମନାରେ ଠିଆହେଲେ ।

ଏତେ ନିକଟରେ ଖୋଲାଖୋଲି ତାଙ୍କୁ ଦେଖିବା ଏଇ ମୋର ପ୍ରଥମ । ମୁହଁଖଣ୍ଡି ତାଙ୍କର ପ୍ରକୃତରେ ଗୋଟିଏ ସୁକୁମାର ଖଣି । ତାଙ୍କର ଗୋଲାପି ଗଣ୍ଡ ଦୁଇଟି ମଝିରେ ତିଳ-ନାସାଟିକୁ ସତେ ଯେମିତି କେହି ମନଯୋଗ ଦେଇ ଖଞ୍ଜିଛି । କେଡ଼େ ସମତୁଲ—ଟିକିଏ ଆଡ଼ବାଙ୍କ ନାହିଁ । ଓଠଟି

ନାଲି ଟହଟହ—ଦାନ୍ତଗୁଡ଼ିକ ଗୋଟିଏ ମୁକ୍ତାର ମାଳା । ସବୁଠାପର ତାଙ୍କର ଫୁଲଧନୁ-ଭ୍ରୂଲତା-ଘେରା କଳାଭଅଁର ଆଖିଯୋଡ଼ିକ ସୌନ୍ଦର୍ଯ୍ୟର ଶୀର୍ଷସ୍ଥାନ କରିଛି ଅଧିକାର । ଚମ୍ପକବରଣ ତନୁରୁ ସତେ କି ଲାବଣ୍ୟ ଝରିପଡ଼ୁଛି ।

ମୁଗ୍ଧ ଆଖିରେ ମୁଁ ତାଙ୍କୁ ଚାହିଁରହିଲି—ଆଖିରେ ମୋର ପଲକ ପଡ଼ିଲା ନାହିଁ । ତାଙ୍କ ଆଖିର ନୀରବ ଭାଷା ମୋର ଅବୋଧ ହେଲାନି—କାରୁଣ୍ୟ ଓ ଆତ୍ମୀୟତାର ଗୋଟିଏ ରାଗିଣୀ ତା'ର ଭିତରେ ବାଜି ଉଠୁଥିଲା । ମୋହାବିଷ୍ଟ ହୋଇ ସ୍ୱପ୍ନରାଜ୍ୟରେ ମୁଁ ଉଡ଼ି ବୁଲିଲି ।

ସେ ଟିକିଏ ସଙ୍କୋଚ ବୋଧକଲେ ମୋର ଏ ଷଣ୍ଡରେ । "ଟିକିଏ ଆସେ" ବୋଲି କହି ପର୍ଦ୍ଦା ଆଡ଼େଇ ଭିତରକୁ ଚାଲିଗଲେ ।

କିଛିକ୍ଷଣପରେ ପାର୍ଥକୁ ଡାକି କହିଲେ, "ବାବୁଙ୍କୁ ଟିକିଏ ଭିତରକୁ ନେଇ ଆ ।"

କିଛି ବୁଝିପାରିଲି ନାହିଁ । ଯନ୍ତ୍ରଚାଳିତଭଳି ଗଲି । ଦେଖିଲି, ଜଳଖିଆର ଆୟୋଜନ । ବିନା ଓଜରରେ ବସିଲି । ପାର୍ଥକୁ ଟାଣିଆଣି ପାଖରେ ବସାଇଲି—ସେ ନାହିଁ ନାହିଁ କରୁଥିଲା ।

କଥା ପ୍ରସଙ୍ଗରେ ମଧୁପୁର ଗଡ଼ରେ ଚନ୍ଦ୍ରକାନ୍ତ ଭଞ୍ଜଙ୍କର ବାଘଘର କଥା ପଡ଼ୁଥିଲା । ଚନ୍ଦ୍ରକାନ୍ତ କିଏ, ସେ ପ୍ରଥମେ ବୁଝିପାରିଲେ ନାହିଁ । ସମସ୍ତ ବିଷୟ ସେ ବୁଝିଲେ ପରେ—

"ସେ ପରା ଯାଙ୍କର ଘରେ ବାହାଘର, ଯାଙ୍କର ସାନ ଭାଇ, ପାର୍ଥର ଦାଦା—"

ଆଶ୍ଚର୍ଯ୍ୟ ହେଲି । ତା'ହେଲେ କ'ଣ ଯାଙ୍କର ସମ୍ବନ୍ଧ ମୋତେ ବରାବର ଦେଉଛନ୍ତି !

ପ୍ରକାଶ୍ୟରେ କହିଲି, "ସତେ ! ଚନ୍ଦ୍ରକାନ୍ତ ତ ମୋର ବନ୍ଧୁ, ସେ ମୋତେ ବାହାଘରକୁ ନିମନ୍ତ୍ରଣ କରିଛି ।"

ସେ ମୁହଁ ହଲାଇ କହିଲେ, "ନା, ନା, ସେ କଥା ହବନି—ଏ ଘରୁ ନିମନ୍ତ୍ରଣ ଆଗ ରଖିବାକୁ ହେବ । ବରଯାତ୍ରୀ ହବାକୁ ପଡ଼ିବ ।"

ମୁଁ ଦୃଷ୍ଟି ସ୍ଥିରକରି ପଚାରିଲି, "ଏଠା କାହାର ନିମନ୍ତ୍ରଣ ଶୁଣେ ?"

ସେ ଟିକିଏ ମୁହଁ ଆଡ଼େଇ ଦେଲେ । ହସ ଭରିଆସୁଥିବା ମୁହଁଟାକୁ ମୋ ଆଡ଼କୁ ଫେରାଇ ଆଣିଲେ କିଛିକ୍ଷଣ ପରେ । ହସଟି ତାଙ୍କୁ ବଡ଼ ସୁନ୍ଦର ମାନେ । ହସିଲାବେଳେ ସତେକି ମୁକ୍ତା ବିଞ୍ଚିହୋଇ ପଡ଼େ ।

ମଥା ପୋତି ସେ କହିଲେ, "କାହାର ନିମନ୍ତ୍ରଣ—ଏଠା କ'ଣ ବୁଝିବା କଷ୍ଟକର ?"

ଲଜ୍ଜିତ ହେଲି । କହିଲି, "ହଉ, ସେ ଦିନ ତ ଅଛି ଦେଖାଯିବ—ମୋର ଛୁଟି କାହିଁ ?"

ସେ ଜୋର୍‌ଦେଇ କହିଲେ, "ସେ ଦିନ କ'ଣ ? ଏଇ ମାସରେ ପରା ବାହାଘର—ମାସର ୨୪ ଦିନ । ଛୁଟି ନେବାକୁ ହେବ ।"

କହିଲି, "ମଞ୍ଜୁ ଦେହ ପାଇଁ ବୋଉ ତ ହେମିଣ ଲଗେଇଲା ଯେ ଛୁଟି ପାଇଁ ଦରଖାସ୍ତ କରିଛି—କ'ଣ ହଉଛି ଦେଖାଯାଉ ।"

ସେ କହିଲେ, "ମଞ୍ଜୁ ଦେହ ତ ଭଲ ହୋଇଆସିଲାଣି ଟିକିଏ । ସେଇ ଏକା ଛୁଟିରେ ତ ମଧୁପୁର ଯାଇହେବ । ମାଉସୀ କ'ଣ ତିନି ଚାରି ଦିନ ପାଇଁ ଛାଡ଼ିବେ ନାହିଁ ?"

କହିଲି, "ସେ ଘର ଯିଏ ନିମନ୍ତ୍ରଣ କରୁଛନ୍ତି ତା'ର ଉପରେ ।"

ସେ ଅପ୍ରତିଭ ହେଲେ । ମୁଁ ଉଠିବାର ଉଦ୍ୟୋଗ କଲି ।

ସେ ଚମକି ପଡ଼ି କହିଲେ, "ଏ କଣ ?" କିଛି ତ ଖାଇ ହେଲାନି ? ସେମିତି ସବୁ ରହିଛି—"

ମୁଁ ତାଙ୍କ ମୁହଁକୁ ଚାହିଁ କହିଲି, "ଯାହା ଖାଇବାର କଥା, ତା ନିଃସଙ୍କୋଚରେ ଖାଇଛି । ଜିନିଷ ଅଳ୍ପ ହେଲେ ବି ସେଇଥିରେ ମୋ ପେଟ ପୂରି ଯାଇଛି । ଆଜି ରାତିରେ ମୋର କିଛି ଖାଇବା ଦରକାର କରିବ ନାହିଁ—"

ଗୋଟାଏ ତୃପ୍ତିର ହାସ୍ୟ-ଲହରୀ ତାଙ୍କ ମୁହଁରେ ଖେଳିଗଲା ।

ତାଙ୍କର ଏଇ ଅଳ୍ପକ୍ଷଣସ୍ଥାୟୀ ଆନନ୍ଦରେ ମୁଁ ସୁଖ ପାଇଲି ଯେତିକି ଦୁଃଖ କଲି ମଧ୍ୟ ସେତିକି । ହୁଏତ ଆଉ କେତେଘଣ୍ଟା ପରେ ଏ ହାସ୍ୟ-ଲହରୀ କୁଆଡ଼େ ଲୁଚିଯିବ ଶୁଖି, ଅଶ୍ରୁଧାରା ତାଙ୍କର ମୁଖମଣ୍ଡଳ ପ୍ଳାବିତ କରୁଥିବ—ରୋହିଣୀ ବାବୁର ଅତ୍ୟାଚାରରେ । ମନେମନେ ସ୍ଥିର କଲି, ରୋହିଣୀ ବାବୁର ଏ ଅତ୍ୟାଚାରକୁ ପ୍ରତିରୋଧ କରିବି ନିଶ୍ଚୟ—ଏହାର ଫଳ ଯେତେ ବିଷମୟ ହଉପଛକେ । ତେବେ ସୁଖର କଥା ମୁଁ ଆସିଲାଦିନ ସେ ଅତ୍ୟାଚାରର ଦାରୁଣ ଅଭିନୟ ହୋଇନି ।

ନିଜେ ହାତରେ ପାନ ଥାଳିଆଟି ଆଣି ମୋ ପାଖରେ ସେ ଥୋଇଲେ । ଦୁଇଖଣ୍ଡ ଉଠାଇନେଇ ମୁଁ ଉଠିଲି ।

ଥାଳିଆରେ ଥିବା ଅବଶିଷ୍ଟ ପାନ ପୁଣି ଆଣି ସେ ମୋତେ ଯାଚିଲେ—ନାହିଁ କରିବାକୁ ଧୈର୍ଯ୍ୟ ନ ଥିଲା ମୋର ।

# ନବମ

ମଂଜୁର ଦେହ ଟିକିଏ ଭଲ ଲାଗିଲାଣି । ମୋଭଳି କର୍ମକ୍ଲାନ୍ତ ମଣିଷର ଆଳସ୍ୟ-ଜୀବନ-ଯାପନ ଗୋଟାଏ ଶାସ୍ତି କହିଲେ ଚଳେ । ସେଥିରେ ପୁଣି ବୋଉର ଖାଇବା ପିଇବା ବାବଦରେ ଯୋଉ ଜୁଲମ୍, ସେଥିରେ ମୁଁ ଧଇଁସଇଁ । କ'ଣ କରିବ ?

ଖାଇପିଇ ସାରି ସମୟଟା କଟାଇବା ପାଇଁ ଚୟନିକା ଖୋଜିଲି । ସେ ଆଉ ମିଳିବ କୁଆଡ଼ୁ ? ଚୟନିକା ଚୋରର ସଂଧାନ ତ ମୁଁ ନେଇପାରିଲି ନାହିଁ—ମହା ମୁସ୍କିଲ୍ ! ମନେ ମନେ ଆଶ୍ୱସ୍ତ ହେଲି—ଚୟନିକା ମୋର ଯେଉଁଠି ରହୁ-ଅନ୍ତେ ହତାଦର ହେବନାହିଁ ।

ପ୍ରଦୀପର ନିମନ୍ତ୍ରଣଟା ମୋର ମନେ ପଡ଼ିଲା । ପୋଷାକ ପିନ୍ଧି ବାହାରିଲି ।

ବୋଉ ଦେଖି କହିଲା, "ଏ ଖରାଟାରେ କୁଆଡ଼େ ବାହାରିଛୁରେ ? ଖାଇପିଇ ଟିକିଏ ଶୋଇ ପଡ଼ିବା ତୋ ଜାତକରେ ନାହିଁ । ଖାଲି କରି ଦୌଡ଼ ଦୌଡ଼ ଧାଅ ତ ଯାହା ହେଲାଣି—"

କହିଲି, "ପ୍ରଦୀପ ବସାଆଡ଼େ ଟିକିଏ ଯାଉଛି, ବହୁତ କରି କହିଥିଲା ।"

"କୋଉଠି ତା'ବସା ?"

"ଏଇ ଭୁଉଲଆଗଛ—"

"କ'ଣ ହେଲା, ତୁ ଏ ମୁଣ୍ଡଫଟା ଖରାରେ ଭୁଉଲଆଗଛ ବାହାରିଛୁ ? କ'ଣ ଏମିତି ଗୁଡ଼ଗୁଡ଼ିଆ ପିମ୍ପୁଡ଼ି ଖାଇଯାଉଛୁ କି ? ଯିବୁତ, ଗୁଇ ନେଉଟ୍, ଜଳଖିଆ ସାରି ଯିବୁ ।"

ବିରକ୍ତ ହୋଇ କହିଲି, "ତୋର ତ ଖାଲି ସବୁବେଳେ ସେଇ ଜଳଖିଆ । ମୋତେ ସବୁବେଳେ ଖାଇବାକୁ ବାଧକରି ବେରାମ କରିସାରିଲୁଣି । ଯା, ମୁଁ ଏଇକ୍ଷଣି ଦି'ଦିନ ପର୍ଯ୍ୟନ୍ତ ଜଳଖିଆ ଛୁଇଁବି ନାହିଁ । ଫେର୍ ଯଦି ଜଳଖିଆ କଥା କହିବୁ ତୁଆଡ଼େ ପଳେଇବି—"

ବୋଉ ତାଡ଼ନା କରି କହିଲା, "କାହିଁକି ତୋଟ ସବୁବେଳେ ଖାଇବା ଖାଇବା ହଉଥାଉ ? ଯା, କୋଉଠିକି ଯାଉଛୁ—ଚଞ୍ଚଳ ନେଉଟି ଆସିବୁ ।"

ପ୍ରଦୀପ ଖଟ ଉପରେ ଶୋଇ ଗୋଟାଏ ବହି ନିରେଖିବାରେ ମଗ୍ନ ।

ଅତର୍କିତଭାବେ ଯାଇ କହିଲି, "କରେ ତୋର ଓକିଲତି କେତେଦୂର ଗଲା ?"

ପ୍ରଦୀପ ଚିହୁଁକିନା ଚମକି ପଡ଼ିଲା । ଖଟ ଉପରୁ ଡେଇଁପଡ଼ି ଦୁଆରମୁହଁରୁ ମୋ ହାତ ଧରି ଘର ଭିତରକୁ ଟାଣିନେଲା ।

ମୋତେ ଖଣ୍ଡେ ସିଗାରେଟ୍ ଧରେଇ ଦେଇ ପ୍ରଦୀପ ପଚାରିଲା—"ଅସମୟରେ ଏ ଅଭିଯାନ୍ କେମିତି ? କୌଣସି କାମରେ ଯାଉଁଯାଉଁ ଏ ଗରୀବ ହଠାତ୍ ସ୍ମୃତି-ପଟରେ ଅଭିଗଣ୍ଡି ହେଲା ବୋଧହୁଏ !"

କହିଲି, "ନାଇଁରେ ଭାଇ, ତା' ନୁହେଁ । ତୁ ହୁଏତ ଅବିଶ୍ୱାସ କରିବୁ, ମୁଁ ବୋଉ ସାଙ୍ଗରେ କେତେ ଯୁଦ୍ଧ କରି ଆସିଛି ।"

ପ୍ରଦୀପ ଡୋଳା ଠେକି ପଚାରିଲା—"କାହିଁକି ?"

କାରଣଟା କହିଲି ।

ସେ ବୋଉ କଥାକୁ ଅନୁମୋଦନ କରି କହିଲା, "ତା' ଯେକୌଣସି ମା' କରନ୍ତି ।"

ଅନ୍ୟ କଥା ପଡ଼ିଲା । ପ୍ରଦୀପ ପୁଣି ମୋର ବିବାହ ଓ ସ୍ତ୍ରୀ କଥା ପଚାରି ବସିଲା ।

କହିଲି, "ସେସବୁ କଥା କହି ଲାଭ କ'ଣ ? ଆମ ସମାଜରେ ବିବାହ ଗୋଟାଏ ଚରମ ଅର୍ଥଲିପ୍ସା ଓ କନ୍ୟା-ଦାୟ-ଗ୍ରସ୍ତ ପିତାମାତାଙ୍କ ଉପରେ ଯଥେଚ୍ଛାଚାର । ଯାହାଙ୍କୁ ନେଇ ହୁଏ ବିବାହ ସେ ରହନ୍ତି କେଉଁ ଦୂରରେ—ଆଉ ଟଙ୍କା, ସୁନା, ସାଇକେଲ୍, ରିଷ୍ଟୱାଚ୍, ଖଟପଲଙ୍କ, ଏଇସବୁ ରହେ ଅତି ନିକଟରେ ।

"ସେ ତ ସମାଜର ଗୋଟାଏ ଜଣାଶୁଣା ଡକାଯୁଡ଼ି । ତେବେ ତୋର କ'ଣ ହେଲା କହ ?"

"ମୋର ଆଉ ଫରକ୍ କ'ଣ ହବ ? ମୋର ଅଜ୍ଞାତରେ ବିବାହ ହୋଇଛି ସ୍ଥିର—ବାର ଭରି ସୁନା, ନଗଦ ଟଙ୍କା ଚଉରଶ, ସାଇକେଲ୍, ଘଡ଼ି, ପଲଙ୍କ ଇତ୍ୟାଦି ଇତ୍ୟାଦି ।"

ପ୍ରଦୀପ ହସିହସି କହିଲା, "କରେ ଇତ୍ୟାଦି ଇତ୍ୟାଦି କ'ଣ ? ନାଁଗୁଡ଼ାକ କହିବାକୁ ଏତେ ଇତଃସ୍ତତ କାହିଁକି ? ମୁଁ କୌଣସିଟା ମାଗିବି ନାହିଁ ମ ।"

କହିଲି; "ଆରେ ପ୍ରଦୀପ, ତୋର ସେ ପିଲାଳିଆ ବୁଦ୍ଧି ଗଲାନି ? ବାସନକୁସନ, ଲୁଗାପଟା, ଡିଙ୍କିବଗ, ଏଗୁଡ଼ା ତ ଆମ ବିବାହ ଚୁକ୍ତିରେ ନିହାତି ତୁଚ୍ଛ । ସେଗୁଡ଼ା ତ ଯେକୌଣସି ଲୋକ ଦେବାର କଥା । ସେ ନାଁଗୁଡ଼ା କହି ଲାଭ କ'ଣ ? ସେଥିପାଇଁ ଝିଅର ବାପମା'ଙ୍କୁ ଜମି ବିକିବାକୁ ପଡ଼େନା କି ଚକ୍ରବୃଦ୍ଧି ସୁଧରେ କରଜ ଆଣିବାକୁ ପଡ଼େନା । ଝିଅ ଜନ୍ମ-ହେଲାକ୍ଷଣି ମା ସେ ଯୋଗାଡ଼ରେ ଲାଗିଯାଏ—"

ପ୍ରଦୀପ ମୁଣ୍ଡ ହଲାଇ କହିଲା, "ଓ, ତୁ ଆଜିକାଲି ଖୁବ୍ ସାରବାନ୍ ବ୍ୟକ୍ତି ହୋଇଗଲୁଣି ପରା ! ବାଜେ କଥାଗୁଡ଼ା ତୋ ତୁଣ୍ଡରେ ପଶୁନି । ହଁ, ସେଠି କ'ଣ ହେଲା ?"

"ସେଠୁ ଆଉ ହବ କ'ଣ ? ଆମ ସମାଜରେ ତ ବାପମା ଯେମିତି ହିତାକାଙ୍କ୍ଷୀ ତା' ଜାଣୁ । ବୋଉର ଜବରଦସ୍ତି ଅତି ମାତ୍ରାରେ ବେଶୀ—'ପିଲାଟି ଭଲ, ଦିବାନିବା ଭଲ, ତୁ ଆପତ୍ତି କଲେ ମୁଣ୍ଡ ବାଡ଼େଇଦେବି—' ମୁଁ ନାଚାର—ଭଲ ପିଲାଟି ପରି ବାହା ହବାକୁ ଗଲି ।"

ଏତିକି କହି ମୁଁ ରହିଗଲି ଟିକିଏ ।

ପ୍ରଦୀପ କହିଲା, "ରହିଗଲୁ କାହିଁକି ? ତା'ପରେ କ'ଣ ହେଲା ? ତୁ ଗୋଟାଏ ଖୁବ୍ ଖୋସାମତିପ୍ରିୟ ହୋଇଗଲୁଣି—"

ମୁଁ କଟାକ୍ଷପାତ କରି ପ୍ରଦୀପକୁ କହିଲି, "ତୋର ଅବିବାହିତ ମନ ଏସବୁ ଶୁଣିବାକୁ ଖୁବ୍ ଆଗ୍ରହୀ, ନା ?"

ପ୍ରଦୀପ ଟିକିଏ ଲାଜ ପାଇଲା । ସେ କଥାଟାକୁ ଗୋଟାଏ ଭିନ୍ନ ଆଡ଼କୁ ଟାଣି କହିଲା, "ନା, ଠିକ୍ ତା ନୁହଁ—ତୋର

ଦୁଃଖଟା କୋଉଠି କେତେ, ଏଇଟା ଶୁଣିବାକୁ ମୋର ଆଗ୍ରହ ।”

ମନେ ମନେ ହସି ଆରମ୍ଭ କଲି—“ତା’ପରେ ମଧୁଶଯ୍ୟାର ମିଳନ ରାତି । ଅସ୍ପୃଶ୍ୟ ପରି ସେ ‘ରହେ ଦଶହାତ ଦୂରରେ । ମିଞ୍ଜିମିଞ୍ଜି ଦୀପରେ ତା’ ଦେହର ଚମ୍ପାରଙ୍ଗ ଫୁଟି-ଉଠୁଥାଏ । ପାଖକୁ ଗଲି । ଏତେ ଲଜ୍ଜା ! ହେ ଭଗବାନ ! ୧୯୬୨ ର ପ୍ରାଣୀଟିଏ ମୋ ଦେହରେ କାହିଁକି ଛନ୍ଦିଲ ? ମନଟା ତିକ୍ତ ହୋଇଉଠିଲା । ମୁହଁଟା ଦେଖିବା ପାଇଁ ମୋ ଦେହରୁ ଝାଳ ବୋହିଗଲା । ମନେ ମନେ ଭାବିଲି—ହାୟରେ ଆମ ସମାଜ ! ସଂସାରରେ ଗୋଟାଏ ନୂଆ ଜୀବନ ଧରି ଯେଉଁମାନେ ଯାତ୍ରା କରିବେ, ସେମାନଙ୍କର ପୁଣି ଦେଖାହୁଏ ଗୋଟାଏ ଅନ୍ଧକାରଛନ୍ନ କକ୍ଷର ସ୍ତିମିତ ଆଲୋକରେ ! ସେ ଦେଖାର ବା ମୂଲ୍ୟ କ’ଣ ? ବାପ ମା ତମ ପାଇଁ ଦେଖି ଠିକ୍ କରିବେ । ତମର ସେ ଦେଖାଦେଖିରେ ଅଧିକାର ନାହିଁ କି ସେ ପ୍ରସ୍ତାବରେ ଅମତ ହବାର ଉପାୟ ନାହିଁ ! ହଁ, କ’ଣ କହୁଥିଲି ? ପ୍ରଥମ ଦର୍ଶନ କଥା ପରା ! ଦେଖିଲି—ନାଲି ଓଠ, ଭସା ଆଖି, ତିଲ ନାସା—ବେଶ୍ ଲାବଣ୍ୟ-ଭରା ମୁଖମଣ୍ଡଳଟି ! ଯେତେ କହିଲେ ବି, ଯେତେ ବୁଝେଇଲେ ବି, ଯେତେ ଅନୁରୋଧ କଲେ ବି, ସେଇ କଣ ଛାଡ଼ିଆସିବାକୁ ଏକବାରେ ନାରାଜ । ସମସ୍ତ ଯୋର ବି ଖଟେଇବାକୁ ପଡ଼ିଲା ଶେଷକୁ—ବଛଣାକୁ ଆଣିହେଲାନି କୌଣସିମତେ । ସ୍ତ୍ରୀଲୋକମାନଙ୍କର ଏତିକି ଯୋର୍ ! କିଏ କହେ ଅବଳା ଦୁର୍ବଳା ? ନହାତି ଫାଙ୍କା କଥାଟାଏ ! ସେ ଗୁଟିପିଟିହୋଇ ମୋ କବଳରୁ ଖସି ଗୁଳିଗଲା । ପୁଣି ସେଇ କଣରେ ଖୁଣ୍ଟଭଳି ଠିଆହୋଇ ରହିଲା ।

ମଧୁରାତ୍ରି ମୋର ବ୍ୟର୍ଥତାରେ ହାହାକାର କରିଉଠିଲା । ଗୋଟିକ ପରେ ଗୋଟିଏ ହୋଇ ଚତୁର୍ଥୀ, ଅଷ୍ଟମଙ୍ଗଳା ଓ ଷ୍ଟନ୍ଦ ଚାଲିଗଲା ।

ତା' ଭିତରେ ବି ପାଞ୍ଚଦିନ ସେ ମୋଠୁଁ ଅଲଗା ରହିଲା । ମୋର ତା' ବିଷୟରେ ଆଉ ଆଗ୍ରହ ନ ଥାଏ—ମୁଁ ଆସି ବିଛଣାରେ ଚୁପ୍ ହୋଇ ଶୋଇପଡ଼େ । ସେ ବି କେତେବେଳେ ଆସି କେତେବେଳେ ଚାଲିଯାଏ—ତା' ମୁଁ ଜାଣି ପାରେନା । ଭାରି ଖରାପ ଲାଗିଲା ମତେ ତା'ର ବ୍ୟବହାର । ମନେ ମନେ ବାପା ବୋଉଙ୍କ ପ୍ରତି ବିରୂପ ହୋଇଉଠିଲି । ଏମାନେ କ'ଣ ଖାଲି ଧନ ଲୋଭରେ ଗୋଟାଏ ଅପଦାର୍ଥକୁ ଆଣି ମୋ ବେକରେ ଛନ୍ଦିଦେଲେ ? କାହାକୁ କିଛି ମୁହଁ ଫିଟାଇ କହିଲି ନାହିଁ । ମନଟାକୁ ଟିକିଏ ପରିବର୍ତ୍ତନ କରିବା ପାଇଁ ଗୋଟାଏ ଚାକିରି ବାହାନାରେ ମାମୁଁଙ୍କ ପାଖକୁ ଯାଜପୁର ବାହାରିଗଲି ।

ସାତ ଦିନ ପରେ—ଖଣ୍ଡିଏ ଚିଠି ପାଇଲି ତା' ପାଖରୁ । ଉପର ଠିକଣାଟା ଆଉ କିଏ ଲେଖି ଦେଇଥାଏ ।"

ପ୍ରଦୀପର କୌତୁହଳ ଟିକିଏ ବଢ଼ିଗଲା । ସେ ମୋର କଥାକୁ ଅପେକ୍ଷା ନକରି ପଚାରି ପକାଇଲା ଆଗ୍ରହରେ, "କ'ଣ ଲେଖାଥିଲା ?"

ମୁଁ ପୁଣି ଆରମ୍ଭ କଲି, "କ'ଣ ସେଗୁଡ଼ା କହିବାରେ ଭାଇ ? ଶୁଣିଲେ ତୁ ଏଇକ୍ଷିଣା ହସିବୁ ।"

"ହଉ କ'ଣ ଟିକିଏ କହ । ପୁଣି ସେଇ ଖୋସାମତି—"

"ଚିଠିର ବିଷୟବସ୍ତୁ ଠିକ୍ ଠିକ୍ ମୋର ମନେ ପଡୁନି, ସମ୍ବୋଧନ ହୋଇଛି, "ପାଣେଶ୍ୱର" ପୁଣି ଚିଠିରେ ତାରିଖ

ନାହିଁ କି ସ୍ଥାନର ନାଁ ନାହିଁ । ଅକ୍ଷରଗୁଡ଼ିକର ଯୋଉ ଅବସ୍ଥା ତା’ ଆଉ କ’ଣ କହିବ ? କାହାର ପେଟ ଫମ୍ପେଇଛି ତ କାହାର ଗୋଡ଼ ଚେପ୍ଟା, କାହାର ମୁଣ୍ଡ ଭାଙ୍ଗି ଯାଇଛି ତ ଆଉ କେହି ଜରାଜୀର୍ଣ୍ଣ । ବରଂ ଅକ୍ଷରଗୁଡ଼ିକ ପ୍ରତି ମୋର ଦୟା ହେଲା । କି କଷ୍ଟ ଏମାନେ ପାଇଲେ ଏ ନୂଆ ମୁନିବ ହାତରେ ।”

ପ୍ରଦୀପ ପ୍ରକୃତରେ ହସରେ ଉଚ୍ଛୁଳି ପଡ଼ିଲା । ତା’ର ଆଗ୍ରହ ଖୁବ୍ ବଢ଼ିଗଲା । ସେ ପୁଣି ପଚାରିଲା—“କ’ଣ ଲେଖାଥିଲା କହି ?”

“କହିଲି ପରା, ମୋର ଠିକ୍ ଠିକ୍ ମନେ ନାହିଁ । ବହୁତ ପରିଶ୍ରମ କରି ଯାହା ପଢ଼ିଥିଲି ସେଥିରୁ ଏତିକି ମନେ ପଡ଼ୁଛି—‘ଆପଣ କୋବ୍ରୋଧ କରି ଯାଯପୁର ଚାଲି ଯାଇଛ, ମୋ ଦୋଷ ଖେମା କରିବ’ ଇତ୍ୟାଦି । ଏଇ କଥାକୁ ତିନି ଚାରିଥର ଘୁରେଇ ବୁଲେଇ ଲେଖିଛି । ଆଉ କ’ଣ ମୋର ମନେ ନାହିଁ ।”

ପ୍ରଦୀପ ଶୁଣି ହସରେ ଫାଟି ପଡ଼ିଲା । ସେ ମୋ ସହିତ ସମବେଦନା ପ୍ରକାଶକରି କହିଲା, “ସତରେ ଭାଇ, ତୁ ଭାରି ହତଭାଗା । ଏଇ ରକମର ଜାନୁଆରକୁ ନେଇ ତୁ ସଭ୍ୟ-ଜଗତରେ ଜୀବନ କେମିତି କାଟିବୁ ? ବାସ୍ତବିକ ଆମ ସମାଜରେ ବାପମା’ଙ୍କର ଏ ମରହଣ୍ଡି ମନୋବୃତ୍ତିକୁ ଉଚ୍ଛେଦ କରିବା ପାଇଁ ଘୋରମତ ଆନ୍ଦୋଳନ ଦରକାର । ଏଗୁଡ଼ା ତ ସ୍ନେହ ନୁହେ, ଅତ୍ୟାଚାର । ଯେଉଁମାନେ ବାହା ହେବେ ସେମାନଙ୍କର ଦେଖା ନାହିଁ, ସାକ୍ଷାତ ନାହିଁ—ଅନ୍ୟ ଲୋକେ ଆଣି ବିବାହଟାକୁ

ଜବରଦସ୍ତି ଲଦାଦବେ । ବୋଝ ବୋହିଲାବେଳକୁ ପିଠିରେ ପଡ଼ିବାକୁ କେହି ନାହିଁ—”

ମୁଁ ପୁଣି କହିଲି, “ଯାହା ତ ହବାର ହୋଇଛି, ସେଥିକି କିଛି ଶୋଚନା ନ ଥିଲା । ସ୍ତ୍ରୀ ସାଙ୍ଗକୁ ଯୋଗ ନାନାପ୍ରକାର ରୋଗ ତାହା ତା’ର ଆପଦାର୍ଥତାକୁ ସାର୍ଥକ କରିଛି ଏକବାରେ । ସେ ମୋର କପାଳରେ ଭାଇ, କପାଳ ! !”

ପ୍ରଦୀପ ଆଖିପତା ଟେକି କହିଲା, “ଓ ସେଦିନ ଯୋଗ ରୋଗ କଥା କହୁଥିଲୁ ପରା ! ହାୟ ହାୟ ! ଧିକ୍ ଆମର ସମାଜ ! ଶତ ଧିକ୍ ଆମମାନଙ୍କର କୁସଂସ୍କାରକୁ !

ପ୍ରଦୀପ ଅନ୍ୟାନ୍ୟ କଥା ପଚାରିଲା । ମଂଜୁ ଦେଇ କଥା ବି ପଚାରିଲା ।

ମୁଁ ତା’ର ସୁଖ ଦୁଃଖ ଟିକଏ ପଚାରି ବିଦାୟ ନେଇ ଫେରି ପଡ଼ିଲି ।

## ଦଶମ

"ମାଳ ତ କ'ଣ ଭାର ମୋ ସାଙ୍ଗେ ଲଗେଇଚ, ବାହାଘରକୁ ତୋତେ ନବାପାଇଁ, କ'ଣ କହୁଛୁ ? ରୋହିଣୀ ବାବୁକୁ ତ ଛୁଟି ମିଳଲା ନାହିଁ, ବାହାଘର ମୋଟେ ରହିଲା ପାଞ୍ଚ ଦିନ—କ'ଣ ହବ କହିଲୁ ?"

ମନ ଭିତରେ ଗୋଟାଏ ଆନନ୍ଦ ଲହରୀ ଖେଳଗଲା । ତଥାପି ମନର ଉଲ୍ଲାସକୁ ଲୁଚିପି ପଚାରିଲି, "ବାହାଘରଟାରେ ରୋହିଣୀ ବାବୁଙ୍କୁ ଛୁଟି ମିଳଲା ନାହିଁ ? ଏ କେମିତି କଥା ?"

"କେଜାଣିରେ ପୁଅ, ମଦୁଆଟା, ତା' କଥାରେ କ'ଣ ଠିକ୍ ଅଛି ନା ଠିକଣା ଅଛି ।

ତା'ହେଲେ ବାହାଘର କେମିତି ହବ ?"

"ବାହାଘର ହବ ନାହିଁ କାହିଁକି ? ବର ତ ଲଛି ଯାର ନିଜ ଭାଇ ନୁହେଁ । ଖୁଡ଼ୁତା ପୁଅ ଭାଇ, ସେ ନ ଗଲେ କ'ଣ ବାହାଘର ବନ୍ଦ ହୋଇଯିବ ?"

ନିର୍ଲିପ୍ତ ଭଳି କହିଲି, "ଚନ୍ଦ୍ରକାନ୍ତ ତ ନିମନ୍ତ୍ରଣ କରିଛି, ଇଆଡ଼େ ଏମାନେ ଏମିତି ଲଗେଇଛନ୍ତି—କ'ଣ କରିବି କିଛି ଠିକ୍ କରିପାରୁନି ।"

"ବୁଝିସୁଝି ଯାହା ସୁବିଧା ମନେ କରୁଛୁ କର୍," ବୋଉ ଏତିକି କହି ଅନ୍ୟ କାର୍ଯ୍ୟରେ ଗ୍ଲଲିଗଲା ।

ମନେ ମନେ ଭଗବାନଙ୍କୁ ଶତ ଧନ୍ୟବାଦ ଦେଲି । ମାଳମା କ'ଣ ଯାହା ଇଚ୍ଛା କରିଥିଲି ସେଇଆ କଲା ! ମଞ୍ଜୁର ଦେହ ଟିକଏ ଭଲ ହୋଇଆସୁଥିଲା । ତେଣୁ ବୋଧେ ମୋତେ ତା' ପାଇଁ ଅଟକେଇ ପାରିଲା ନାହିଁ । ଯାହା ବା ଅଟକେଇଥାନ୍ତା ମାଳମାର ଅନୁରୋଧକୁ ସେ ଭାଙ୍ଗୁଛି କେମିତି କୋଉ ଆଳରେ ?

ସନ୍ଧ୍ୟାବେଳକୁ ରୋହିଣୀ ବାବୁଙ୍କ ଘରକୁ ବାହାରିଲି । ପହଞ୍ଚି ଦେଖିଲି ଦାଣ୍ଡଦୁଆର ବନ୍ଦ, ଭିତର ନିଶବ୍ଦ ! କେହି କ'ଣ ନାହାନ୍ତି କି ? କବାଟରେ ଠକ୍ ଠକ୍ କଲି । ତଥାପି କିଛି ଜବାବ ମିଳିଲା ନାହିଁ । ଶେଷକୁ ପାର୍ଥ ନାଁ ଧରି ଡାକିଲି । ଦୁମ୍ ଦୁମ୍ ହୋଇ କେହି ଜଣେ ଆସିବାଭଳି ମୋତେ ଜଣାଗଲା । ଭାବିଲି ମାଳମା ନିଶ୍ଚୟ ।

ସତକୁସତ ଦେଖିଲିବେଳକୁ କବାଟ ଖୋଲି ମାଳମା କରେଇ କରେଇ ଠିଆ ହୋଇ ଯାଉଛି—ଚନ୍ଦ୍ରମୁଖରେ ତା'ର ଗୋଟାଏ ପ୍ରସନ୍ନତା ଫୁଟି ଉଠୁଛି ।

ମୁଁ ଯୋଉଠି ଠିଆ ହୋଇଥିଲି ସେଇଠି ଠିଆ ରହି ତା'ର ଆଡ଼େ ଚାହିଁ ରହିଲି । ସେ ବି ନିଃସଙ୍କୋଚଭାବେ ମୋର ଆଡ଼େ ଚାହିଁରହି କହିଲା, "ଭିତରକୁ ଆସିବାକୁ କିଏ ମନା କରିଛି କି ?"

ମୁଁ ଟିକିଏ ଅପ୍ରସ୍ତୁତ ହୋଇ କହିଲି, "ବାଟ ତ ବନ୍ଦକରି ଠିଆ ହୋଇଛ, ଯାଉଛି କେମିତି ? ଭାବିଥିଲି, ଏଇଠୁ କଥାବାର୍ତ୍ତା ଶେଷକରି ଫେରାଇ ଦେବାକୁ ଇଚ୍ଛା ବୋଧହୁଏ ।"

ମାଳମା ମୁଖଭଙ୍ଗି କରି କହିଲା, "କଥାଗୁଡ଼ାକ ଖୁବ ବାଗେଇ କରି କହିଆସେ । ହଉ, ଆସ ଆସ—ଏତେଦିନ-ଯାଏଁ କାହିଁ ଟିକଏ ଦେଖାଦର୍ଶନ ମିଳୁ ନ ଥିଲା ?"

ମାଳମା ଆଗେ ଆଗେ ଚାଲିଲା, ମୁଁ ତାର ଅନୁସରଣ କରୁକରୁ କହିଲି, "କାହିଁକି, ଖୋଜି ଖୋଜି ଅସ୍ତବ୍ୟସ୍ତ ହୋଇ-ଯାଇଥିବ ପରା !"

ସେ ମୋ ପାଇଁ ଆସନ ପକାଇ ଦେଇ କହିଲା, "କଥାରେ ତମକୁ କିଏ ପାରିବ ରେ ବାବା !"

ପଚାରିଲି, "ଘର କାହିଁକି ଆଜି ଶୂନ୍‌ଶାନ୍ ?"

ମାଳମା ହସି ଚାପି କହିଲା, "କାହିଁକି, ଏ ଶୂନ୍ୟଘରଟା ଭଲ ଲାଗୁନାହିଁ କି ?"

ମୋ କଥାର ଗୋଟିଏ ଭିନ୍ନ ଅର୍ଥ ହେବାର ଦେଖି ମୁଁ ନିଜେ ଚମକି ପଡ଼ିଲି । ମାଳମାର ଉପସ୍ଥିତିରେ ମୋତେ ଏ ଘରଟା ଭଲ ଲାଗିବ ନାହିଁ ? ଶୟନେ-ସ୍ୱପନେ-ଜାଗରଣେ ଯେଉଁ ମାଳମା ମୋର ଏକମାତ୍ର ଧ୍ୟାନର ବସ୍ତୁ ହୋଇ ରହିଛି, ସେଇ ଗୋଟାଏ ମୁହୂର୍ତ୍ତର ଆଖିର ମିଳନରେ ଯେଉଁ ମାଳମା ମୋତେ କରି ଆସିଛି ପାଗଳ, ଯାହାର କଥାପଦକ ମୋର ପରମ ସମ୍ପଦ, ଯାହାକୁ ନିଭୃତରେ କେତେଥର ଆକାଙ୍କ୍ଷା କରି ଆସିଛି—ସେଇ ମାଳମାର ଉପସ୍ଥିତିରେ ନରକ ମରୁ ବି ମୋତେ ସୁଖକର ବୋଧ ହେବ, ପ୍ରୀତିକର ବୋଧ ହେବ । କଥାଟା ଅବଶ୍ୟ ମାଳମା ପରିହାସ ଛଳରେ କହିଲା କିନ୍ତୁ ସେଇଟା ମୋତେ ଖୁବ କଷ୍ଟକର ବୋଧ ହେଲା ।

ପ୍ରକାଶ୍ୟରେ କହିଲି, "ମାଳମା, ତମଭି ଏ କଥାରେ କୌଣସି ଗୁରୁତ୍ୱ ନାହିଁ ଜାଣୁଛି ; ତଥାପି ତା' ଯେ କାହିଁକି ମୋର ପ୍ରାଣକୁ ଆଘାତ କରୁଛି ଜାଣେ ନା।"

ନିଜର ନାମ ସମ୍ବୋଧନରେ ମାଳମା ଚମକି ପଡ଼ିଲା। ସେ ମୋ ମୁହଁରେ ତା'ର ଚକିତ ଚାହାଣି ନିକ୍ଷେପ କରି ଦୃଷ୍ଟି ଅବନତ କଲା। ଅନ୍ୟ କୌଣସି କଥା ନ କହି ସେ ଭୂଇଁ ଉପରେ ନଖ-ଗାର କାଟିବାକୁ ଲାଗିଲା।

ସନ୍ଦେହୀ ମନଟା ମୋର ମାନି ନ ଥାଏ। ମୋ ନିଜର ପ୍ରଶ୍ନଟା କୌଣସି ସନ୍ତୋଷଜନକ ଉତ୍ତର ନ ପାଇ ଭିତରେ ଭିତରେ ଉଙ୍କି ମାରୁଥାଏ—ନିଜର ସଂସ୍କାର ନିଜକୁ ଖାଉଥାଏ। ଯେତେ ସତ୍‌ସ୍ୱଭାବବିଶିଷ୍ଟ ହେଲେବି ନିର୍ଜନ ଗୃହରେ ପରସ୍ତ୍ରୀ ପାଖରେ ଜଣେ ପୁରୁଷ, ସମାଜ ପାଖରେ ଅବହେଳାର ବିଷୟ ନୁହେଁ। ଅବଶ୍ୟ ମାଳମା ପାଇଁ ସମସ୍ତ ବାଧାବିଘ୍ନ ଓ କଟାକ୍ଷକୁ ଗୁଣ୍ଡ ଦେଖାଇବାର ସାହସ ମୋର ଅଛି କିନ୍ତୁ ମାଳମା ! ସେ ଯେ ଅବଳା ! ସମାଜ ତାକୁ ଚିରଦିନ ଦୁର୍ବଳ ଓ ହେୟ ମନେ କରି ଆସିଛି। ତା'ର ନିଜର ଇଚ୍ଛା, ନିଜର ଆକାଙ୍‌କ୍ଷା ଓ ନିଜର ସୁଖ ବୋଲି କିଛି ନାହିଁ। ପୁରୁଷ ତା' ପାଇଁ ଯେତିକି ଭଲ ବୋଲି ମନେ କରିଆସିଛି ସେଇ ସେତିକି ସେ ଗ୍ରହଣ କରି-ଆସିଛି—ପାଟି ଫିଟାଇବାର ତାର ଯୁ ନାହିଁ। ସମାଜ ଚିରଦିନ ତା ପାଟିରେ ତୁଣ୍ଡି ବାନ୍ଧି ଆସିଛି। ସେ ଅତି ଦୁର୍ବଳ—ତା'ର ନିଜତ୍ୱ ବୋଲି କିଛି ନାହିଁ।

ପୁଣି ଥରେ ପଚାରିଲି, "ପାର୍ଥ ହେରିକା କାହାନ୍ତି କି ?"

"ସେମାନେ ଥିଏଟର ଦେଖି ଯାଇଛନ୍ତି," ସେଇ ନମ୍ରଦୃଷ୍ଟିରେ ମାଳମା କହିଲା।

"ଆଉ ତେଣିକେ—?"

"ଖାଇବା ପିଇବାରେ ଅସୁବିଧା ହବ ବୋଲି ମୁଁ ଗଲିନି । ମୁଁ ଯାଇଥିଲେ ବେଷାଇଦାସ କପଟ ହୋଇଥାନ୍ତା ?"

ସେ କଥା ବନ୍ଦକରି ମୁଁ 'ଚୟୂନିକା' କଥା ପକେଇଲି । କହିଲି, "ମୋର ଚୟୂନିକା ବହିଟାକୁ ଅନେକ ଦିନ ହେଲା ମନେମନେ ଖୋଜି ହଉଛି, ପଚାରିବି ପଚାରିବି ବୋଲି ପଚାରି ପାରିନି । ସେଦିନ ତୁମେମାନେ ଆମ ଘରକୁ ଯାଇ ନଥିଲ, ମୁଁ ଶୋଇ ଉଠିଲାବେଳକୁ ଦେଖେ ତ ବହିଟା ନାହିଁ ।"

"ହଜିବା ଜିନିଷଟା ଖୁବ୍ ଶୀଘ୍ର ମନେ ପଡ଼ୁଛି ଏକା !" ସ୍ମିତହାସ୍ୟ ଫୁଟାଇ ମାଳମା ମୋ ଆଡ଼କୁ ଅନାଇ କହିଲା ।

"ହଜିବା ଜିନିଷଟା ଯେ ନିଶ୍ଚୟ ମିଳିବ, ଏଇ ଧାରଣାରେ ମୁଁ ତାର ସେତେ ଖୋଜଖବର ନେବାକୁ ଇଚ୍ଛା କରିନି ।"

"ମିଳିବ ଯଦି ତା'ହେଲେ ନିଶ୍ଚିନ୍ତ ରହିବା ଦରକାର । ଯିଏ ନ କହି ନେଇଛି, ସେ କେମିତି ନେଇଛି ବୋଲି ସ୍ୱୀକାର କରିବ ?"

"ଚୟୂନିକା ଯେ ତା'ର ଆପଣାର ଲୋକ ପାଖରେ ଅଛି, ମୁଁ କେବଳ ଏତିକି ଜାଣିବାକୁ ଚାହୁଁଥିଲି । ତା ଯଦି ନହେଲା, ତା'ହେଲେ ଉପାୟ କଣ ?"

ମାଳମା ଅନ୍ୟକୌଣସି କଥା ନ ପକାଇ ଅତି ଆଗ୍ରହରେ ବାହାଘରକୁ ଯିବା ବିଷୟ ଉତ୍ଥାପନ କଲା । ବୋଉ ସହିତ ତା'ର କଥାବାର୍ତ୍ତା ଏବଂ ବୋଉର ମତାମତ ସମସ୍ତ କହି ମୋତେ ମଧୁପୁର ଯିବାପାଇଁ ମିନତି କଲା ।

କହିଲି, "ମୋର କିଛି ଆପତ୍ତି ନାହିଁ ଏଥିରେ । ବିଶେଷରେ ତମର ଅନୁରୋଧ ଭାଙ୍ଗିବାକୁ ମୋର ଶକ୍ତି କାହିଁ ?"

ମାଳମା ଲଜକୁଳି ଲତାଟି ପରି ମୁଣ୍ଡ ତଳକୁ କଲା ।

ମୁଁ ପୁଣି କହିଲି, "ଏ ବିଷୟରେ ଗୋହିଣୀ ବାବୁଙ୍କ ସାଙ୍ଗରେ ଟିକିଏ କଥାବାର୍ତ୍ତା ଦରକାର । କାଲି ତାଙ୍କ ସହିତ ଏ ବିଷୟ ପରାମର୍ଶ କରି ପହରଦିନ ଆଗକୁ ବାହାରିପଡ଼ିବା ।"

ମାଳମା କହିଲା, "ସବୁ ତ ଠିକ୍‌ଠାକ୍ ହୋଇ ସାରିଛି । ଆମେ ଯାହା ଜିନିଷପତ୍ର ନେବାର କଥା, ତା ବି ବନ୍ଦୋବସ୍ତ ହୋଇଯାଇଛି । ସେ ତ କିଛି ଅରାଜି ନାହାନ୍ତି । ନିଜେ ଛୁଟି ପାଇଲେ ନାହିଁ ବୋଲି ସେ ତ ଖୋଜ ହଉଥିଲେ କାହା ସାଙ୍ଗରେ ଆମମାନଙ୍କୁ ପଠାଇବେ ବୋଲି । ମୁଁ ଏ କଥା କହିଲାରୁ ସେ ଭାରି ଖୁସିହେଲେ । ତା'ପରେ ନିମନ୍ତ୍ରଣ ତ ମୁଁ କରିଛି ଆଗରୁ—"

"ଓ, ତା'ବୋଲି ସାଙ୍ଗରେ ଧରି ବାନ୍ଧିନେବ ନା ?" ମୁଁ ହସିହସି କହିଲି ।

ସେ ବି ହସିହସି କହିଲା, "ତା' ନହେଲେ ଜଗତପୁର ନଯାଇ ମଧୁପୁର ଯିବ ବୋଲି କୋଉ ବିଶ୍ୱାସ ?"

ରାତି ୮ଟା ହେବାର ଦେଖି ମୁଁ ଉଠିବାକୁ ଆରମ୍ଭ କରି କହିଲି, "ହଉ, କାଲି ଟିକିଏ ରୋହିଣୀ ବାବୁଙ୍କୁ ପଚାରିଦିଏଁ ।"

ସେ କାତର ହୋଇ ପଚାରିଲା, "ମନେ ରହିବ ତ ?"

"ହଁ, ହଁ, ମନେ ରହିବନି କାହିଁକି ?"

ଦୁଆରମୁହଁ ପର୍ଯ୍ୟନ୍ତ ସେ ମୋତେ ବିଦାୟ ଦେବାକୁ ଆସିଲା । ମୁଁ ତା'ର ଦୃଷ୍ଟିପଥରୁ ଅନ୍ତର୍ହିତ ହେବା ପର୍ଯ୍ୟନ୍ତ ସେ ଲଣ୍ଠଣଟା ଧରି ଠିଆ ହୋଇଥାଏ ।

ଦୂରରୁ ଡାକି କହିଲି, "ଯା, ଯା, ମୁଁ ଅଇଲିଣି !"

ସେ କବାଟ ବନ୍ଦ କଲା ।

# ଏକାଦଶ

ଆମ ଘରେ ବୋଉର ମତରେ କେହି ଅମତ ହୁଅନ୍ତି ନାହିଁ କିମ୍ବା ଅମତ ହେବାକୁ କେହି ସାହସ କରନ୍ତି ନାହିଁ । ସୁତରାଂ ମୋର ମାଳମା ପ୍ରଭୃତିଙ୍କୁ ମଧୁପୁର ନେଇଯିବା ବିଷୟରେ ବୋଉର ଯେତେବେଳେ ଆପତ୍ତି ନାହିଁ, ଅନ୍ୟ କେହି ଆପତ୍ତି ଉଠାଇ ନ ପାରନ୍ତି । ତା'ପରେ ମାଳମାଙ୍କୁ ବୋଉ ବି ସ୍ନେହ କରେ ଖୁବ୍—ଏପରି ଅବସ୍ଥାରେ କିଏ କାହିଁକି ବିରୁଦ୍ଧ ମତ ପୋଷଣ କରନ୍ତା ?

ଅବଶ୍ୟ ମଞ୍ଜୁ ଏ କଥା ଶୁଣି କହିଲା, "ସାନଭାଇ ମୋତେ ଦେଖିବାକୁ ଆସି ନଥିଲେ ଯେ କୁଣିଆ ହବାକୁ ଆସିଥିଲେ ପରଘରେ ।"

ବୋଉ ଆଖି ଦେଖାଇ କହିଲା, "ଦେଖିଲୁ ମାଳର ଏମିତି ଅସୁବିଧା ! କିଏ ଅଛି ସାଙ୍ଗରେ ନବାକୁ ? ପ୍ରେ ତ ସେମାନଙ୍କୁ ନେଇ ବାହା ବାସିଦିନ ପଳେଇ ଆସିବ—କୋଉ ଏବେ ବର୍ଷେ ଛ ମାସ ରହୁଛି ?"

ମଞ୍ଜୁ ଆଉ ପାଟି ଫିଟାଇଲା ନାହିଁ ।

ଗେହ୍ଲଣୀ ବାବୁଙ୍କର ଆପତ୍ତି କିଛି ନଥିଲା । ଖାଲି ଭଦ୍ରତା ଅନୁରୋଧରେ ତାଙ୍କର ମତ ଲୋଡ଼ିବା କଥା ! ମାଳମା ସହିତ ବୋଉର ଯେଉଁ ଭାବ, ସେଥିରେ ସେ ଆଦୌ ଅବିଶ୍ୱାସ

କର ନଥିଲେ ଯେ ମୁଁ ଏ ପ୍ରସ୍ତାବରେ ଅମତ ହେବ ବୋଲି । ସେଥିପାଇଁ ବୋଧହୁଏ ସେ ମୋତେ ସିଧାସଳଖ ପଚାରିବାର ଆବଶ୍ୟକତା ଅନୁଭବ କରୁଥିଲେ ଖୁବ୍ କମ୍ !

ତାଙ୍କର ସବୁ ବନ୍ଦୋବସ୍ତ ହୋଇଥିଲା । ମୋର ଖାଲି ସେମାନଙ୍କ ସହିତ ଜଣେ ପୁରୁଷ ହିସାବରେ ଯିବାର କଥା ।

ତହିଁ ଆରଦିନ ପାସେଞ୍ଜର ଗାଡ଼ିରେ ଯିବା କଥା ସ୍ଥିର ହେଲା ।

ଷ୍ଟେସନକୁ ଯିବାପାଇଁ ତାଙ୍କର ଗୋଟିଏ ଘୋଡ଼ାଗାଡ଼ି ବନ୍ଦୋବସ୍ତ ହୋଇଥିଲା । ଗୋଟାଏ ପାଖରେ ମୁଁ ବସିଲି ଓ ଅନ୍ୟପାଖରେ ମାଳମା, ଶିଖା ଓ ପୁଅଦୁହେଁ ବସିଲେ ।

ଗାଡ଼ି ଛାଡ଼ିଲା । ଗୋଟାଏ ପାଖରେ ଅସୁବିଧା ହେଉଥିବାର ଦେଖି ପାର୍ଥକୁ ମୋ ପାଖକୁ ଡାକି ଆଣିଲି । ଯେଉଁ ବାଟରେ ମାଳମା ସହିତ ମୋର ପରିଚୟ ଘନିଷ୍ଠ ହୋଇଥିଲା ସେହି ବାଟଦେଇ ଗାଡ଼ି ଦୌଡ଼ିବାକୁ ଲାଗିଲା ।

ମାଳମାର ସୁଧାଗୋଳା ଗୃହିଣୀ ଉପଦେଶ କରି ଏବଂ ଅତୀତର ସ୍ମୃତି ମନରେ ଜାଗରୁକ ହୋଇ ଦେହ ମୋର କେଜାଣି କାହିଁକି ଶିହରି ଉଠିଲା । ଅବଶ୍ୟ ଗତଥର ପରି ଏଥରକ ସେ ଗୃହିଣୀ ଉପଦେଶ କରିବାର ବ୍ୟାକୁଳତା ନଥିଲା; ଉତ୍କଣ୍ଠା ନଥିଲା । ଭାବିଲି, ମଣିଷ ଯାହା ଦୂରରେ ରହି ଆଶା କରୁଥାଏ ତା'କୁ ନିକଟରେ ପାଇଲେ ହତାଦର କରି ବସେ ।

ରଣୀହାଟ ପୋଲ ପାଖରେ ମାଳମା କାହିଁକି ହସିଉଠିଲା —ମୁଁ ଅନ୍ୟମନସ୍କ ଥିଲି ।

ତା' ମୁହଁକୁ ଉତ୍ସୁକ ହୋଇ ଚାହିଁ ରହିଲି । ସେ କହିଲା, "ଶିଖା କ'ଣ କହୁଛି ଜାଣିଛ ନା ?"

ପଚ୍ଚରିଲି, "କ'ଣ ?"

"କହୁଛି ଆରଥରକ ପରି ଏଥରକ ଧକ୍କା ଫକ୍କା ଲାଗିବ ନାହିଁ ତ ?"

ମୁଁ ହସିହସି କହିଲି, "ସେଥରକ ଅଜଣା ଅଶୁଣା ବୋଲି ଧକ୍କାଟା ଲାଗିଲା ସିନା, ଏଥର ତ ମୁଁ ପାଖରେ—ଅନ୍ତ ପାଖରେ ଧକ୍କା ଲଗାଇବ କିଏ ?"

ଶିଖା ହସିହସି ନୀଳିମା ଉପରେ ଲେଟିଗଲା । ନୀଳିମା ବି ହସିହସି ମୁହଁ ତଳକୁ କଲା ।

ଷ୍ଟେସନରେ ଯାଇଁ ପହଞ୍ଚିଲାବେଳକୁ ଗାଡ଼ି ଆସି ନିକଟରେ ହୋଇଗଲାଣି । ଟିକଟ କରୁକରୁ ଗାଡ଼ି ଆସି ପହଞ୍ଚିଲା । ଶୀଘ୍ରଶୀଘ୍ର ଗାଡ଼ିରେ ଉଠିଲୁ । ଆରଥରକ ଯେମିତି ସେମାନେ ଯୋଡ଼ି ପାଖରେ ବସିଥିଲେ ଏଥରକ ସେଇ ପାଖରେ ଜାଗା ମିଳିଲା । ମୁଁ ବି ସେଇ ପାଖରେ ବସିଲି ।

ଗତଥର ସ୍ମୃତିସବୁ ଗୋଟି ଗୋଟି ହୋଇ ମନେ ପଡ଼ିଲା । ନୀଳିମା ସହିତ ପ୍ରଥମେ ଯୋଉଠି ମୋର ଦୃଷ୍ଟି ବିନିମୟ ହୋଇଥିଲା, ସେଇ ଜଗତପୁର ନିକଟ ହୋଇଆସିଲା ।

ଚନ୍ଦ୍ରକାନ୍ତକୁ ପ୍ଲାଟ୍‌ଫର୍ମ୍‌ରେ ଦେଖି ଡାକପକେଇଲି । ସେ ଆଗ୍ରହରେ ମୋ ପାଖକୁ ଦୌଡ଼ି ଆସିଲା । ଡବା ଭିତରକୁ ଉଠି ଆସି ସେ ଏମାନଙ୍କୁ ଦେଖି ଚମକି ପଡ଼ିଲା ।

ପଚ୍ଚରିଲି, "ଚିଠିଟା ପାଇଥିଲ ବୋଧହୁଏ ।"

ସେ କହିଲା, ତା' ନ ହୋଇଥିଲେ ଆପଣଙ୍କୁ ଦେଖି-ପାରିଥାନ୍ତି କେମିତି ?"

ଚନ୍ଦ୍ରକାନ୍ତର ଭବାନ୍ତର ଲକ୍ଷ୍ୟକରି ମୁଁ ବୁଝିଲି, ଏମାନଙ୍କ ବିଷୟରେ ବୋଧହୁଏ ତାର କୌତୁହଳ !

କହିଲି, "ଠିକ୍ ଏଇମାନଙ୍କୁ ଗଲାଥର ବୋଧହୁଏ ଗାଡ଼ିରେ ଏଇଠି ଦେଖିଥିଲି, ନୁହେଁ ?" ନୀଳମାକୁ ଦେଖାଇ କହିଲି, "ସେ କିଏ ଜାଣ ? ସେ ହେଉଛନ୍ତି ତମ ଭଉଣୀଙ୍କର ଗୋଟିଏ ବଡ଼ ଯା, ଆଉ ଏ ଦୋ'ଟି ତାଙ୍କର ପୁଅ । ସେପାଖରେ କିଏ ଜାଣ ? ସେ ତମ ଭଉଣୀଙ୍କର ହେବେ ନଣନ୍ଦ, ରୋହିଣୀ ବାବୁଙ୍କ ଭଉଣୀ, ଏଇମାନେ ପରା ଧରିବାନ୍ଧି ମୋତେ ମଧୁପୁର ନଉଛନ୍ତି । ସେଠାରୁ ବରଯାତ୍ରୀ ହୋଇ ତମ ଘରକୁ ଆସିବ ଯେ !"

ନୀଳମା ଓ ଶିଖା ଟିକିଏ ସଙ୍କୋଚ ପ୍ରକାଶ କରି ଲୁଗାପଟା ସଜାଡ଼ି ବସିଲେ । ଚନ୍ଦ୍ରକାନ୍ତ ବିସ୍ମିତ ଓ ଟିକିଏ ଅପ୍ରସ୍ତୁତ ହୋଇ ନୀଳମାକୁ ପ୍ରଣାମ କଲା ।

ଚନ୍ଦ୍ରକାନ୍ତ କହିଲା, "ଆପଣ ବରଯାତ୍ରୀ ହୋଇ ଆସିବେ, ବରଯାତ୍ରୀ ହୋଇ ଫେରିଯିବେ । ମୋର ନିମନ୍ତ୍ରଣ ରକ୍ଷା କଲେ କ'ଣ ?"

ଚନ୍ଦ୍ରକାନ୍ତର ହାତ ଧରିପକାଇ କହିଲି, "କ'ଣ କରିବି ଭାଇ ! ଏମାନେ ପରା ମୋତେ ବାନ୍ଧିକରି ଆଣିଛନ୍ତି, ବାନ୍ଧିକରି ନେଇଯିବେ—ଖୁସି କ'ଣ ?"

ଦେଖିଲି, ଚନ୍ଦ୍ରକାନ୍ତର ଶିଖା ସହିତ ଦୃଷ୍ଟି ବିନିମୟ ହୋଇ ସାରିଲାଣି । ଟ୍ରେନ୍ ଛାଡ଼ିବା ବିଷୟରେ ତାର କିଛି ଉଦ୍‌ବେଗ ନାହିଁ, ବିଷମ କଥା ! ତଥାପି ନିଷ୍ଠୁର ହୋଇ ଚନ୍ଦ୍ରକାନ୍ତକୁ ହୃଦୟ ମିଳନର ବେଦିକା ଉପରୁ ତଡ଼ିଦେବାକୁ ମୋର ଇଚ୍ଛା ହେଉନି, କିନ୍ତୁ ହଠାତ୍ ଟ୍ରେନ୍ ଛାଡ଼ିବାର ଘଣ୍ଟି ଚନ୍ଦ୍ରକାନ୍ତ କାନରେ ବାଜି ତାକୁ ସଚେତନ କରିଦେଲା । ସେ ହଠାତ୍ ନମସ୍କାର ଟାଏ ପକାଇ ପ୍ଲାଟ୍‌ଫର୍ମ୍‌କୁ ଡେଇଁ ପଡ଼ିଲା ।

ଗଡ଼ ମଧୁପୁର ଷ୍ଟେସନ୍‌କୁ ତାଙ୍କର ଗାଡ଼ି ଆସିଥିଲା । ଗାଡ଼ିରେ ସମସ୍ତେ ବସିଲୁ ।

ଲମ୍ବା ଖଞ୍ଜାଟାଏ—ତିନି ଭାଇଙ୍କର ତିନି ଭାଗ ହୋଇଛି । ସମସ୍ତଙ୍କର ସଦର ଦରଜା ଅଲଗା ଅଲଗା । ରୋହିଣୀ ବାବୁଙ୍କ ଘରେ ଗୋଟିଏ ଲୋକ ଥାଏ । ତା'ର ଜମା ଘରଦ୍ୱାର, ଜମି-ବାଡ଼ିସବୁ । ଆମେ ଯେଉଁଦିନ ପହଞ୍ଚିଲୁ ତା' ପରଦିନ ମଙ୍ଗଳ । ମଝି ଖଞ୍ଜାରେ ବାହାଘର । ବାହାଘର ଖଞ୍ଜାରେ ଶିପ୍ରା, ପାର୍ଥ ଓ ସିଦ୍ଧାର୍ଥ ସବୁବେଳେ । ମାଳମା ବି ଅଧିକାଂଶ ସମୟ ସେଇ ବାହାଘର ଖଞ୍ଜାରେ ବାଧହୋଇ ରହିଯାଏ । ମୁଁ ଏକୁଟିଆ ଗୋଟାଏ ଧରି ଆଣିଥିବା ଜନ୍ତୁଭଳି ରହିଥାଏ ପଡ଼ି ।

ମଙ୍ଗଳ ଦିନ ସଞ୍ଜବେଳେ ମାଳମା ଆସି ଦୁଃଖ କରି କହିଲା, "କିଛି ମନରେ ଭାବିବ ନାହିଁ । ମୁଁ କିଛି ଖବର-ଅନ୍ତର ବୁଝିପାରୁନି ବାହାଘର ଗୋଳମାଳରେ ରହି । ଏ ଝିଅଗୁଡ଼ାକ ମୋତେ କ'ଣ ଗୁଡ଼ୁଛନ୍ତି ? ସେୟେ କହୁଛି, ମୋ ପାଇଁ ଅମୁକଟା ଆଣିବ, ସିଏ କହୁଛି, ସମୁକଟା ଆଣିବ ; ଆଉ କିଏ କହୁଛି, ଅମୁକଟା ନ ଆଣିଲ କାହିଁକି ? ଏହିପରି ମୋତେ ଅଥୟ କରି ପକାଉଛନ୍ତି ! ତା' ଭିତରେ ପୁଣି ଏଇଟା କର, ସେଇଟା କର—ଏମିତି ଘୂରିଆଉ ହବାକୁ ହଉଛି । ବରି ବିଦା କରିସାରିଲେ ମୋତେ ଯାଇଁ ଫୁର୍ସତ୍ !"

"ସେ ଫୁର୍ସତ୍‌ଟା ତୁମର ଶୋଇବା ପାଇଁ ପ୍ରୟୋଜନ ବୋଧହୁଏ !" ମୁଁ ତାର କର୍ମ-କ୍ଳାନ୍ତ ମୁହଁକୁ ଚାହିଁ କହିଲି ।

ମାଳମା ଅଧରରେ ସ୍ମିତ-ରେଖା ଟାଣି କହିଲା, "ତମର ସବୁବେଳେ ପରିହାସ ! ଶୋଇବା ପାଇଁ ମୁଁ କ'ଣ ଫୁର୍ସତ୍ ଖୋଜୁଛି ?"

"ଆଉ କୋଉଥି ପାଇଁ ?"

"ତମର ପାଇଁ—"

"ସତେ ! କିନ୍ତୁ ଦୁଃଖର କଥା, ମୁଁ ବି କାର ସାଙ୍ଗରେ ଯାତ୍ରୀ ହୋଇଥିବି !"

"ତେବେ କ'ଣ ସତେ ବରଯାତ୍ରୀ ହୋଇ ଯିବ ?"

"ମିଛରେ ବୋଲି ତେବେ କୋଉଠୁ ଜାଣିଲ ?"

"ମୁଁ ଆଉ ଜାଣିଲି କୋଉଠୁ ? ତମକୁ ପଚାରୁଛି ପରା ! ବାହାଘର କଥା ଯେମିତି, ଖାଇବା ପିଇବାରେ କିଛି ଅସୁବିଧା ହୋଇପାରେ ! ଦେହଟା କିଛି ଅସୁସ୍ଥ ହେଲା ଯଦି—"

ମୁଁ ବାଧାଦେଇ କହିଲି, "ହଉ—"

ସେ କହିଲା, "ଉଁ, ଏ କି ତମର ପିଲାଳିଆ କଥା ? ମୁଁ ସେସବୁ ସହିପାରିବି ନାହିଁ ।"

ମୁଁ ଟିକିଏ ରହସ୍ୟ କରି କହିଲି, "କିନ୍ତୁ ତମ ରୋହିଣୀ-ବାବୁଙ୍କର ମଦଖିଆ ତ ବେଶ୍ ସହିପାରୁଛ—"

ମାଳମା ପ୍ରତ୍ୟୁତ୍ତର କିଛି କରିପାରିଲା ନାହିଁ । ତଳକୁ କି ମୁଣ୍ଡ ଉଠାଇ ପାରିଲା ନାହିଁ ସାଙ୍ଗେ ସାଙ୍ଗେ । ଦେଖିଲି, ଥପ୍ ଥପ୍ ହୋଇ ଲୋତକବିନ୍ଦୁ ତା' ଆଖିରୁ ଗଳି ପଡ଼ୁଛି । ମୋତେ ଭାରି କଷ୍ଟ ଲାଗିଲା । ମୋର ରହସ୍ୟଟା ମାଳମାକୁ ବାଧିଲା ନିଶ୍ଚୟ । ପାଖକୁ ଯାଇ ମୁହଁଟାକୁ ଟେକି ଉଠାଇ କହିଲି, "ଛି ମାଳମା, କାନ୍ଦିଲ ? ରୋହିଣୀ ବାବୁଙ୍କର ମଦଖିଆ ତମ ପକ୍ଷରେ କେତେ ବଡ଼ କଳଙ୍କ ଜାଣେ କିନ୍ତୁ ତମର ଉପାୟ କ'ଣ ? ତମର ଯଦି ତାଙ୍କ ଉପରେ ଖୁବ୍ ପ୍ରଭାବ ଥା'ନ୍ତା ତା'ହେଲେ ବା ତାଙ୍କୁ ସେଥିରୁ ନିବୃତ୍ତ କରିପାରନ୍ତ । କିନ୍ତୁ ଯୋଉ ଲୋକ ତୁମକୁ ହାତ ପୂରାଇ ମନଇଚ୍ଛା ମାଡ଼ ମାରିପାରେ, ତା' ଉପରେ ଯେ ତମର

ପ୍ରଭାବ କେତେ—ତା' ଆଉ ବୁଝାଇବାକୁ ପଡ଼ିବ ନାହିଁ କାହାକୁ ।"

ଦେଖିଲି ମୋ କଥାଗୁଡ଼ାକ ମାଳମାର ସାନ୍ତ୍ୱନା-ବାଣୀ-ରୂପେ ପରାସ୍ତ ହୋଇଛି, ତାର ଅଶ୍ରୁଧାରା ମୋ କଥାରେ ବେଳୁବେଳ ବଢ଼ୁଛି । ସେ ଆଣ୍ଠୁ ଉପରେ ମୁଣ୍ଡଟି ରଖି ଜ୍ଞାନଶୂନ୍ୟା ହୋଇ ଲୋତକ ଢାଳିବାରେ ଲାଗିଛି ।

ବ୍ୟସ୍ତହୋଇ କହିଲି, "ମାଳମା, ଏ କି କାଣ୍ଡ କଲ ତୁମେ ? କେହି ଆସି ପହଞ୍ଚିଯିବ ଯଦି କ'ଣ ଭାବିବ ? ଉଠ, ଶାନ୍ତ ହୁଅ ।"

ମୁଁ ତାର ଲୋତକ ପୋଛିଦେଇ ଠିଆ କରେଇଲି, ତାର କୋହ ବନ୍ଦ ହୋଇ ନଥାଏ ।

ମୁଁ ପୁଣି କହିଲି, "ସେଦିନ ରୋହିଣୀ ବାବୁଙ୍କର ଅତ୍ୟା-ଚାର ବୋଉଠାରୁ ଶୁଣି ମୋ ଛାତି ଭିତରଟା ଯେ କ'ଣ ହୋଇଗଲା ସେ କଥା କ'ଣ କହିବି ମାଳମା ? କେତେବେଳେ ସେକଥା ମନେ ପଡ଼ିଲେ ଦେହ ମୋର କମ୍ପିଯାଏ । ତମର ଏ ମନଭୁଲା ଚାହାଁଣି, ସଜପଦ୍ମ ମୁହଁ, ବନ୍ଧୁଲି ଅଧର ଓ ଚମ୍ପକ-ବରଣ ଅଙ୍ଗଲତାରେ ନିର୍ଦ୍ଦୟ ଆଘାତ କରିବାକୁ ରୋହିଣୀ ବାବୁର ହାତ କେମିତି ଯାଏ ? ମୁଁ ଭାବେ, ରୋହିଣୀ ବାବୁ ମଣିଷ ନୁହେଁ, ରାକ୍ଷସ ।"

ମାଳମା ଦୀର୍ଘ ନିଃଶ୍ୱାସଟାଏ ଛାଡ଼ି ମୋର ଛାତି ଉପରେ ଆଉଜି ପଡ଼ିଲା । ଭିତରେ ଗୋଟାଏ କୁହୁଳା ନିଆଁ ସତେ ଯେମିତି ହୁ ହୁ ଜଳି ଉଠିଲା । ଗୋଟାଏ ଅଗ୍ନିପ୍ରବାହ ଅଙ୍ଗ ସାରା ଖେଳିଗଲା—ମୁହୂର୍ତ୍ତକେ ପୁଣି ଶୀତଳତା—ଶାନ୍ତି ! ମନ ହଉଥାଏ, ମାଳମା ଏଇପରି ଜୀବନସାରା ମୋ ଦେହରେ

ଜଣ୍ଠ ରହିଥାନ୍ତା କି ! ଦୀର୍ଘପୋଷିତ ଆକାଙ୍‌କ୍ଷା ମୋର ସତେ କି ସଫଳତା ଆଡ଼େ ଅଗ୍ରସର ! ସ୍ୱର୍ଗର ଚାନ୍ଦଟା ମୋ ହାତରେ ଖସିପଡ଼ିଲା ଭଳି ଜଣାଗଲା । ତାର ସୁରୁଳପନର ମଧୁର-ସୌରଭ ମନପ୍ରାଣ ମୋର ଆମୋଦିତ କରି ପକେଇଲା । ମୁଁ ତୃଷାର୍ତ୍ତ ଭଳି ତା'ର ଅମୀୟ ସୁଷମାରାଶି ଆକଣ୍ଠ ପାନ କରିବାକୁ ଲାଗିଲି—ଅଦମ୍ୟ ମୋର ପିପାସା !

କ୍ଷଣକ ଉତ୍ତାରୁ ମାଳମା ନିଜେ ଚମକି ପଡ଼ି କହିଲା, "ମୁଁ ଯାଉଛି, ମୋତେ ତେଣେ ଖୋଜୁଥିବେ । ଆଜି ବର ବାହାରିବ ପରା ! ତୁମେ କ'ଣ ତା'ହେଲେ ଯିବ ?"

କହିଲି, "ନ ଗଲେ କଥାଟା ଖରାପ ହବ ନାହିଁ ? ସମସ୍ତେ କ'ଣ ଭାବିବେ ? ଚନ୍ଦ୍ରକାନ୍ତ ବି ମନକଷ୍ଟ କରିବ । ଯାଉଛି, ବୁଲିଆସେ ।"

ମାଳମା ତାଗିଦ୍ କରି କହିଲା, "ହଉ ଯା, ଖାଇବାପିଇବା ପ୍ରତି ସାବଧାନ ଥିବ । ଚନ୍ଦ୍ରକାନ୍ତକୁ କହି ଖାଇବାପିଇବା ସମୟାନୁସାରେ ସାରିନେବ ।"

କହିଲି, "ହଁ, ଚନ୍ଦ୍ରକାନ୍ତ ତା କରିବ ଯେ !"

# ଦ୍ୱାଦଶ

ଚନ୍ଦ୍ରକାନ୍ତ ମୋତେ ଦେଖି ଆନନ୍ଦରେ ଅଧୀର ହୋଇ-ଉଠିଲା । ଆମ୍ଭେମାନେ ଜଗତପୁରରେ ପହଞ୍ଚୁ ପହଞ୍ଚୁ ରାତି ୨ଟା ବାଜି ଯାଇଥିଲା । ଚନ୍ଦ୍ରକାନ୍ତ ମୋତେ ନେଇ ତା' ନିଜର ଶୋଇବା ଘରେ ଶୋଇବାକୁ ଦେଲା । ଖାଇବା ପିଇବାରେ ମଧ୍ୟ ମୋର କିଛି ବ୍ୟତିକ୍ରମ ହୋଇନି । ବାହାଘରର ଏତେ ହୋ ହୋ ଭିତରେ ଚନ୍ଦ୍ରକାନ୍ତ ମୋ କଥାଟି ବୁଝିବାକୁ ଭୁଲି ନଥାଏ ।

ବାହାଘର ସରିଲା । ଚନ୍ଦ୍ରକାନ୍ତ ଆଉ ଗୋଟିଏ ଦିନ ରହିବା ପାଇଁ ମୋତେ ଖୁବ୍ ଅନୁରୋଧ କଲା, କିନ୍ତୁ ମୁଁ ମୋର ଅବସ୍ଥା ବୁଝାଇବାରୁ ସେ ଆଉ ବାଧ କଲାନି । ଚନ୍ଦ୍ରକାନ୍ତକୁ ବହୁତ ଧନ୍ୟବାଦ ଦେଇ ଅନ୍ୟମାନଙ୍କ ସହିତ ବାହାରି ପଡ଼ିଲି ତା' ପରଦିନ ।

ମଧୁପୁରରେ ପହଞ୍ଚିଲାବେଳକୁ ରାତି ୮ଟା ! ମାଳମା ତାଙ୍କ ଘରେ ମୋତେ ଅପେକ୍ଷା କରିଥିଲା । ମୋତେ ଦେଖି ଓ ମୋର ଖବରଅନ୍ତର ପଚାରି ବାହାଘର କଥାକୁ ବୁଲିଗଲେ । ଖାଇବା-ପିଇବା ମୋର ଚନ୍ଦ୍ରକାନ୍ତ ଘରୁ ବଢ଼ିଥିଲା । ମାଳମାର ସ୍ୱହସ୍ତ-ରଚିତ ଶଯ୍ୟା ଦେଖି ମୋର ଭାରି ଲୋଭ ହେଲା । କ୍ଳାନ୍ତ ଦେହଟା ମୁଁ ମେଲାଇ ଦେଲି ତା'ର ଉପରେ । ବାହାଘର,

ସାହିର ଖୁଷଣ ହୋ ହୋ ଭିତରେ ବି ତନ୍ଦ୍ରାଳସ ଆଖି ମୋର ସୁଷୁପ୍ତିର ଅଖଣ୍ଡ ସୁଖରେ ନିମଜ୍ଜିତ ହୋଇଗଲା ।

ବହୁକ୍ଷଣ ପରେ ନୀଳମାର ଡାକରେ ସୁଖନିଦ୍ରା ମୋର ହଠାତ୍ ଭାଙ୍ଗିଗଲା । ଲକ୍ଷଣଟା ଧରି ନୀଳମା ଡାକୁଚି, "ଶୁଣୁଚ, କ'ଣ ଏତେ ନିଦ ହୋଇଥିଲା ? କିଛି ଖିଆପିଆ ହୋଇନି ପରା !" ନିଦଟା ଭାଙ୍ଗିଥିଲେ ବି ଆଖି ବୁଜି ମୁଁ ସବୁ ଶୁଣୁଥାଏ । ଆଖି ଖୋଲି ନିଦରୁ ଉଠିଲା ଭଳି ହେଲି । ଘରଆଡ଼ ନିଃଶବ୍ଦ ହୋଇଗଲାଣି । କିଏ କୁଆଡ଼େ ଶୋଇ ପଡ଼ିଲେଣି ବୋଧହୁଏ ! ମଝିରେ ମଝିରେ କାହାର କେମିତି ଖଣ୍ଡିକାଶ ଶୁଣାଯାଉଛି ।

ନୀଳମାକୁ ଚାହିଁ ପଚାରିଲି, "କ'ଣ କହୁଛ ?"

ନୀଳମା ଦୂରେଇ ଯାଇ କହିଲା, " ମୁଁ ତ ସିଆଡ଼େ ଟିକିଏ ବ୍ୟସ୍ତ ରହିଗଲି । ଆଉ—"

"ଆଉ ମୁଁ ବି ତୁମେ କହିଥିବା ବିଛଣା ଉପରେ ବ୍ୟସ୍ତ ରହିଗଲି । କ'ଣ କହୁଛ ଆଉ ?"

ନୀଳମା ହସ ସମ୍ଭାଳି ନପାରି କହିଲା, "ନା, ନା, ମୁଁ କ'ଣ ସେ କଥା କହୁଛି ? ଖିଆପିଆ ହବାରେ ଡେରି ହୋଇ-ଗଲାଣି, ଉଠ ଟିକିଏ କ'ଣ ଖା ।"

କହିଲି, "ନା, ନା, ମତେ ଆଉ ସେ ଜଞ୍ଜାଳରେ ପକାନା । ମୁଁ ସେ କାମଟା ଜଗତପୁରରୁ ସାରିଛି ! ଚନ୍ଦ୍ରକାନ୍ତ ମୋତେ କ'ଣ ସେମିତି ଛାଡ଼ିଛି ? ମୋତେ ଭୋକ ଥିଲେ ଆସିଲାବେଳେ ତମକୁ କହି ନଥାନ୍ତି ?"

ନୀଳମା ଅନୁନୟ କରି କହିଲା, "ତା' କେମିତି ହବ ? ବାହାଘର ଘାଇରେ ରାତିରେ କିଏ ଉପାସ ରହେ ? ଟିକିଏ କିଛି ଖାଇବାକୁ ହବ ।"

ତା'ର କଥା ଭାଙ୍ଗିବାକୁ ମୁଁ ଆଉ ବେଶୀ ଚେଷ୍ଟା କଲିନି । ଅଗତ୍ୟା ଜଳଖିଆ ପାଖରେ ବସିବାକୁ ପଡ଼ିଲା ।

ପଚାରିଲି, "ପାର୍ଥ ହେରକା ଖାଇପିଇ ଶୋଇଲେଣି ପରା !"

"ହଁ ସେମାନେ ସେଇପାଖ ଘରେ ଶୋଇଛନ୍ତି ।"

ସାମାନ୍ୟ ଟିକିଏ ଖାଇ ମୁଁ ଉଠିଲି ।

ନୀଳିମା ଆଶ୍ଚର୍ଯ୍ୟ ହୋଇ କହିଲା, "ଏ କି ଖିଆ ହେଲା ? ନିଛରେ ହାତ ଅଇଁଠା କରିବା କି ଦରକାର ଥିଲା ?"

ମୋ'ର ପରା ଇଚ୍ଛା ନାହିଁ ବୋଲି ଆଗରୁ କହୁଛି, ଖାଲି ତୁମେ ବାଧ କଲରୁ..."

ଅନ୍ୟାନ୍ୟ ପ୍ରସଙ୍ଗ ପଡ଼ିଲା । ବର କନ୍ୟା ବିଷୟ ବି ଏଥିରୁ ବାଦ୍ ପଡ଼ିଲା ନାହିଁ ।

ନୀଳିମା ଯିବାକୁ ବାହାରିଲା । ମୁଁ ତା' ହାତକୁ ଧରି-ପକାଇ କହିଲି, "ଚାଲିଯିବାକୁ ଏତେ ଉଚ୍ଛନ୍ନ କାହିଁକି ?"

ସେ ମୋ ମୁହଁକୁ ଆଡ଼ ଆଖିରେ ଅନାଇ ପଚାରିଲା, "କି'ଣ କହୁନା ?"

"କି'ଣ ଆଉ କହିବି ? ତୁମେ ଫୁର୍ସତ୍ ଖୋଜୁଥିଲ ପରା, ଏବେ ମିଳିଲାଣି ନା ?"

ନୀଳିମା ଚମକି ପଡ଼ି ମୋ ମୁହଁକୁ ଚାହିଁଲା—ଚାହାଣି ତା'ର ଅର୍ଥପୂର୍ଣ୍ଣ ।

ପୁଣି ପଚାରିଲି, "କିଛି କହିଲ ନାହିଁ ଯେ ?

ଏଥରକ ସେ ଆଉ ନିରୁତ୍ତର ରହିପାରିଲା ନାହିଁ । ତଳକୁ ଚାହିଁ କହିଲା, "ମୋର ଫୁର୍ସତ୍ କି'ଣ ତମ ପାଖେ ଅଛିପା ଅଛି ?"

"ଅଚ୍ଛା ? ହଁ, ତମ ଫୁର୍ସତ ମୋ ପାଖେ ଅଛପା ନାହିଁ କ'ଣ ? ତମକୁ କେତେବେଳେ ଫୁର୍ସତ ହଉଛି, ମୁଁ କେମିତି ଜାଣିବ ? ଏଇ ତ ତିନିଦିନ ହେଲା ଆସିଲିଣି, କୁଣିଆ ଭଳି ମୋର ଚର୍ଚ୍ଚା କରିବା ଛଡ଼ା ଆଉ କେତେବେଳେ ତ ପଦେ କଥା କହିବାକୁ ତର ହଉନ । ତମ ଆଗରେ ମନ ଖୋଲି ଦି'ପଦ କଥା କହିବାପାଇଁ ଛାତି ଭିତରେ ମୋର ବ୍ୟଗ୍ରତା ଦିନୁଦିନ କେମିତି ବଢ଼ି ଚାଲିଛି, ସେ କଥା ତମକୁ କ'ଣ କହିବ ? କଟକରେ ରୋହିଣୀ ବାବୁର ଭୟ, ଆଉ ଏଠି ତମର ଫୁର୍ସତ ନାହିଁ । ତୁମେ ବୋଧହୁଏ ଜାଣିନା, ଖାସ ତୁମରି ଆଗରେ ମନଟା ଖୋଲିଦେବା ପାଇଁ ମୁଁ ମଧୁପୁର ପର୍ଯ୍ୟନ୍ତ ଧାଇଁ ଆସିଛି । କିନ୍ତୁ ତୁମେ ତ ମୋ ଶ୍ରମର ମୂଲ୍ୟ ବୁଝିଲ ନାହିଁ, ଆକାଙ୍କ୍ଷା ବୁଝିବା ଦୂରେଥାଉ ।"

"ଆକାଙ୍କ୍ଷା ମୋ ପାଖରେ କ'ଣ ? ମନଖୋଲା କଥା ବା ମୋ ନିକଟରେ ପ୍ରୟୋଜନ କ'ଣ ?" ବିରକ୍ତଭାବେ ମାଳତୀ କହିଲା ।

"ତମ ନିକଟରେ ପ୍ରୟୋଜନ ନାହିଁ ? ତେବେ—?" ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ।

"ଏ ସବୁର ପ୍ରୟୋଜନ ଲବଙ୍ଗ ଦେବୀଙ୍କ ନିକଟରେ ବହୁତ ବେଶୀ—"

"ଲବଙ୍ଗ ! ସେ ମୋର ଜୀବନ-ଯାତ୍ରାରେ ଗୋଟାଏ ବୋଝ । ବାପାଙ୍କର ଧନଲାଳସାର ଗୋଟାଏ ଶୋଚନୀୟ ପରିଣତି, କୁସଂସ୍କାରର ଗୋଟାଏ ଜୀବନ୍ତ ମୂର୍ତ୍ତି !! ହୃଦୟ କ'ଣ— ସେ ବୁଝେନା—ପ୍ରାଣଟା ତା'ର ପାଷାଣ ! ନିଜର ଅସଭ୍ୟତାରେ

ସେ ବଡ଼—ମଧ୍ୟଯୁଗ ସଭ୍ୟତାର ସେ ଗୋଟାଏ ଅବଶିଷ୍ଟ । ତା' କଥା କାହିଁକି ଏଠାରେ ନୀଳିମା ?"

"ମଞ୍ଜୁ ଦେଈ ତ କହନ୍ତି ସେ କୁଆଡ଼େ ଖୁବ୍ ସୁନ୍ଦର—"

"ସୁନ୍ଦର ଅବଶ୍ୟ । ଖାଲି କ'ଣ ଦେହର ସୌନ୍ଦର୍ଯ୍ୟକୁ ନେଇ ମଣିଷ ସଂସାର କରେ, ଜୀବନ କାଟେ ? ହୃଦୟର ସୌନ୍ଦର୍ଯ୍ୟ ନଥିଲେ ରକ୍ତ-ମାଂସ ଶରୀର ସୌନ୍ଦର୍ଯ୍ୟର କିଛି ମୂଲ୍ୟ ନାହିଁ ନୀଳିମା ! ଦେହର ସୌନ୍ଦର୍ଯ୍ୟ ବାଟେ ମନ ଖୋଜେ ହୃଦୟ, ମାୟା ଓ ମୋହ । ଯେଉଁଠି ସେ ତା' ପାଏନା ଫେରିଆସେ । ଯୁଗ ଯୁଗ ଧରି ମଣିଷ ଏହିପରି ସନ୍ଧାନ କରିଆସୁଛି । ତା'ପରେ ମଞ୍ଜୁ ତାକୁ ସୁନ୍ଦର ବୋଲି କହେ, ଲୋକେ ମଧ୍ୟ କହନ୍ତି । କିନ୍ତୁ ତୁମ ତୁଳନାରେ ସେ କେଉଁ ତଳେ ପଡ଼ିବ ନୀଳିମା ! ତୁମେ ଯେ ମୋ ଆଖିରେ ଅତୁଳନୀୟା ରୂପସୀ—କବି କଳ୍ପନାର ମାନସୀ !"

"ତଥାପି ଲବଙ୍ଗ ଦେବୀଙ୍କୁ ତୁମେ ତ ଛାଡ଼ି ପାରିବନାହିଁ——ସମାଜର ଆଇନ୍ ତମ ବେକରେ ବନ୍ଧା !" ନରମ ସ୍ୱରରେ ନୀଳିମା କହିଲା ।

ମୁଁ ଉତ୍ତେଜିତ ହୋଇ କହିଲି, "ଛାଡ଼ି ପାରିବିନାହିଁ କ'ଣ ? ତା'ର ଅବସ୍ଥା ତ ମୋଠୁଁ ତା'କୁ ଛଡ଼େଇ ନେଇଛି । ଯଦି କେବେ ପୁଣି ଅବସ୍ଥା-ଚକ୍ରରେ ସେ ଆସେ, ତଥାପି ତାକୁ ପ୍ରତ୍ୟାଖ୍ୟାନ କରିବାକୁ ମୋର ଯଥେଷ୍ଟ ଶକ୍ତି ଅଛି, ସାହସ ଅଛି । ଆଉ ସମାଜର ଆଇନ୍ । ତାକୁ ଅମାନ୍ୟ କରିବାକୁ ମଧ୍ୟ ମୋର ଆତ୍ମ-ବଳ ଅଛି ।"

"ଆଉ ମୁଁ ! ମୁଁ କେଉଁ ବଳରେ ତମର ସମକକ୍ଷ ହୋଇ-ପାରିବ ?" ଥରି ଥରି କଣ୍ଠରେ ନୀଳିମା କହିଲା ।

"କାହିଁକି ? ତୁମର ବଳ ନାହିଁ ? ତୁମର ମୋ ପ୍ରତି ଯେଉଁ ମାୟା ଓ ରୋହଣୀ ବାବୁର ତୁମ ଉପରେ ଯେଉଁ ନିର୍ମମ ଅତ୍ୟାଚାର—ତା'ର ବଳରେ ଠିଆ ହେବ ତୁମେ ମୋ ପାଖରେ, ତମକୁ କେହି ଠେଲେଇ ପାରିବେ ନାହିଁ । ଆଉ ତମର ଅସୁବିଧା କ'ଣ ? ପାର୍ଥ, ସିଦ୍ଧାର୍ଥ—ସେମାନେ ତ ତମର ରକ୍ତମାଂସ । ତୁମେ ଯୁଆଡ଼େ ଯାଅ, ସେମାନଙ୍କୁ ନବାକୁ ପଡ଼ିବ । ସେମାନଙ୍କୁ ମଣିଷ କରିବା ପାଇଁ ତମକୁ ଚିନ୍ତା କରିବାକୁ ପଡ଼ିବ ନାହିଁ ।"

ଦୀର୍ଘ ନିଶ୍ୱାସଟାଏ ଛାଡ଼ି ନୀଳିମା କହିଲା, "ପାର୍ଥ, ସିଦ୍ଧାର୍ଥ—ସେମାନେ ତ ମୋର ରକ୍ତ ନୁହନ୍ତି—"

"ତମର ରକ୍ତ ନୁହନ୍ତି ?" ମୁଁ ବିସ୍ମୟ-ବିହ୍ୱଳ ହୋଇ ପଚାରିଲି । ନୀଳିମା ସାଙ୍ଗରେ ପାର୍ଥ, ସିଦ୍ଧାର୍ଥଙ୍କୁ ଦେଖିଲେ କେହି ତ କହିବ ନାହିଁ, ଏମାନେ ରକ୍ତ ନୁହନ୍ତି ବୋଲି ।

"ନାଁ, ରକ୍ତ ନୁହନ୍ତି । ମୁଁ ସେମାନଙ୍କର ସାବତ ମା ! ଦି'ଦି'ଟା ଝିଅ ବାହା କରି ବାପା ବୋଉ ମୋର ଉଚ୍ଛନ୍ନ ହୋଇ ଯାଇଥିଲେ—ମେରୁଦଣ୍ଡ ତାଙ୍କର ଭାଙ୍ଗିପଡ଼ିଥିଲା । କେମିତି ମୋତେ ପରଘରକୁ ଉଠେଇବେ, ଏଇ ଚିନ୍ତା ସେମାନଙ୍କୁ ଦିନ ରାତି ଘାରୁଥିଲା । ଭଗବାନ ଦୁଃଖ ଦେଖିଲେ ଶେଷରେ । ୟାଙ୍କର ଆଖିରେ ପଡ଼ିଲି । ବାପା ବୋଉ ଆଖି ବୁଜି ବୋଝ ଉଠେଇଦେଇ ଆଶ୍ୱସ୍ତ ହେଲେ—" ସାଙ୍ଗେ ସାଙ୍ଗେ ନୀଳିମାର ଆଖି ପତା ଓଦା ହୋଇ ଆସିଲା । ସେ ଆଉ କିଛି କହି ପାରିଲା ନାହିଁ ।

କଥାର ପ୍ରତି ପଦରେ ନୀଳିମାର ହୃଦୟ-ବେଦନା ରହିଥିଲା ପରି । ସମବେଦନାରେ ମନଟା ମୋର ନଇଁ ପଡ଼ିଲା ।

ତାର ଅତ୍ୟାଚାରିତ ଜୀବନକୁ ଟିକିଏ ସୁଖମୟ କରିବାକୁ ପ୍ରାଣରେ ଗୋଟାଏ ଅଦମ୍ୟ ଉତ୍ସାହ ଜାଗି ଉଠିଲା । କେତେ ଶାନ୍ତ-ସ୍ନିଗ୍ଧ କୋମଳ ଲତାଟି । ଅବସ୍ଥାର ନିର୍ମମ ଅତ୍ୟାଚାରରେ ଦିନକୁ ଦିନ ଝାଉଁଳି ପଡ଼ୁଛି । ସୃଷ୍ଟିର ଏ ଅପୂର୍ବ ଲାବଣ୍ୟମୟୀ ଛବି ଉପରେ ଏ ହୃଦୟହୀନ ଆଘାତ ବିଧାତାର କ'ଣ ଅଭିପ୍ରେତ ? ସମାଜ କ'ଣ ଏଥିପାଇଁ ଦାୟୀ ନୁହେଁ ?

ନୀଳିମାକୁ ପାଖକୁ ଟାଣିଆଣି କହିଲି, "ଏ ଅତ୍ୟାଚାରର ନିଗଡ଼ରୁ ତୁମକୁ ତୁରନ୍ତ ମୁକ୍ତ କରିବାକୁ ଚାହେଁ । ନୀଳିମା ! ପ୍ରାଣ ମୋର ଦିନକୁଦିନ ଅଧୀର ହୋଇ ଉଠୁଛି ।" ଭୁବନ-ମୋହିନୀକୁ ବାହୁପାଶରେ ବାନ୍ଧି ପକାଇ ବାରମ୍ବାର ପଚାରିଲି, "କହ ନୀଳିମା, ମୋର ସହଯାତ୍ରିଣୀ ହୋଇପାରିବ ତ ? କହ, ମୋ ମୁହଁକୁ ଚାହିଁ କହ ।"

ନୀଳିମା କିଛି ପ୍ରତ୍ୟୁତ୍ତର ନ କରି ମୋର ବନ୍ଧନକୁ ଶ୍ରେୟସ୍କର ମଣିଲା ।

ପୁଣି ପଚାରିଲି, "କିଛି କହିଲ ନାହିଁ ଯେ ।"

ନୀଳିମା ତଥାପି ନିରୁତ୍ତର ରହିଲା । ମୁହଁଟାକୁ ତାର ଉଦରକୁ ଠେକିଲା—ପୁଣି ସେଇ ଅଶ୍ରୁ ।

"ଏ କ'ଣ ନୀଳିମା ? ଅତୀତକୁ ଭାବି ଅଶ୍ରୁବର୍ଷଣ କଲେ ଲାଭ ନାହିଁ କିଛି । ଭବିଷ୍ୟତକୁ ଅଗ୍ରସର ହେବାର ସାହସ ବାନ୍ଧ । ସମଦଶାପନ୍ନ ଆମେ ଦୁଇଜଣ । ସମାଜର ଦାରୁଣ କଷାଘାତ ଆଣି ବୁକ ଆଉ ସହି-ନେବାର ଧୈର୍ଯ୍ୟ ଆମର ନାହିଁ । ପ୍ରାଣର ବନ୍ଧନ ଏ ସମାଜ କ'ଣ ବୁଝେନା—ଜୀବନର ମୂଲ୍ୟ କ'ଣ ଜାଣେନା । ଚାଲ ଆମେ ସେଇଠିକି ଯିବା, ଯେଉଁଠି ସ୍ତ୍ରୀ ଗୋଟାଏ ବୋଝ ନୁହେଁ, ଆଉ ସ୍ୱାମୀ ଗୋଟାଏ ରାକ୍ଷସ ନୁହେଁ ।"

ଗଦ୍‌ଗଦ୍ କଣ୍ଠରେ ଏଥରକ ନୀଳମାର ଅସ୍ପଷ୍ଟ ଭାଷା ଫୁଟି ବାହାରିଲା । ସେ କହିଲା, "ମୋ ପାଇଁ ଏତେ ଦୁଃଖ କଷ୍ଟ ସହିବାକୁ ତୁମେ କାହିଁକି ଯାଉଛ ଭଲା ? ଜୀବନ ତ ମୋର ଯାହା ହୋଇଛି ହୋଇଛି—"

ଲୁହ ପୋଛିଦେଇ ମୁଁ କହିଲି, "ଜୀବନକୁ ଏତେ ହେୟ ମନେ କରୁଛ କାହିଁକି ନୀଳିମା ? ଏ ମଣିଷ ଜୀବନ ଆମର ଥରେ ନଷ୍ଟ ହୋଇଗଲେ ଆଉ ଥରେ ଫେରି ପାଇବାର ଆଶା ନାହିଁ । ଜାଣୁ ଜାଣୁ ଏ ସୁନାର ଜୀବନକୁ କାହିଁକି ପାଣିରେ ଫିଙ୍ଗିଦେବ ? ବେଳ ଅଛି, ସାହସ ବାନ୍ଧିଲେ ଏ ଜୀବନକୁ ଧ୍ୱଂସମୁଖରୁ ରକ୍ଷା କରିପାରିବ ।"

"ସାହସ ବାନ୍ଧିବ, ଅତ୍ୟାଚାରର ବିରୁଦ୍ଧରେ ନା ଅତ୍ୟାଚାରୀଠାରୁ ଦୂରରେ ରହିବାକୁ ?" ନୀଳମା ସରଳା ବାଳିକାପରି ପ୍ରଶ୍ନ କଲା ।

"କ'ଣ ପାଗଳ ହେଲ ନୀଳମା ? ଅତ୍ୟାଚାରର ବିରୁଦ୍ଧରେ ସାହସ ବାନ୍ଧି ଲାଭ କ'ଣ ? ଅବସ୍ଥାର ତାଡ଼ନାରେ ତୁମକୁ ଅତ୍ୟାଚାରର ଯେଉଁ ଗଭୀର ଗହ୍ୱରକୁ ନିକ୍ଷେପ କରାଯାଇଛି ସେଠି ସାହସ ବାନ୍ଧିବ କୋଉଥିପାଇଁ ? ସେଠି ବିରୁଦ୍ଧ ହବା ମାନେ ଘୋରତର ବିପଦକୁ ବରଣ କରି ଆଣିବା । ସେଠି ଏକମାତ୍ର ଉପାୟ ହେଉଛି—ଦୂରରେ ରହି ଆତ୍ମରକ୍ଷା, ଜୀବନର ପୁନର୍ଗଠନ !"

"ଦୂରରେ ରହି, ତାଙ୍କଠୁଁ ଦୂରରେ ରହି—!"

"ହଁ, ହଁ, ତାଙ୍କଠୁଁ—ଅତ୍ୟାଚାରୀ, ମଦ୍ୟପ, ହିଂସ୍ର ପଶୁ ରୋହିଣୀ ବାବୁଠୁଁ ଦୂରରେ ରହି ! ପାରିବ ନାହିଁ ? ତୁମେ କ'ଣ ତଥାପି ରୋହିଣୀ ବାବୁଙ୍କୁ ସ୍ନେହ ନୀଳମା ?" ଗୋଟାଏ

ଆଶଙ୍କା ଓ ଆବେଗର ମିଶ୍ରଣରେ ମନ ମୋର ଦୋହଲି ଉଠିଲା ।

ସେ ଦୂରକୁ ଚାହିଁ କହିଲା, "ଏ ପର୍ଯ୍ୟନ୍ତ ଚାହିଁ ଆସିଥିଲି···" ରହି ରହି ପୁଣି ସେ କହିଲା, "କିନ୍ତୁ ନିରୁପାୟ ହୋଇ···।"

"ଆଉ ବର୍ତ୍ତମାନ ?" ମୁଁ ତାର ଲୁହ ନିଗିଡ଼ା ଆଖିକୁ ଚାହିଁ ପଚାରିଲି ।

ଦୂରରେ ଦୃଷ୍ଟି ନିବଦ୍ଧ କରି ସେ କହିଲା, "ବର୍ତ୍ତମାନ ? ବର୍ତ୍ତମାନ ମୁଁ ଅନୁଭବ କରୁଛି, ମନଟା ମୋର ମୋ' ଭିତରେ ନାହିଁ—କିଏ ଯେମିତି ଚୋରାଇ ନେଇଛି ! ! ମୁଁ କିଛି ଭାବି ପାରୁନି—"

ତା ମୁହଁଟିକୁ ମୋ ମୁହଁର ସାମନାସାମନି କରି ପଚାରିଲି, "ଭାବି ପାରୁନା ? ମୋ ମୁହଁକୁ ଚାହିଁ ଭାବିବାକୁ ଚେଷ୍ଟା କର !"

କ୍ରନ୍ଦନ-କ୍ଳାନ୍ତ ଆଖି ତା'ର ଉଜ୍ଜ୍ୱଳ ହୋଇ ଉଠିଲା ମୋ ଆଖିରେ ମିଶି । ନିବିଡ଼ ଆଲିଙ୍ଗନ କରି କହିଲି, "ଯେଉଁ ଚାହାଣିରେ ମୋତେ ପାଗଳ କରିଛ ନୀଳମା, ସେଇଥିରୁ କଣ ପୁଣି ବଞ୍ଚିତ କରିବାକୁ ଚାହଁ ? ସରଳା-ସୌମ୍ୟା ପ୍ରତିମାଟି ମୋର; ଏତେ ନିଷ୍ଠୁର କେମିତି ହୋଇପାରିବ ? ସତେ କ'ଣ ନିଷ୍ଠୁର ହେବ ? କହ, କହ ନୀଳମା—ପ୍ରାଣର ପ୍ରାଣ ମୋର !" ମୁଁ ଆଉ ଧୈର୍ଯ୍ୟ ଧରି ପାରିଲିନାହିଁ । ତାର ଲୋହିତ-ମସୃଣ ଗଣ୍ଡ ଉପରେ ଆବେଗର ଅଧର-ପରଶ-ରେଖାଟି ଆଙ୍କିଦେଲି ।

ସେ ମୋର ବାହୁ ବନ୍ଧନରୁ ଟିକିଏ ମୁକ୍ତ ହେବାର ଚେଷ୍ଟାକରି କହିଲା, "ତୁମେ ଭାରି ଅସ୍ଥିର !"

ମୁଁ ପୁଣି ମୋର ବନ୍ଧନକୁ ଦୃଢ଼ କରିଦେଲି । ସେ ମୋ ମୁହଁକୁ ଆଉ ଚାହିଁ ପାରିଲାନାହିଁ । ନିରୁପାୟ ହୋଇ ସେ ମୋର କାନ୍ଧ ଉପରେ ତା'ର ଚିବୁକ ସ୍ଥାପନ କଲା ।

ହଠାତ୍ ସିଦ୍ଧାର୍ଥର କାନ୍ଦଣାରେ ସେ ଚମକି ପଡ଼ିଲା । ବାହୁ-ବନ୍ଧନ ବି ମୋର ଶିଥିଳ ହୋଇଗଲା ! ମୁକ୍ତ ହୋଇ ସେ କହିଲା, "ରାତି ବହୁତ ହେଲାଣି, ତୁମେ ଶୁଅ—ପିଲାଟା କାହିଁକି କାନ୍ଦୁଛି ଦେଖେଁ !"

ତରତର ହୋଇ ମାଳମା ଚାଲିଗଲା । ଝରକାବାଟେ ମୁଁ ତାକୁ ଚାହିଁ ରହିଲି । ମନଟା ମୋର ତା'ର ପ୍ରତି ପଦକ୍ଷେପ ସାଙ୍ଗେ ଗତି କରି ଚାଲିଥାଏ । ସେ କବାଟ ଆଉଜାଇ ଭିତରକୁ ଗଲା । ମୁଁ ମଣିହରା ଫଣୀ ପରି ବିଛଣାରେ ପଡ଼ି ରହିଲି ।

# ତ୍ରୟୋଦଶ

"ମଞ୍ଜୁ ଦେଈଙ୍କ ଅବସ୍ଥା କ'ଣ ହେଲା କେଜାଣି, ମାଉସୀ ତ ମୋତେ ଖୁବ୍ ଗାଳି ଦଉଥିବେ । ସିଆଡ଼େ'ବ..."

"ରୋହିଣୀବାବୁ ନା ? ହଁ, ସେ ତ ହଇରାଣ ହେଉଥିବେ ନିଶ୍ଚୟ । ରାଗଟା ତାଙ୍କର ମନରେ ଜମାଟ ବାନ୍ଧି ସାରିବଣି ! କିନ୍ତୁ ତୁମେଇ ତ ଡେରି କରୁଛ—ତମର ଯୋଉ ବାରବେଳା—"

"ନା, ନା, ମୁଁ ଆଉ ବାରଫାର ଧରିବ ନାହିଁ—କାଲି ଚାଲ ।"

ଯୋଉବାଟେ ଯେମିତି ଆସିଥିଲୁ ସେଇବାଟେ ସେମିତି ଫେରିବାକୁ ପଡ଼ିଲା । କଟକ ଷ୍ଟେସନ୍‌ରେ ଘୋଡ଼ାଗାଡ଼ି ମିଳିଲା ନାହିଁ, ଦୁଇଟି ରିକ୍‌ସା ହେଲା ।

ଏମିତି ଦୁଇଟି ରିକ୍‌ସାରେ ମାଳମା ସହିତ ପରିଚୟ, ହୃଦୟର ଘନିଷ୍ଠତା ! ଆଜି ବି ସେଇ ଅବସ୍ଥା, କେବଳ ରୋହିଣୀ ବାବୁ ନାହାନ୍ତି । ଅତୀତର ଗୋଟାଏ ଦିନ ଭବିଷ୍ୟତର ଆଉ ଗୋଟାଏ ଦିନ ସାଙ୍ଗରେ ଏମିତି ମିଳିଯାଏ ! ପୁରୁଣା ସ୍ମୃତିଟା ମନ ଭିତରେ ପୁଣି ଜାଗି ଉଠେ ।

ଶିଖା ହସି ହସି ରିକ୍‌ସାରେ ବସିଲା । ମାଳମା ବି ହସିଲା ମୁଁ ସେ ହସର କାରଣ ବୁଝିଲି । ବଡ଼ ପାଟିକରି କହିଲି

"ଭୟ ନାହିଁ, ଭୟ ନାହିଁ—ମୁଁ ଆଜ ଅଜଣା ଅଶୁଣା ବାଟରେ ଯାଉନାହିଁ—"

ମୋତେ ଶୁଣାଇ ମାଳମାକୁ ଚାହିଁ ଶିଶୁ କହିଲା, "ତା'ହେଲେ—?"

ମାଳମା ଶିଶୁକୁ ଟିକଏ ଠେଲିଦେଇ କହିଲା, "ତା'ହେଲେ ପଛକୁ ଚାହିଁ ପଚାର, ମୋତେ କ'ଣ ପଚାରୁଛ ? ସତେ ଯେମିତି ଲାଜ ଘୋଡ଼ାଇପଣ ଗ୍ରାସିଛି ! ତା'ହେଲେ କ'ଣ ନିଜେ ଭାବି ପାରୁନା ? ତା'ମାନେ ତମ ସାଙ୍ଗରେ ତାଙ୍କର ଅତି ଘନିଷ୍ଠତା !"

ଶିଶୁ ଛୁଆଡ଼ିଆ ପିଲା ନୁହେଁ । କହିଲା, "ଆମ ସାଙ୍ଗରେ ଏକା ରିକ୍ସା ଧକ୍କା ହୋଇ ନଥିଲା ।"

ମାଳମା କହିଲା, "ତୁମେ ଭାଇଭଉଣୀ ସେଇଥିପାଇଁ ଧକ୍କା ଭୟରେ ଆଗରେ ଛୁଟିଥିଲ ପରା !"

ମୁଁ ହସ ଚାପି ରହିଲି । ଦେଖୁ ଦେଖୁ ରାଣୀହାଟ ପୋଲ ହେଲା । ମୋତେ ବି ଟିକଏ ଭୟ ଲାଗିଲା । କିନ୍ତୁ ସୁରୁଖୁରୁରେ ରିକ୍ସା ଗଡ଼ି ଚାଲିଗଲା ।

ରୋହିଣୀବାବୁଙ୍କ ଘରେ ସେମାନଙ୍କୁ ଛାଡ଼ିଦେଇ ମୁଁ ଆମ ଘରକୁ ଆସିଲି । ମଞ୍ଜୁର ପାଟି ବାହାରକୁ ଶୁଣାଯାଉଥାଏ ।

ବୋଉ ଦେଖି କହିଲା, "ମାଳ ହରକା ଆସିଛନ୍ତି ନା ?"

"ହିଁ" ।

"ଏତେଦିନ କ'ଣ ଡେରି ହେଲା ?"

"ମାଇପି କଥା, ବାରବେଳା କେତେ ବୁଝାସୁଝା ! ମଞ୍ଜୁ ଯୋଗୁ ନିହାତି ଜିଦ୍ କଲାରୁ ଆଜ ଆସିବା ସମ୍ଭବ ହେଲା ।"

ମଞ୍ଜୁ ସିଆଡୁ ପାଟିକରି କହିଲା, "ସତେ, ମଞ୍ଜୁ ଯୋଗୁ ! ମଞ୍ଜୁପାଇଁ ନିଦ ନ ଥିବ ! ମୋର ଯୋଉ ଅବସ୍ଥା ହୋଇଥିଲା,

ଦାକ୍ତରଲୋକେ ପର ଦେଖିବାକୁ ଦଉଡ଼ୁଥିଲେ ! ତିନମାସ ପରେ ଆସିଲେ ଯେ ଚାଲିଗଲେ ସିଧା ସିଧା ବାହାଘର ଭାଲଭାତ ଖାଇବାକୁ, ବନ୍ଧୁ ସଙ୍ଗୋଳିବାକୁ ! କଥା ଶୁଣ ! ମୁଁ ସେମିତି ଭଉଣୀ ବୋଲି···"

ବୋଉ ଆଖି ଦେଖାଇ କହିଲା, "କଥାଗୁଡ଼ା କେତେ ବଡ଼ି ବଡ଼ି କହୁଛୁ ଲୋ ମଞ୍ଜୁ !"

ରହସ୍ୟ କରି କହିଲି, "ମଞ୍ଜୁ କ'ଣ ଭାତପାଣି ଖାଇଲାଣି କି ବୋଉ ? ଏତେ ଜୋର୍‌ରେ କଥା କେମିତି ବାହାରୁଛି ?"

ବୋଉ ହସିଲା । ମଞ୍ଜୁ ବି ଚୁପ୍ ହୋଇଗଲା ।

ବୋଉ ପୁଣି କହିଲା, "ରୋହିଣୀ ବାବୁର ଦେହ ଭଲ ନାହିଁ ସେ ଯୋଉ ବ୍ୟସ୍ତ ! ମାଳ ଉପରେ ତ କଡ଼ମଡ଼ ହୋଇ ରହିଛି—"

"କ'ଣ ହୋଇଛି ?"

"କ'ଣ ଜର ହଉଛି, କାଶ ବି ଟିକିଏ ଟିକିଏ ହଉଛି । କଫ ସାଙ୍ଗରେ ପୁଣି ରକ୍ତ ପଡ଼ୁଛି—"

"ଏଁ, କଫ ସାଙ୍ଗରେ ରକ୍ତ ? ତା'ହେଲେ କ'ଣ ଯକ୍ଷ୍ମା ?"

"ହୋଇଥବ । ମଣିଷ ଶରୀର, କାହାକୁ କେତେବେଳେ କ'ଣ ଧରି ପକାଉଛି ! କିନ୍ତୁ ତା'ର ତ କିଛି ପରିବର୍ତ୍ତନ ନାହିଁ ! ସେମିତି ଖିଆପିଆ, ବୁଲାଚଲା !"

କହିଲି, "ନିଶା ତ ଗୁଡ଼ିଏ, ଆଉ ପରିବର୍ତ୍ତନ ହବ କଣ ? ସେଇଯୋଗୁ ତ ଏ ରୋଗ !"

ରୋହିଣୀବାବୁର ରୋଗ କଥା ଶୁଣି ମାଳମା ଓ ତାର ପିଲାମାନଙ୍କ ପାଇଁ ମୁଁ ବଡ଼ ଉଦ୍‌ବିଗ୍ନ ହୋଇପଡ଼ିଲି । କଣକର

ଜୀବନ ତ ଗଲା, ମାଳମା ଓ ଅଜ୍ଞାନ ପିଲାଗୁଡ଼ିକ ସେଇ ସଂସ୍ପର୍ଶରେ ରହି ସେମାନଙ୍କର ଜୀବନକୁ ଯେ ବିପନ୍ନ କରିବେ, ଏ କଥା ଭାବି ମୋର ହୃତ୍‌କମ୍ପ ହେଲା । କିନ୍ତୁ ଉପାୟ କ'ଣ ?

ଉପାୟ କିଛି ଭାବି ପାରିଲିନାହିଁ । ସନ୍ଧ୍ୟା ଅସ୍ତଗତ ହୋଇଗଲାଣି । ମୁଁ ତାଙ୍କ ଘରଆଡ଼େ ଗଲି । ରୋହିଣୀବାବୁଙ୍କୁ ଶୋଇ ଥିବାର ଦେଖିଲି । ସମସ୍ତ ତାଙ୍କଠୁଁ ବୁଝିଲି । ସେ କଥା ଭିତରେ ନିଜ ରୋଗକୁ ଗୋପନ କରିବାକୁ ଯେତେ ଚେଷ୍ଟା କଲେ ବି ମୁଁ ତାଙ୍କର ମୁହଁରେ କହିଲି, "ଏ ଯକ୍ଷ୍ମା ଛଡ଼ା ଆଉ କିଛି ନୁହେଁ । ଆଉ ଏଥିପାଇଁ ଦାୟୀ ଆପଣ ନିଜେ । ମୃତ୍ୟୁ ଆପଣଙ୍କୁ ଡାକିବାକୁ ଆସିବା ପୂର୍ବରୁ ଆପଣ ମୃତ୍ୟୁକୁହିଁ ବରଣ କରିଆଣିଛନ୍ତି ଆଗ । ରୋଗକୁ ଲୁଚାଇ କିଛି ଲାଭନାହିଁ । ଆପଣ ହସ୍‌ପିଟାଲ୍‌କୁ ଚାଲନ୍ତୁ । ମୋର ସେଠାରେ ଅନେକ ବନ୍ଧୁ ଅଛନ୍ତି । ଆପଣଙ୍କର ସେଠାରେ ନିଶ୍ଚୟ ଉପଯୁକ୍ତ ଚିକିତ୍ସା ହୋଇପାରିବ ।"

ମୋ ପ୍ରସ୍ତାବରେ ଅମତ ହେବାର ରୋହିଣୀ ବାବୁଙ୍କର ବାଟ ନଥିଲା । ମାଳମା ପାଖକୁ ଗଲି । ସେ ଅନ୍ତରାଳରେ ରହି ଆମ୍ଭମାନଙ୍କର କଥାବାର୍ତ୍ତା ଶୁଣୁଥିଲା । ମେଘାଚ୍ଛନ୍ନ ଆକାଶରେ ଗୋଟାଏ କ୍ଷୀଣ ଆଲୋକ-ରେଖା ଭଳି ତା' ମୁହଁରେ ଟିକିଏ ଉଜ୍ଜ୍ୱଳତା ଫୁଟି ଉଠିଲା । ମୁଁ ତାକୁ ସାନ୍ତ୍ୱନା ବାଣୀ ଶୁଣାଇ କହିଲି, "ଯାହା ଭାଗ୍ୟରେ ଥିବ ତା ହେବ । ସେଥିପାଇଁ ଚିନ୍ତାକରି ଲାଭ କ'ଣ ? ପିଲାପିଲିଙ୍କୁ ତାଙ୍କ ପାଖକୁ ଛାଡ଼ିବ ନାହିଁ । ତୁମେ ନିଜେ ବି ସାବଧାନ ଥିବ ।"

ଆଖି ତାର ଛଳଛଳ ହୋଇ ଆସିଲା । ପୁଣି କହିଲି, "ଏ କ'ଣ ମାଳମା ? ବିପଦବେଳେ ମଣିଷ ସାହସ ଓ ଧୈର୍ଯ୍ୟ

ହରାଇଲେ ସେ ନିଜେ ଏକ ବିପଦର କାରଣ ହୋଇଉଠେ । ମନରେ ବଳ ସଞ୍ଚୟ କର !"

ସେ କିଛି ନକହି ମୋ ହାତଟାକୁ ଧରିପକାଇ ଜୀବନ୍ତ-ପ୍ରତିମା ଭଳି ଠିଆହୋଇ ରହିଲା । ପଚାରିଲି, "କ'ଣ କହ ?"

ସେ ତଥାପି କିଛି କହି ପାରିଲାନାହିଁ ।

ରୋହିଣୀବାବୁ କାଶି ଉଠିଲେ । ପାଖକୁ ଯାଇ ଦେଖିଲି, କଫ ସାଙ୍ଗରେ ରକ୍ତ ।

ପଚାରିଲି, "କେମିତି ଅନୁଭବ କରୁଛନ୍ତି ? ଛାତିରେ କିଛି କଷ୍ଟ ଜଣା ପଡ଼ୁଛି ?"

ସେ କିଛି ଉତ୍ତର ନ ଦେଇ ମୋ ମୁହଁକୁ ବଲବଲ କରି ଚାହିଁ ରହିଲେ । ତାଙ୍କ ମନର ଦୁରବସ୍ଥା ବୁଝିପାରି ମୁଁ ତାଙ୍କୁ ଦ୍ଵିତୀୟ କଥା ନ ପଚାରି ଫେରିପଡ଼ିଲି । ବାହରେ କବାଟକୁ ଆଉଜି ମାଳମା ଠିଆ ହୋଇଥିଲା । ଦୀର୍ଘ ନିଃଶ୍ଵାସଟାଏ ଛାଡ଼ି ପଚାରିଲା, "କ'ଣ ଦେଖିଲ ?"

କହିଲି, "ଦେଖିବି ଆଉ କ'ଣ ? ସେ ରୋଗରେ ଯାହା ହବାର କଥା ତା ହଉଛି । ହୁସିଆର୍ ଥା, ଭରି ସଂକ୍ରାମକ ରୋଗ । ଆଉ ତାଙ୍କୁ କାଲି ହସ୍‌ପିଟାଲ ନେବାକୁ ହେବ—ଡେରି କଲେ ଅବସ୍ଥା ସାଙ୍ଘାତିକ ହୋଇଉଠିବ ।"

# ଚତୁର୍ଦ୍ଦଶ

ଝିଅଙ୍କ ଚେଷ୍ଟାରେ ମୋର କଣ୍ଠକ ବଦଳି ହୋଇଗଲା । ଘରେ ସମସ୍ତେ ଖୁସିହେଲେ । ବୋଉ କହିଲା, "ଯା'ହେଉ, ମସ୍ତିଷ ଦକଦକରୁ ବଞ୍ଚିଗଲା !" ନୀଳିମା ଆନନ୍ଦ ହେଲା ଯେତିକି ଆଶ୍ୱସ୍ତ ହେଲା ମଧ୍ୟ ସେତିକି । ତାର ଏ ଦୁର୍ଦ୍ଦିନରେ ମୋତେହିଁ ସେ ପ୍ରଧାନ ଅବଲମ୍ବନ କରି ଧରିଛି । ତଥାପି ସେ ମୋର ବଦଳିର ସ୍ଥାୟିତ୍ୱରେ ବିଶ୍ୱାସ କରି ପାରିଲାନାହିଁ । ପଚାରିଲା, "ସବୁଦିନେ ଏହି କଣ୍ଠକରେ ରହିବ ତ ?"

କହିଲି, "କାହିଁକି ଶୁଣେ ?"

"ନା, ନା, ସତ କହିଲ !"

"ସତ ଆଉ କ'ଣ କହିବି ? ତମ ପାଖରେ ମୋର ସବୁଦିନେ ରହିବାଠାକୁ ତେମେ କ'ଣ ମିଛ ବୋଲି ମନେକର ? ଆଜୀବନ ମୁଁ ରହିଥିବି ତୁମରି ପାଖେ ପାଖେ ! ବିଚ୍ଛେଦ ଯଦି କେବେତେବେଳେ ହୁଏ, ତା ହେବ ବିଧାତା ଦ୍ୱାରା । ନଶ୍ୱର ଦେହଟା ମୋର ନାଶ ହୋଇଗଲେ ବି ଆତ୍ମା ମୋର ତୁମରି ସନ୍ଧାନ କରି ବୁଲିବ ! ହୁଏତ ପରଜନ୍ମରେ—"

ନୀଳିମା ମୋ ପାଟିରେ ହାତ ଦେଇ ଆଉ କୁହାଇ ଦେଲା-ନାହିଁ । କହିଲା, "ଏତେ କଥାସବୁ ତେମେ କାହିଁକି କହ ? ମୋ ରାଣ ଆଉ ସେ କଥା କିଛି କହନା !"

ମୁଁ ତା' ହାତଟାକୁ ଧରପକାଇ କହିଲି, "ମିଛ କିଛି କହନ ମାଳମା, ସଂସାରର ଚିରନ୍ତନ ସତ୍ୟକୁ ଏତେ ଉପେକ୍ଷା କାହିଁକି ?"

ମାଳମା ଆଉ କିଛି କହିଲା ନାହିଁ । ସେ ତାଙ୍କ ଘର ପଛଆଡ଼େ ଥିବା ଗୋଟାଏ ଆମ୍ବଗଛ ଆଡ଼େ ରହିଥିଲା ଚାହିଁ ।

ପଚାରିଲି, "ରୋହିଣୀ ବାବୁଙ୍କ ଖବର କ'ଣ ?"

ସେ କାତରକଣ୍ଠରେ କହିଲା, "କିଛି ତ ଜାଣେନା ! ଡାକ୍ତରଖାନାରୁ ଆମ ଲୋକ ତ ଫେରିନ ! କିଛି ଖବର ପାଇନ୍ତି କି ?"

ମୁଁ ତ ଆଜ ଟିକିଏ ଯାଇପାରିଲି ନାହିଁ—କାଲି ଅଫିସ୍ ଫେରନ୍ତ ସେଇ ବାଟଦେଇ ଆସିବି ।"

ପାର୍ଥ ମୋ ଯିବାକଥା ଶୁଣି ଦୌଡ଼ିଆସି କହିଲା, "ବୋଉ, ମୁଁ ଟିକିଏ ଯିବି ।"

ମାଳମା ଆଖି ଦେଖାଇ କହିଲା, "ତୁ କୁଆଡ଼େ ଯିବୁ ? ଡାକ୍ତରଖାନାକୁ କ'ଣ ପିଲାଙ୍କୁ ଛାଡ଼ିବେ ?"

ସେ ମାଳମାର ଲୁଗାକୁ ଧରି କହିଲା, "ନାଇଁ ମୁଁ ଲୁଚିକରି ଯିବି ।"

"ଲୁଚିକରି ଯିବୁ । ସେଠି କେତେ ଜଗୁଆଳି, ତୁ କୋଉ ବାଟେ ଯିବୁରେ ? ମୁଁ ଯେଉଁଦିନ ଯିବି, ତତେ ଲୁଚେଇ କରି ନେଇଯିବି ଯେ କେହି ଦେଖିପାରିବେ ନାହିଁ ।" ମାଳମା ଯେତେ ଚେଷ୍ଟାକଲେ ବି ତାର ଆର୍ଦ୍ର ଆଖି ମୋ ଦୃଷ୍ଟିରୁ ବାଦ୍ ପଡ଼ିଲାନାହିଁ । ବୁଝିଲି ନାରୀର ଏଟା ସ୍ୱାଭାବିକ ଉଚ୍ଛ୍ୱାସ । ଯାହାକୁ ସେ ଯେତେ ପରବୋଲି କହେ ତାକୁ ସେ ସେତିକି ଆପଣାର କରେ । ପାର୍ଥ, ସିଦ୍ଧାର୍ଥ ଓ ରୋହିଣୀବାବୁ—ଏମାନେ

ପ୍ରକୃତରେ ଯେତେ ପର ହେଲେ ବି ଦୁନିଆରେ ସେମାନଙ୍କୁ ସେ କହେ ଆପଣାର ବୋଲି ! ସେଇମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ଲାଗି ସେ ନିଜର ଜୀବନକୁ ଦିଏ ବିସର୍ଜନ ।

ନୀଳମା କଥାରେ ପାର୍ଥର ପିଲା ମନ ବୁଡ଼ିଗଲା । ନିଜ ବୋଉକୁ ହରାଇ ସାବତମା ସେ କ'ଣ ଜାଣିନି । ନୀଳମାକୁହିଁ ସେ ତାର ଜନ୍ମଦାତ୍ରୀ ବୋଲି ଜାଣେ—ତା'ର ପାଖରୁ ସେ ନିଜର ଅଧିକାର କଡ଼ାଗଣ୍ଡା କରି ଅସୁଲ କରିଆସିଛି । ଆଉ ବାପ ତ ରାକ୍ଷସ—ତା ପାଖରେ ସେ କେବେ ଭରସି କରି ପଶିନି, ପିଲାଟା ପ୍ରତି ଭାରି ମାୟା ହେଲା । ପାଖକୁ ଟାଣିଆଣି ଗେଲକରି କହିଲି, "ପାର୍ଥଟି ଆମର ବେଶ୍ ଭଲ ପିଲାଟି ! ଖୁବ୍ ବୁଦ୍ଧି—ବହୁତ ପାଠ ପଢ଼ିବ !"

ନୀଳମା ପାଖରୁ ବିଦାୟ ନେଇ ଘରକୁ ଆସିଲି ।

"ଏ କ'ଣ, ଚନ୍ଦ୍ରକାନ୍ତ ଯେ ! କେତେବେଳେ ?"

"ଏଇ ଏଇକ୍ଷଣି ତ !" ଚନ୍ଦ୍ରକାନ୍ତ ନମସ୍କାର କରି କହିଲା ।

"ଇଆଡ଼େ ହଠାତ୍ କେମିତି ?"

"ଅପା ଘରକୁ ଯାଇଥିଲି । ରୋହିଣୀବାବୁଙ୍କ ଖବର ସେଇଠି ଶୁଣିଲି; ଆଉ ଆପଣଙ୍କ ପାଖକୁ ଖଣ୍ଡେ ଚିଠି ଦେଇଥିଲି ଯେ ତା'ର ବି ଉତ୍ତର ପାଇଲିନାହିଁ—ଏଇସବୁ କାରଣରୁ ମନଟା ବଡ଼ ଅସ୍ଥିର ହେଲା, ଟିକିଏ ବୁଲିଆସିଲି ।"

"ମୋ ପାଖକୁ ଚିଠି ? ମୁଁ ତ କିଛି ଚିଠିପିଠି ପାଇନି !"

"କୁଆଡ଼େ କ'ଣ ଗୋଳମାଳ ହୋଇ ଯାଇଥିବ ବୋଧହୁଏ !"

"ହଁ, ତା' ହୋଇଥିବ ! ଆଉସବୁ ଭଲ ତ ? ତମ ଭଗ୍ନୀପତି କେମିତି ?"

"ତାଙ୍କ କଥା କାହିଁକି ପଚାରୁଛନ୍ତି ? ଭାରି ଲାଜକୁଳା । ରୋହିଣୀବାବୁଙ୍କ ଖବର ଶୁଣି ଆସିବେ ବୋଲି ବାହାରିଥିଲେ ତ—"

"କ'ଣ ହେଲା ? ଆସିଲେନାହିଁ କାହିଁକି ? ଲାଜ ମାଡ଼ିଲା ବୋଧହୁଏ !"

ଚନ୍ଦ୍ରକାନ୍ତ ମୋ କଥାରେ ହସି ଉଠିଲା । କହିଲା, "ଭାରି ହୃଦୟହୀନ ଲୋକ ସେମାନେ ! ଭାଇଟାର ଏମିତି ଅବସ୍ଥା— ଆଜପର୍ଯ୍ୟନ୍ତ ସେ ଆସିବେ ବୋଲି ରାଗ ବାନ୍ଧୁଛନ୍ତି ।"

ଚନ୍ଦ୍ରକାନ୍ତ କିଛି କହିଲାନାହିଁ । କହିଲା, "ହଉ, ହଉ, ବନ୍ଧୁ ଘରକୁ ଚାଲ ।"

ବୋଉ ପିଆଡ଼ୁ ପାଟିକରି କହିଲା, "ପିଲାଟା ଆସି ଏଇକ୍ଷିଣା ପହଞ୍ଚୁଛି, ବନ୍ଧୁଘର ଦେଖାଇବାକୁ ଏତେ ଉଛନ୍ନ କାହିଁକି ? ଆମେ କ'ଣ ତା'ର ଅବନ୍ଧୁ ? ତା' ହୋଇଥିଲେ ଆମଘରେ ଆସି ଆଗ ଗୋଡ଼ ଦେଇଥାନ୍ତା କାହିଁକି ?"

ଚନ୍ଦ୍ରକାନ୍ତର ଝିଆପିଆ ସରିଲା । ତାକୁ ଘେନି ନୀଳମା ପାଖକୁ ଗଲି । ବାହାରୁ କହି କହିକା ଗଲି, "ଗୋଟିଏ କୁଣିଆ ଆଣିଛି ନଅ ।"

ନୀଳମା ଆଡ଼ ଆଡ଼ ହୋଇ ପାଖକୁ ଆସିଲା । କହିଲା, "ଚିହ୍ନି ପାରୁନା କି ? ସେଦିନ ପରା ଜଗତପୁର ଷ୍ଟେସନ୍‌ରେ ଦେଖାହୋଇଥିଲା ।"

ତାର ମନେ ପଡ଼ିଲା । ସେ ଲୁଗାଟାକୁ ଟିକିଏ ମୁଣ୍ଡ ଉପରକୁ ଟେକି କହିଲା, "ଓ, ଆମ ଋଜମାଙ୍କର—"

ହସି ହସି କହିଲି, "ହଁ, ହଁ, ତମ ରଜମାଙ୍କର ମଧୁର-ବନ୍ଧୁ !"

ସମସ୍ତେ ହସିଲେ । ଚନ୍ଦ୍ରକାନ୍ତଙ୍କୁ ତାଙ୍କ ଘରେ ଛାଡ଼ି ମୁଁ ଚାଲିଆସିଲି ।

ବାପା ମତେ ଦେଖି ବୋଉଙ୍କୁ କହିଲେ, "ରୋହିଣୀ-ବାବୁର ତ ଏମିତି ଗୋଟାଏ ରୋଗ, ସେ ଯାଇଁ ତା' ପାଖରେ ବସାଉଥା କେମିତି କରୁଛି ?"

ମଞ୍ଜୁ ବାହାରିପଡ଼ି କହିଲା, "ସେଇକଥା ପଚାରବନି ବାପା ! ମୋର ପରା ବେମାରି ହୋଇଥିଲା, କେତେ ଦେଖାଶୁଣା କରୁଥିଲେ ସେ ? ଆଉ ଆଜି ରୋହିଣୀବାବୁ ବେମାର ବୋଲି ହାସ୍‌ପାତାଲକୁ ଯାଉଛନ୍ତି ଦଉଡ଼ି—ବେଳକାଳ ଠିକ୍ ନାହିଁ !"

ମଞ୍ଜୁକୁ ଚାହିଁ କହିଲି, "ଦରମାଖିଆ ଲୋକଙ୍କ ଭଳି ଯେତେବେଳେ ଡାକ୍ତର ପାଖକୁ ଦଉଡୁଥିଲି, ସେ କଥା ଭୁଲି-ଗଲୁ ପରା ମଞ୍ଜୁ ! ମୁଣ୍ଡ ରଖିଲାରୁ ଆଜି ତୁଣ୍ଡ ବାହାରିଲା ପରା !"

ବାପା ବୋଉ ସମସ୍ତେ ହସିଲେ । ବୋଉ କହିଲା, "ଏ ତଳ ଉପର ଭାଇଭଉଣୀଙ୍କର ଜମା ପଡ଼ିଲାନାହିଁ !"

ବାପା କହିଲେ, "ସେ ପାଗଳୀଟା !" ମୋତେ ଚାହିଁ ପଚାରିଲେ, "କେମିତି ଅଛି କରେ ରୋହିଣୀ ବାବୁ ?"

"କଛି ବିଶ୍ୱାସ କରି ହଉନ, ଡାକ୍ତରମାନେ ଏକ ରକମ ହତାଶ !"

ବୋଉ ଚମକି ପଡ଼ିଲା । ବାପା କହିଲେ, "ହଁ ସେ ତ ସେଇଆ ! ସେଥିରେ କ'ଣ ବଞ୍ଚିବାର ଆଶା ଥାଏ ? ବିଚାରି ମାଲି, ପିଲାଟା—ସେଥିରେ ପୁଣି ହ' ହ'ଟି ବେକରେ ବନ୍ଧା !"

ବୋଉ ଘନଘନଶ୍ୱାସ ପକାଇ ଉଠି ଚାଲିଗଲା ।

ରୋହଣୀ ବାବୁଙ୍କ ଖଟିଆ ପାଖରେ କିଏ ଦୁ'ଜଣ ଠିଆ-ହୋଇଛନ୍ତି—ଦୂରରୁ ଦେଖିଲି । ଅନୁମାନ କଲି ଚନ୍ଦ୍ରକାନ୍ତ ତ ଜଣେ ନିଶ୍ଚୟ, ଆଉ ଜଣେ କିଏ ?

ପାଖକୁ ଗଲି । ରଜନୀ ନମସ୍କାରଟିଏ କରି କାତର ହୋଇ ଠିଆହେଲା । ରୋହଣୀ ବାବୁଙ୍କର ଜୀବନ-ଦୀପ ନିଭି ନିଭି ଆସୁଛି । ଡାକ୍ତରମାନେ ଆଶା ଛାଡ଼ିଦେଇ ସିଏ ଯୁଆଡ଼େ ଚାଲି-ଗଲେଣି । ରୋହଣୀ ବାବୁଙ୍କର ଅତି ପାଖରେ ଯାଇଁ ଠିଆ-ହେଲି । ମୋତେ ଦେଖି ମୁହଁଟା ତାଙ୍କର ଉଜ୍ଜ୍ୱଳ ହୋଇ-ଉଠିଲା—ନିଭିଲା ଦୀପ ଜଳି ଉଠିଲା ଭଳି । କ'ଣ ଇଙ୍ଗିତ କରି ମୋତେ କହିଲେ କିଛି ବୁଝିପାରିଲି ନାହିଁ । ଆଖିରୁ ତାଙ୍କର ଦୁଇଧାର ଅଶ୍ରୁ ଗଡ଼ିପଡ଼ିଲା । ମଣିଷ ଜୀବନରେ ସେଇ ତାଙ୍କର ଶେଷ ଅଶ୍ରୁଧାରା !

# ପଞ୍ଚଦଶ

"ଭଲ ଅଛ ତ ମାଳମା ?"

"ଭଲ ? ଭଲ ଆଉ ମନ୍ଦ—ବିଧବା ଜୀବନରେ ଏ ଦ'ଟା ସମାନ । ଗୋଟାଏ ବସ୍ତୁ; କୌଣସିଠିର ସ୍ୱାତନ୍ତ୍ୟ ନାହିଁ ।"

"ବିଧବା ଜୀବନରେ ? ଦେହ ଓ ମନକୁ କ'ଣ ଏକ କରିପାରିଲଣି ମାଳମା ?" ତାଙ୍କ ପାଖରେ କଥାଗୁଡ଼ା ମୋର ଗୁରେଇଗୁରେଇ ହୋଇଗଲା ।

ସେ କିଛି କହି ପାରିଲେ ନାହିଁ । ତଳକୁ ଚାହିଁ ରହିଲେ ଚିନ୍ତିତା ହୋଇ—

ହସ୍‌ପିଟାଲ୍‌ରେ ରୋହିଣୀ ବାବୁଙ୍କ ମୃତ୍ୟୁପରେ ରଜନୀ ମାଳମା ପ୍ରଭୃତିଙ୍କୁ ଧରି ମଧୁପୁର ଗଡ଼ି ଚାଲିଗଲି । ବୋଉ ଦୁଃଖ କଲା । ପାଖରୁ ନ ଛାଡ଼ିବା ପାଇଁ ଜିଦ୍ କଲା କିନ୍ତୁ ମାଳମାଙ୍କୁ ମଧୁପୁର ଯିବାକୁ ପଡ଼ିଲା । ଦାରୁଣ ବିଚ୍ଛେଦରେ ଛାତିଟା ମୋର କରତ ହୋଇଉଠିଲା । ମନରେ ମୋହ, ଆଖିରେ ନିଶା ଲଗାଇ କାହିଁକି ମାଳମା ମୋତେ ଛଟପଟ କଲେ ? କି ଅପରାଧ ମୁଁ କରିଥିଲି ତା'ର ? ତା'ର ରୂପଟାକୁ ପାଶୋରିବାକୁ ଚେଷ୍ଟା କଲି କିନ୍ତୁ ହେଲାନାହିଁ । ତାର ଚପଳ ଚାହାଣି ଆଖି ଆଗରେ ମୋର ବରାବର ଭାସି ଉଠିଲା । ଆଖି ବୁଜିଲି—ତଥାପି ଦୃଷ୍ଟିର ଅନ୍ଧକାର ଭିତରେ ତା'ର ଅନୁପମ ଛବି ଜାଜ୍ୱଲ୍ୟମାନ ! ଭାବିଥିଲି, ଦେଖା

କରିବ ନାହିଁ, ସେ ଯାଉଛି ତ ଯାଉ ! ସେମାନେ ସମସ୍ତେ ଗାଡ଼ିରେ ବସିଲେ—ମୁହୂର୍ତ୍ତିକେ ଗାଡ଼ି ଛାଡ଼ିଦେବ ! ନ ଯିବ କେମିତି ? ମାଳମା କ'ଣ ଭାବିବ ? ମନରେ କାଳେ ଆଘାତ ପାଇବ ! ଦୃଢ଼ତା ରକ୍ଷାକରି ପାରିଲି ନାହିଁ—ପାଖକୁ ଯାଇଁ କହିଲି, "ଆରେ ପାର୍ଥ, ଯାଉଚ ସବୁ ! କେବେ ଆସିବ ପୁଣି, ନା ଆଉ ଆସିବ ନାହିଁ ?" ରଜନୀ ବାହାରପଡ଼ି କହିଲା, "ସେମାନେ ଶୁଦ୍ଧିବାଦ କାମ ସାରି ଆସିବେ । ନ ଆସିଲେ ପିଲାମାନଙ୍କର ପଢ଼ାପଢ଼ି ହେବ କେମିତି ? ଆମର ସେଠି ପଢ଼ାପଢ଼ିର ତ କିଛି ସୁବିଧା ନାହିଁ । ଏମାନଙ୍କର ଘରେ କାମ କ'ଣ ?" ଆଖି ବୁଲାଇ ମାଳମାକୁ ଚାହିଁଲି । ସ୍ଥିର ଦୃଷ୍ଟିରେ ସେ ମୋ ଆଡ଼େ ଚାହିଁ ରହିଛି—ଅଭିମାନରେ ତାର ମୁହଁଟା ଫୁଲି ଉଠିଛି । ଅନ୍ୟ କୌଣସି କଥା କହିବା ପୂର୍ବରୁ ଗାଡ଼ି ଛାଡ଼ି-ଦେଲା । ରଜନୀର କଥାରେ ମନରେ ହଠାତ୍ ଗୋଟାଏ କ୍ଷୁଦ୍ର ଆଶା ଅଙ୍କୁରି ଉଠି ଅବାସ୍ତବର ଅନ୍ଧକାରରେ ମଉଳିଗଲା । ତଥାପି ତାଙ୍କର ଦୁଆର ତାଲାଟି ଉପରେ ମୁଁ ବରାବର ଦୃଷ୍ଟି ରଖିଥାଏ ! ଦିନପରେ ଦିନ ହୋଇ ଗୋଟାଏ ମାସ ବିତିଗଲା, ତଥାପି ତାଙ୍କ ଦୁଆର ତାଲା ଖୋଲିଲା ନାହିଁ । ଆଶଙ୍କା, ସନ୍ଦେହ ଓ ଉଦ୍‌ବେଗରେ ମନ ମୋର ଖଣ୍ଡଖଣ୍ଡ ହୋଇଗଲା । ବୋଉ କହିଲା, "ମାଳ ହରିକା ଆସିବେନି ବୋଧହୁଏ—ଚିଠି ବି ଖଣ୍ଡେ ଦେଲେ ନି !" ମଞ୍ଜୁ କହିଲା, "ଜିନିଷପତ୍ର ସବୁ ଅଛି, ଆସିବେ ନାହିଁ !" ମୁଁ କହିଲି, "କ'ଣ ହେଲା ତ କିଛି ଜାଣି ହଉନି, ନିଜେ ଯିବି ବୋଲି ଭାବୁଛି—"

ମୁଁ ପୁଣି ଆରମ୍ଭ କଲି, "ଏତେ ନିର୍ଦ୍ଦୟ ହୋଇ କେମିତି ମାସେ କାଳ ରହିପାରିଲ ? ଚିଠି ଖଣ୍ଡେ ବି—"

ନୀଳମା ସେମିତି ତଳକୁ ମୁହଁ ପୋତି ରହିଲା, ନୁଖୁରା ବାଳଗୁଡ଼ାକ ତା'ର ଫୁର୍‌ଫୁର୍ ହୋଇ ଉଡ଼ୁଥାଏ ! ସିନ୍ଦୂର-ବିହୀନ-ସିନ୍ଥି ତା'ର ଗୋଟାଏ ଦାରୁଣ ଆଘାତର ଦାଗ ଭଳି ଦେଖାଯାଉଥାଏ । ସୁନାକାଚ-ଝଲ୍‌ମଲ୍ ହାତ ଦୁଇଟି ତା'ର ରିକ୍ତତାର ବେଦନାରେ କରୁଛନ୍ତି ହାୟ ହାୟ ! ମଳିନ ବାସ ଭିତରେ ତାର ଚକ୍‌ଚକ୍ ସୁନା ଦେହଟି କଳାକାଠ ପଡ଼ିଯାଇଛି । ଏ କ'ଣ ନୀଳମାର ଜୀବନ୍ତ-ମୃତ୍ୟୁ ?

ନୀଳମା ସେମିତି ତଳକୁ ମୁହଁ ପୋତି କହିଲା, "ବିଧବାର ଚିଠି—କାହା ପାଖକୁ ?"

ଆଶ୍ଚର୍ଯ୍ୟ ହୋଇ କହିଲି, "ଏ କ'ଣ ନୀଳମା ? ବିଧବା ବିଧବା କହି ନିଜକୁ ଏତେ ତୁଚ୍ଛ ମନେକର ନା ! ଜଳନ୍ତା ମନଟାକୁ ମୋର ଇନ୍ଧନ ଯୋଗାଇ ପାଉଁଶ କର ଦିଅନା ! ବିଧବା ସଧବା ମୁଁ କିଛି ଜାଣେନା ନୀଳମା ! ତୁମେ ମୋ ପାଖରେ ଏପର୍ଯ୍ୟନ୍ତ ସେଇ ଅପୂର୍ବ ଲାବଣ୍ୟମୟୀ ନୀଳମା— ତୁମର ମନଭୁଲା ରୂହାଣି ଏପର୍ଯ୍ୟନ୍ତ ମୋର ଅମୂଲ୍ୟ ସମ୍ପଦ ନୀଳମା !! ନିଜକୁ ଦୂରରୁ ଟାଣିଆଣି ଭାବୁଛ, ମୁଁ ତମକୁ ଭୁଲି-ଯାଇଛି, ଘୃଣା କରୁଛି । ତମର ସେଗୁଡ଼ା ଦୁର୍ବଳତା ! ଜନ୍ମଗତ ସଂସ୍କାରର ପ୍ରଭାବ ! ତମ ଜୀବନର ଗତିକୁ ଭାଙ୍ଗି ତମକୁ କ'ଣ ପଥହରା କର ଚାଲିଯିବ ନୀଳମା ? ଏ ଆଶଙ୍କା, ଏ ଦୁର୍ବଳତା ତୁମ ମନରେ କାହିଁକି ? ମନଟାକୁ ସଂସ୍କାରରୁ ମୁକ୍ତକର, ଦାସତ୍ୱରୁ ମୁକ୍ତକର ତାକୁ ବାଟ ଦିଅ । ସେ ତାର ମନୋମତ ସାଥି ସାଙ୍ଗରେ ଚାଲୁ—"

ନୀଳମା ଜୋର୍‌ରେ ଗୋଟାଏ ନିଶ୍ୱାସ ଛାଡ଼ି କହିଲା, "ମନକୁ ଆଜି ଚାଲିବାକୁ ଦେବି ? ବିପଦକୁ ଡାକିଆଣି ଘରେ ପୂରାଇବି—"

ଏ କି ରହସ୍ୟ !! ନୀଳିମା ତେବେ କ'ଣ ତା'ର ମନର ମୋହକୁ, ପ୍ରାଣର ବନ୍ଧନକୁ ବୈଧବ୍ୟ ଅଗ୍ନି ଭିତରେ ଆହୂତି ଦେଇଛି ? ସେ କ'ଣ ଏଥିରୁ ଦୂରେଇ ରହିବାକୁ ଚାହେଁ ?"

ଉତ୍ସୁକ ହୋଇ ପଚାରିଲି, "କିଛି ବୁଝି ପାରୁନି ନୀଳିମା !"

"ଜଣକୁ ବୁଝାଇବାକୁ ଆସି ନିଜେ ନ ବୁଝିପାରିବାହିଁ ଆଶ୍ଚର୍ଯ୍ୟ—"

ଅଧୀର ହୋଇ କହିଉଠିଲି, "ଏ ତ ଆହୁରି ଆଶ୍ଚର୍ଯ୍ୟ ନୀଳିମା—"

ନୀଳିମା ମୁଣ୍ଡଟେକି କହିଲା, "ଆଶ୍ଚର୍ଯ୍ୟ ! ମୋ କଥାଟା ଆଶ୍ଚର୍ଯ୍ୟ !! ଆଉ ସଂସାରୀ ହୋଇ ଗୋଟାଏ ବିଧବାର ହଜିଲା ମନକୁ ଖୋଜି ବସିବା ଆଶ୍ଚର୍ଯ୍ୟ ନୁହେଁ ?"

ମୋର ଆଶା, ଆକାଙ୍‌କ୍ଷା ଓ ଉତ୍ସାହ ଉପରେ ଗୋଟାଏ ବଜ୍ର ପ୍ରହାର ! ମୁଣ୍ଡଟା ମୋର ବୁଲିଗଲା ! ଦୃଷ୍ଟିପଥ ମୋର ଗୋଟାଏ ଇନ୍ଦ୍ରଜାଲରେ ଆବୃତ ହୋଇଗଲା ! ଭାବିଲି, ନାରୀ କ'ଣ ଗୋଟାଏ ମାୟା ? ମୋହ ଲଗାଇବା ତା'ର ଗୋଟାଏ କ'ଣ ପେଷା ? ପୁରୁଷର ମନ ନେଇ ସେ କ'ଣ ପିଲାଖେଳ ଖେଳେ ? କି ଲାଭ ପାଏ ସେ ସେଥିରେ ? ଏଇ ସେଇ ନୀଳିମା —ସରଳା ସୌମ୍ୟା !! ସେ ଦିନ ଯେ କହିଥିଲା—ମନଟା ମୋର ମୋ ଭିତରେ ନାହିଁ—କିଏ ଯେମିତି ଚୋରାଇ ନେଇଛି । ଆଉ ଆଜି ? ଆଜି ଏ କି ପରିବର୍ତ୍ତନ ? ଅବଶ୍ୟ ତାର ବାହାରର ପରିବର୍ତ୍ତନ ହୋଇଛି ! ହାତରୁ ଚୁଡ଼ୀ ଓ ମଥାରୁ ସିନ୍ଦୂର ଖସି-ପଡ଼ିଛି ! କିନ୍ତୁ ଚୁଡ଼ୀ-ସିନ୍ଦୂର ଭିତରେ ତ ତାର ପ୍ରାଣ ନଥିଲା ! ନିରୁପାୟ ହୋଇ ସେ ରୋହିଣୀ ବାବୁଙ୍କୁ ସ୍ୱାମୀକରି ଆସିଥିଲା—

ସମାଜର ଜୁଆଳକୁ ସେ ବାଧହୋଇ କାନ୍ଧେଇଥିଲା । ଆଜ ତ ସେ ବାଧବାଧକତା ଯାଇଛି । ଏଇକ୍ଷଣି ଶରୀର ମୁକ୍ତ, ମନ ବି ମୁକ୍ତ ! ତେବେ—

କହିଲି, "ନୀଳମା, ସଂସାରୀ ଥାଇ ମୁଁ ତ ତମକୁ ମୂଳରୁ ଚାହିଁ ଆସିଛି, ସେଥିପାଇଁ ସମସ୍ତ ବାଧାବନ୍ଧ ଏଡ଼ିବାକୁ ବି ସାହସ ବାନ୍ଧିଛି ! ବିଧବା ହେଲ ବୋଲି ମୁଁ ତ ଅପସରି ଯାଉନି ! ଆଗରୁ ମୁଁ ତମକୁ ଯେମିତି ଚାହିଁ ଆସିଛି, ଏଇକ୍ଷଣି ବି ସେମିତି ଚାହୁଁଛି । ତମର ବୈଧବ୍ୟ ମୋ ହୃଦୟର ମାୟାକୁ ତ ଛୁଣ୍ଡାଇ ଦେଇନି ନୀଳମା ! ମୁଁ ପ୍ରାଣର ସେଇ ଭଲ ପାଇବାର ଅର୍ଘ୍ୟ ନେଇ ଆସିଛି ତୁମ ପାଖକୁ—"

ନୀଳମା ମୁହଁ ଉପରକୁ କରି ମୋ ଆଡ଼େ ଚାହିଁଲା । ଆଖିରେ ଗୋଟାଏ କେମିତି ଇତସ୍ତତଃ ଭାବ ! କ'ଣ କହିବ କହିବ ବୋଲି ମୁଣ୍ଡ ପୁଣି ତଳକୁ କଲା ।

ମୁଁ ପୁଣି କହିଲି, "ଯେଉଁ ସମାଜ ତମକୁ କହେ ବିଧବା, ସେଇ ସମାଜ ତମକୁ ଦିନେ ରେବତୀ ବାବୁଙ୍କ ବେକରେ ଛନ୍ଦିଥିଲା । ସମାଜର ସେ କାର୍ଯ୍ୟକୁ ତୁମେ କ'ଣ ହାର୍ଦ୍ଦିକ ସମର୍ଥନ କରୁଛ ନୀଳମା ? ମନଟା ତମର ସମାଜର ନାଲି ଆଖିକୁ ଡରି କ'ଣ ରହିପାରୁଛି ? ଆଜ ସେଇ ସମାଜ ତମକୁ କହେ ବିଧବା—ଆଜୀବନ ବ୍ରହ୍ମଚାରିଣୀ ରହିବାକୁ ଦିଏ ଉପଦେଶ ! ହୃଦୟ ଭିତରକୁ ଚାହିଁଲି, ହାତ ଓ ସିନ୍ଥି ତମର ଯେମିତି ଏଇକ୍ଷଣି ଖାଲି, ମନଟା ତମର ସେମିତି ଖାଲି ହୋଇଛି ତ ? ମନ କ'ଣ ତମର ଏ ମୋହ, ଏ ବନ୍ଧନକୁ ଉପେକ୍ଷା କରିବାକୁ ଚାହେଁ ? କହ, ସତ କହ, ନୀଳମା !"

ଟିକଏ ରହି ମୁଁ ପୁଣି କହିଲି, "ତୁମେ ନା ସେଦିନ କହିଥିଲ, "ରୋହିଣୀ ବାବୁଙ୍କୁ ସ୍ୱାମୀ କରି ଆସିଛ ନିରୁପାୟ ହୋଇ—। ତା ଯଦି ହୁଏ ତା'ହେଲେ ରୋହିଣୀ ବାବୁଙ୍କର ବିୟୋଗ ବା ବିଚ୍ଛେଦରେ ତମର ଯାଏ ଆସେ କ'ଣ ?"

ନୀଳିମା ସେମିତି ତଳକୁ ମୁହଁ ପୋତି ରହିଲା, କିଛି ପ୍ରତ୍ୟୁତ୍ତର ନାହିଁ। ପାଖକୁ ଗଲି। ଅକାଳ-ମଉଳା ମୁଖପଦ୍ମ ତା'ର ତୋଳି ଧରିଲି, "କହ ନୀଳିମା, ଦେବ କଥା ଶୁଣିବାପାଇଁ ଏତେ ବାଟରୁ ଧାଇଁ ଆସିଛି—"

ନୀଳିମା ତଥାପି କିଛି କହିପାରିଲା ନାହିଁ କେବଳ ମୁହଁଟାକୁ ଆଣି ମୋ ବାହୁ ଉପରେ ରଖିଲା। ବାହୁ ମୋର କ୍ଷଣକେ ଆର୍ଦ୍ର ହୋଇଉଠିଲା।

ମୁଁ ବ୍ୟସ୍ତହୋଇ କହିଲି, "ଏ କ'ଣ ନୀଳିମା ? ମୀମାଂସାର ବେଳେ ଦୁର୍ବଳତା ସ୍ପୃହଣୀୟ ନୁହେ। ତୁମର ମନକୁ ବୁଝି ସଫା ସଫା କହ, ଏ ମୋହର ବିକାଶ କରିବାକୁ ଚାହଁ ନା ସମାଧି ଦେବାକୁ ଚାହଁ ?"

ଆକୁଳକଣ୍ଠରେ ନୀଳିମା କହିଲା, "ମୁଁ ଆଜି ବିଧବା ସତ କିନ୍ତୁ ସ୍ୱାଧୀନ ନୁହେ। ସ୍ୱାମୀର ଦାସତ୍ୱ ମୋର ଦୂର ହୋଇଥିଲେହେଁ ସଂସାର ଜଞ୍ଜାଳ ମୋର ଲାଗିରହିଛି।"

"ସଂସାର ଜଂଜାଳ, ସେ କ'ଣ ?"

"ଦୁଇଟି ପିଲା ଓ ଗୋଟିଏ ଯୁବତୀ ଝିଅର ଦାୟିତ୍ୱ ମୋ ଉପରେ—"

"ଓ, ଏଇସବୁ କ'ଣ ତମ ସ୍ୱାଧୀନ ସଂସାର କଣ୍ଟକ ? ପାର୍ଥ ସିଦ୍ଧାର୍ଥଙ୍କୁ ମୁଁ ତ ପରିତ୍ୟାଗ କରିବାକୁ କହୁନି। ଆଉ ଶିପ୍ରା—ତାର ବିବାହରେ ହିଁ ତୁମ ଦାୟିତ୍ୱର ସମାପ୍ତି ! ବର

ଦେଖାଇବାକୁ ବେଶୀ ବାଟ ବି ଯିବାକୁ ପଡ଼ିବ ନାହିଁ—ଚନ୍ଦ୍ରକାନ୍ତଙ୍କୁ ତ ଦେଖିଥିବ ! ସରଳଭାବେ ପଚାରୁଛି ମାଳମା, ଏ ସବୁ ଛଳନା ଦେଖାଇ ମୋତେ ଆଉ ଛଟପଟ କରନା । ସବୁ ବାଧାବିଘ୍ନ ମୁଁ ଅତିକ୍ରମ କରିବାକୁ ପ୍ରସ୍ତୁତ ଅଛି ! ତୁମେ ମୋର ସାଥି ହୋଇ ପାରିବ କି ନାହିଁ, ଖାଲି ଥରେ କୁହ ! ସମାଜର ଭୟକୁ, ସଂସାର ଜଞ୍ଜାଳକୁ ବଡ଼କରି ଧରିଥାଅ ପଛେ, ମୋର ସେଥିରେ କିଛି ଯାଏ ଆସେ ନା !”

ମାଳମା ହଠାତ୍ ମୋତେ ଛନଛନ ହୋଇ ପ୍ରଶ୍ନ ପଚାରିଲା, “ତୁମେ ପ୍ରସ୍ତୁତ ଅଛ ? ମାଉସୀ, ମଉସା ଓ ମଞ୍ଜୁ-ଦେଈ—ୟାଙ୍କୁ ସବୁ ସାରାଜୀବନ ଭୁଲି ରହିବାକୁ ପ୍ରସ୍ତୁତ ଅଛ ? ଏମାନଙ୍କଠୁଁ ଦୂରରେ ରହିବାକୁ ପ୍ରସ୍ତୁତ ଅଛ ?”

ଚଡ଼ା ସ୍ୱରରେ କହିଲି, “ଖୁବ୍ ପ୍ରସ୍ତୁତ ?”

ମାଳମା ମୋ ମୁହଁକୁ ଚାହିଁ କହିଲା, “ହାୟ, ହାୟ, ତୁମେ ଖୁବ୍ ପ୍ରସ୍ତୁତ ! କେଉଁ ମୁହଁରେ ଏ କଥା କହୁଛ ? ମୋର ପାଇଁ ତୁମେ ମଉସା ମାଉସୀଙ୍କୁ ଛାଡ଼ିବାକୁ ପ୍ରସ୍ତୁତ ! କି ହୃଦୟ-ହୀନ ତୁମେ ? ଆଉ ଲବଙ୍ଗ ଦେଈ ! ସେ ତୁମର ବିବାହିତା ସ୍ତ୍ରୀ ! ଧର୍ମକୁ ସାକ୍ଷୀ ରଖି ବିବାହ କରିଛ ! ତମ ନିକଟରେ ଯେତେ ଅପଦାର୍ଥ ହେଲେ ବି ମୋ’ରି ଲାଗି ସେ ଚିରଦିନ ଶୋକସାଗରରେ ଭାସିବେ ! ତାଙ୍କର ନିଶ୍ୱାସ ଆମର ଏ ପ୍ରେମ ସଂସାରକୁ ଜାଳି-ପୋଡ଼ି ପାଉଁଶ କରିଦେବ ! ଯେଉଁ ନାରୀର ନିଶ୍ୱାସରେ ସ୍ୱର୍ଣ୍ଣମୟୀ ଲଙ୍କାପୁରୀ ଧ୍ୱଂସ ହୋଇଥିଲା ସେହି ଜାତିର ବଂଶଧର ଲବଙ୍ଗଦେଈ ! କ୍ଷମାକର ମୋତେ, ମୁଁ ତମର ଏ ଧ୍ୱଂସପଥରେ ସହଯାତ୍ରିଣୀ ହୋଇପାରିବି ନାହିଁ—ମୋର ଅନ୍ତରାତ୍ମା ବାରମ୍ବାର ବିଦ୍ରୋହୀ ହୋଇ ଉଠୁଛି । ଏ ମାୟାର କୁହୁକ ଭେଳକି

ସ୍ତବ ନଥିଲା, ପରିଣତି କ'ଣ ହବ ଯାର ? ଅନ୍ଧପଣ ତା ପଛରେ ମନଟା ମୋର ଧାଇଁଥିଲା—ଗୋପନରେ ତାଙ୍କ ଅଭିବୃଦ୍ଧିକୁ ମଣୁଥିଲି ସୁଖକର ! ! ଆଉ ଆଜି ? ଆଜି ବି ମୁଁ ଜାଣୁଛି, ମନଟା ମୋର ଖାଲି ହୋଇନି । ଯାହାକୁ ମନ ମୋର ସନ୍ଧାନ କରି ଆପଣାର କରି ନେଇଛି, ତାକୁ ଗୁଡ଼ି ଟାରୁଛି ତଥାପି—। ଏତେ ବଡ଼ ଦାରୁଣ ପରିସ୍ଥିତି ଭିତରେ ଭଲ ପାଇବାକୁ ପ୍ରକାଶ୍ୟ ରୂପରେଖ ଦେବାକୁ ମୁଁ ପଶ୍ଚାତ୍ପଦ ! ମୋ ଜୀବନ ତ ଯାହା ହୋଇଛି ହୋଇଛି ! ଗୋଟାଏ ଜୀବନ ଲାଗି ଏତେ ବଡ଼ ପ୍ରଳୟର ସୃଷ୍ଟି—ନା, ନା, ମୁଁ ପାରିବ ନାହିଁ ! ତୁମେ ଫେରିଯାଅ, ଲବଙ୍ଗ ଦେବୀଙ୍କ ଜୀବନକୁ ଉନ୍ନତ କରିବାକୁ ଚେଷ୍ଟା କର—”

ମସ୍ତିଷ୍କର ଶିରାପ୍ରଶିରା ଭିତରେ ମୋର ଯେମିତି ଅଗ୍ନିପ୍ରବାହ ଛୁଟିଗଲା । ବସିବା ଜାଗାଟା ମୋର ଦୋହଲି ଉଠିଲା । ସ୍ଥିର ହୋଇ ବସିବା ମୋ ପକ୍ଷେ ଅସମ୍ଭବ ହେଲା । ସନ୍ଧ୍ୟାର ଅନ୍ଧକାରକୁ ଭ୍ରୂକ୍ଷେପ ନକରି ମୁଁ ବାହାରି ପଡ଼ିଲି—

ମୁଦ୍ରାକର—ମହମ୍ମଦ ଅବ୍ଦୁଲ୍ ହାଦି, ଲକ୍ଷ୍ମୀନାରାୟଣ ପ୍ରେସ୍, କଟକ, ୧୯୬୦